# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 44 ◆ISSUE-86 ◆SATURDAY ◆19 SEPTEMBER 2026 ◆PAGE-12 ◆₹ 7.00

PANIKOILI

◆ବର୍ଷ-୪୪ ◆ସଂଖ୍ୟା-୮୬ ◆ଶନିବାର ◆୧୯ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




‘ରାଜା’ର ପ୍ରଥମ ଝଲକ୍

▶ପୃଷ୍ଠା ୧୧ ଦେଖନ୍ତୁ...

# ଆଜିଠାରୁ ଏସିଆନ୍ ଗେମ୍ସ

■ ଟୋକିଓ, ୧୮।୯ (ଏଜେନ୍ସି): ଜାପାନର ଆଇଚି-ନାଗୋୟାଠାରେ ଆସନ୍ତାକାଲିଠାରୁ ୨୦ତମ ଏସିଆନ ଗେମ୍ସ ବା ଏସିଆଡ୍ ଆୟୋଜିତ ହେବ। ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତାଭାବେ ବିବେଚିତ ଏହି ପ୍ରତିଯୋଗିତା ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୫ରେ ଶେଷ ହେବ। ଏସିଆ ମହାଦେଶର ୪୬ଟି ଦେଶରୁ ପାଖାପାଖି ୧୦,୮୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ୧୬ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଚୀନ୍, ଜାପାନ, ଦକ୍ଷିଣ କୋରିଆ, ଇରାନ ଓ ଭାରତ ସର୍ବାଧିକ ପଦକ ଜିତିବା ଲାଗି ଲଢ଼େଇ କରିବେ। ମୋଟ ୪୩ଟି କ୍ରୀଡ଼ା ଶୃଙ୍ଖଳାରେ ୭୧ଟି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ହେବ। ମୋଟ ୪୬୯ଟି ମେଡାଲ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଖେଳାଳିଙ୍କ ଲାଗି ରହିବା, ଖାଇବା, ଯାତାୟତ, ଅଭ୍ୟାସ ଲାଗି ଭେନ୍ୟୁ ଓ ଇକ୍ୱିପମେଣ୍ଟର ଅଭାବ ଯୋଗୁଁ ଏସିଆନ ଗେମ୍ସରେ ଅବ୍ୟବସ୍ଥା ଲାଗି ରହିଛି। ବିଶ୍ୱର ଦ୍ୱିତୀୟ ବୃହତ୍ତମ କ୍ରୀଡ଼ା ପ୍ରତିଯୋଗିତା ଅବ୍ୟବସ୍ଥା ଓ ଅରାଜକତା ମଧ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି।

ମେଡାଲ ବିଜୟରେ ୫ମ ସ୍ଥାନରେ ରହିଥିବା ଭାରତ ଏଥର ୩୬ଟି କ୍ରୀଡ଼ା ଶୃଙ୍ଖଳାରେ ଅଂଶଗ୍ରହଣ କରିବ। ଏଥିରେ ୪୯୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଡୋପ୍ ଟେଷ୍ଟରେ ଧରାପଡ଼ିବା, ଆହତ ହେବା ଯୋଗୁଁ ଏହି ସଂଖ୍ୟା କମିଯିବାର ଆଶଙ୍କା ରହିଛି। ଭାରତର ଶକ୍ତି ହେଉଛି ଆଥଲେଟିକ୍ସ। ଏଥିରେ ସର୍ବାଧିକ୍ ପଦକ ବିଜୟୀ ହେବାର ସମ୍ଭାବନା ରହିଛି। ପୁରୁଷ ଓ ମହିଳା ଦଳଗତ ଖେଳର ହକି ଓ କ୍ରିକେଟ ବ୍ୟତୀତ କବାଡି, ସୁଟିଂ, ଆର୍ଚରୀ, ସିପକଟାକ୍ର, ଲନ୍ ଟେନିସ ଓ ରେସଲିଂରେ ଭାରତ ଅଧିକ ପଦକ ଜିତିବ ବୋଲି ଆଶା କରାଯାଉଛି। ହକି ଖେଳ ଲାଗି ଏହି ପ୍ରତିଯୋଗିତା ବେଶ ଗୁରୁତ୍ୱ ରଖିଛି। ଏଠାରେ ସ୍ୱର୍ଣ୍ଣପଦକ ବା ଚାମ୍ପିଅନ ହେଲେ ୨୦୨୮ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏଭଳି ସୁଯୋଗ ଆର୍ଚରୀର କିଛି ବିଭାଗ, ସ୍କ୍ୱାଶ୍ ଓ ଲନ ଟେନିସରେ ମଧ୍ୟ ରହିଛି। ଭାରତ ପୂର୍ବାପେକ୍ଷା ଏଥର ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି।



# ଚକ୍ରବ୍ୟୁହରେ ମମତା

## ନନ୍ଦୀଗ୍ରାମ ମହାସମର

### ଶୁଭେନ୍ଦୁଙ୍କୁ ଭେଟିବା ପରେ ଓହରିଗଲେ ମମତାଙ୍କ ପ୍ରାର୍ଥୀ

### ମମତାଙ୍କ ସମର୍ଥନ ପରେ କଂଗ୍ରେସ ପ୍ରାର୍ଥୀ ମିଳନ ଗିରଫ

■ ନୂଆଦିଲ୍ଲୀ/କୋଲକାତା, ୧୮।୯ (ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ଆଭ୍ୟନ୍ତରୀଣ ବିବାଦ ଏବେ ନୂଆ ରାଜନୈତିକ ମୋଡ଼ ନେଇଛି। ଦଳର ନାମ ଓ ନିର୍ବାଚନୀ ଚିହ୍ନକୁ ନେଇ ବିବାଦ ମଧ୍ୟରେ ନିର୍ବାଚନ କମିଶନ ଦୁଇ ଗୋଷ୍ଠୀକୁ ଅଲଗା ନାମ ଓ ଚିହ୍ନ ଦେଇଛନ୍ତି। ମମତା ବାନାର୍ଜୀଙ୍କ ଗୋଷ୍ଠୀ ‘ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ’ ନାମରେ ‘ଫୁଟବଲ ଖେଳାଳି’ ଚିହ୍ନରେ ଏବଂ ଅରୂପ ରାୟଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ‘ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ’ ନାମରେ ‘ଲଫାପା’ ଚିହ୍ନରେ ନିର୍ବାଚନ ଲଢ଼ିବ। ଏହି ବ୍ୟବସ୍ଥା ଅକ୍ଟୋବର ୬ରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଅନ୍ତରୀଣ ଭାବେ ଲାଗୁ ହେବ। ପଶ୍ଚିମବଙ୍ଗ ସହ ତୃଣମୂଳର ବିଧାୟକ ଥିବା ଅନ୍ୟ ରାଜ୍ୟରେ ବି ଏହି ନିୟମ ଲାଗୁ ହେବ।

ନିର୍ବାଚନ କମିଶନ ଗୁରୁବାର ‘ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ’ ନାମ ଏବଂ ଦଳର ପାରମ୍ପରିକ ‘ଫୁଲ-ଘାସ’ ଚିହ୍ନର ବ୍ୟବହାର ଉପରେ ଅଙ୍କୁଶ ଲଗାଇଛନ୍ତି। ଦଳର ନାମ ଓ ଚିହ୍ନ ଉପରେ ଉଭୟ ଗୋଷ୍ଠୀ ଦାବି କରୁଥିବାରୁ ଏହି ଅନ୍ତରୀଣ ବ୍ୟବସ୍ଥା କରାଯାଇଛି। ମୂଳ ନାମ ଓ ଚିହ୍ନ ଉପରେ ଅଧିକାର କାହାର ରହିବ, ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ପରବର୍ତ୍ତୀ ପର୍ଯ୍ୟାୟରେ ହେବ। ଉଭୟ ଗୋଷ୍ଠୀକୁ ବିକଳ୍ପ ନାମ ଓ ମୁକ୍ତ ଚିହ୍ନର ପସନ୍ଦ ଦେବାକୁ କୁହାଯିବା ପରେ ମମତାଙ୍କ ଦଳକୁ ଫୁଟବଲ ଖେଳାଳି ଏବଂ ତୃଣମୂଳର ବିଦ୍ରୋହୀ ଗୋଷ୍ଠୀକୁ ଲଫାପା ଚିହ୍ନ ପ୍ରଦାନ କରାଯାଇଛି। ୧୯୯୮ରେ କଂଗ୍ରେସଠାରୁ ଅଲଗା ହୋଇ ମମତା ବାନାର୍ଜୀ ତୃଣମୂଳ କଂଗ୍ରେସ ଗଠନ କରିଥିଲେ। ଦୀର୍ଘବର୍ଷ ଧରି ଦଳର ନିର୍ବାଚନୀ ପରିଚୟ ଭାବେ ରହିଥିବା ପାରମ୍ପରିକ ଚିହ୍ନର ବ୍ୟବହାର ଉପରେ ଏଭଳି ପ୍ରତିବନ୍ଧକ ଦଳୀୟ ବିବାଦକୁ ଆହୁରି ଜଟିଳ କରିଛି। ମମତା ଏହି ନିଷ୍ପତ୍ତିକୁ ବିରୋଧ କରି ମୂଳ ନାମ ଓ ଚିହ୍ନ ଉପରେ ନିଜ ଦାବି ଜାରି ରଖିବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଏହି ବିବାଦ ମଧ୍ୟରେ ନନ୍ଦୀଗ୍ରାମ ଉପନିର୍ବାଚନ ମଧ୍ୟ ନୂଆ ମୋଡ଼ ନେଇଛି। ମମତା ଗୋଷ୍ଠୀର ପ୍ରାର୍ଥୀ ସଞ୍ଚିତା ପ୍ରଧାନ ଦେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟିବା ପରେ ନିଜ ପ୍ରାର୍ଥିତ୍ୱ ପ୍ରତ୍ୟାହାର କରିଛନ୍ତି। ସଞ୍ଚିତା ନିଜର ନାମାଙ୍କନ ପ୍ରତ୍ୟାହାର କରିନେବା ପରେ ମମତା ବାନାର୍ଜୀ ନନ୍ଦୀଗ୍ରାମରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ସମର୍ଥନ ଘୋଷଣା କରିଛନ୍ତି। ଇଣ୍ଡିଆ ମେଣ୍ଟକୁ ଶକ୍ତିଶାଳୀ କରିବା ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ ବୋଲି ମମତା କହିଛନ୍ତି। କଂଗ୍ରେସ ମମତାଙ୍କ ନିଷ୍ପତ୍ତି ଉପରେ କୌଣସି ମନ୍ତବ୍ୟ ଦେଇନଥିଲେ ହେଁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି ଯେ ଦଳ ମମତାଙ୍କ ସମର୍ଥନ ମାଗିନଥିଲା ବୋଲି କହିଛନ୍ତି। ତେବେ ମମତା କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ସମର୍ଥନ ▶ପୃଷ୍ଠା-୭



**ତୃଣମୂଳ କଂଗ୍ରେସର ଦୁଇ ଗୋଷ୍ଠୀକୁ ନୂଆ ନାମ ଓ ଚିହ୍ନ**

**ମମତାଙ୍କ ଗୋଷ୍ଠୀକୁ ‘ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ’ ନାମ ସହ ‘ଫୁଟବଲ ଖେଳାଳି’ ଚିହ୍ନ**

**ବିଦ୍ରୋହୀ ଗୋଷ୍ଠୀକୁ ‘ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ’ ନାମ, ‘ଲଫାପା’ ଚିହ୍ନ**

# ନମାଜ ବେଳେ ଆତ୍ମଘାତୀ ବିସ୍ଫୋରଣ; ୧୬ ମୃତ

■ କୋହାଟ, ୧୮।୯ (ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶର କୋହାଟ ଜିଲ୍ଲାରେ ଶୁକ୍ରବାର ନମାଜ ସମୟରେ ମସଜିଦ ନିକଟରେ ବିସ୍ଫୋରଣ ଘଟିଛି। ଏଥିରେ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ଜଣ ପୁଲିସ କର୍ମଚାରୀ ଓ ୧୧ ଜଣ ସାଧାରଣ ନାଗରିକ ରହିଛନ୍ତି ଏବଂ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିସ୍ଫୋରଣର ପ୍ରଭାବରେ ମସଜିଦର ବାହାର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସହ ଏକ କାନ୍ଥ ଭୁଶୁଡ଼ି ପଡ଼ିଛି। ସୂଚନା ଅନୁସାରେ, ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ି ପୁରୁଣା ପୁଲିସ ଲାଇନ୍ସର ଗେଟ୍‌ରେ ଧକ୍କା ଦେବା ପରେ ବିସ୍ଫୋରଣ ଘଟିଥିଲା। ଘଟଣା ପରେ କୋହାଟ-ହାଙ୍ଗୁ ରାସ୍ତାକୁ ବନ୍ଦ କରାଯାଇଛି। ଆହତଙ୍କ ସଂଖ୍ୟା ବଢ଼ିବାରୁ ହସ୍ପିଟାଲରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ବିସ୍ଫୋରଣର ପ୍ରକୃତ କାରଣ ଓ ଏହା ପଛରେ କିଏ ରହିଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ଓ ସୁରକ୍ଷା ଏଜେନ୍ସି ତଦନ୍ତ ଜାରି ରଖିଛନ୍ତି। ଘଟଣାକୁ ନେଇ ଖାଇବର ପଖତୁନଖ୍ୱା ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦି ବିସ୍ତୃତ ରିପୋର୍ଟ ତଲବ କରିଛନ୍ତି। ନିରୀହ ଲୋକଙ୍କୁ ଟାର୍ଗେଟ୍ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ବୋଲି ସେ କହିବା ସହ ଆହତଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟପାଳ ଫୈସଲ କରିମ କୁଣ୍ଡି ମଧ୍ୟ ବିସ୍ଫୋରଣକୁ ନିନ୍ଦା କରିଛନ୍ତି। ଗ୍ଲୋବାଲ ଟେରରିଜମ୍ ଇଣ୍ଡେକ୍ସ ୨୦୨୫ ଅନୁସାରେ, ବୁର୍କିନା ଫାସୋ ପରେ ପାକିସ୍ତାନ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଆତଙ୍କବାଦ କାର୍ଯ୍ୟକଳାପ ହେଉଥିବା ଦେଶ।



## ଉତ୍ତର ଆଣ୍ଡାମାନରେ ପଶିଲା ଘୂର୍ଣ୍ଣିବଳୟ

# ଆଜି ସୃଷ୍ଟି ହେବ ଲଘୁଚାପ

■ ଭୁବନେଶ୍ୱର, ୧୮।୯ (ସମିସ): ଉତ୍ତର ଥାଇଲାଣ୍ଡ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶୁକ୍ରବାର ସନ୍ଧ୍ୟାରେ ଆଣ୍ଡାମାନ ସାଗରକୁ ପ୍ରବେଶ କରିଛି। ଏହାର ପ୍ରଭାବରେ ଶନିବାର ସନ୍ଧ୍ୟା ସୁଦ୍ଧା ଉତ୍ତର ଆଣ୍ଡାମାନ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ଏହି ଲଘୁଚାପ ଧୀରେ ଧୀରେ ଅଧିକ ଘନୀଭୂତ ହେବା ସହ ପରବର୍ତ୍ତୀ ୩-୪ ଦିନ ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ସୃଷ୍ଟି ପରେ ବାତ୍ୟାରେ ପରିଣତ ହେବ କି ନାହିଁ ତାହା ସ୍ପଷ୍ଟ ହେବା ସହ ସମ୍ଭବତଃ ରବିବାର ବେଳକୁ ସମ୍ପୂର୍ଣ୍ଣ ଚିତ୍ର ଆକଳନ କରାଯିବାର ସମ୍ଭାବନା ରହିଛି।

ଅନ୍ୟପଟେ ଆଇଏମ୍‌ଡି ପକ୍ଷରୁ ଏହାର ଗତିପଥ ଓ ତୀବ୍ରତା ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଆକଳନ କରାଯାଇ ନ ଥିଲେ ମଧ୍ୟ ଏହା ଅବପାତର ରୂପ ନେବ ବୋଲି ପ୍ରାଥମିକ ଭାବେ କୁହାଯାଇଛି। ତେଣୁ ୨୨ ତାରିଖଠାରୁ ରାଜ୍ୟରେ ଏହାଦ୍ୱାରା ବର୍ଷା ବଢ଼ିବ ବୋଲି ଆଇଏମ୍‌ଡି କହିଛି। ୨୨ରୁ ବର୍ଷା ବଢ଼ି ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବାରୁ ଏବେଠାରୁ ବିଭିନ୍ନ ▶ପୃଷ୍ଠା-୭




**୨୨ରୁ ରାଜ୍ୟରେ ବଢ଼ିବ ବର୍ଷାର ପରିମାଣ**

**ତୀବ୍ରତା ଓ ଗତିପଥକୁ ନେଇ ଅନିଶ୍ଚିତତା**

## ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ

# ବାଚସ୍ପତିଙ୍କୁ ହାଇକୋର୍ଟଙ୍କ ଜବାବତଲବ

■ କଟକ, ୧୮।୯ (ସମିସ): ଦଳୀୟ ହୁଇପ ଅମାନ୍ୟ କରି ରାଜ୍ୟସଭା ନିର୍ବାଚନରେ କ୍ରସ୍‌ଭୋଟିଂ କରିଥିବା ୮ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗରେ ବାଚସ୍ପତିଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ବିଜେଡି ପକ୍ଷରୁ ଦାୟର ଆବେଦନର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ପ୍ରସଙ୍ଗରେ ଅଦାଲତ ବିଧାନସଭାର ବାଚସ୍ପତିଙ୍କୁ ଜବାବ ତଲବ କରିଛନ୍ତି ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ। ଶୁଣାଣିବେଳେ ବାଚସ୍ପତିଙ୍କ ପକ୍ଷରୁ ଆଡ଼ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଜବାବ ଦାଖଲ ପାଇଁ ସମୟ ଲୋଡିବାରୁ ହାଇକୋର୍ଟ ଆସନ୍ତା ୨୯ ତାରିଖରେ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ସେହିପରି ଆଜି ବିଧାୟକ ଚକ୍ରମଣି କହଁର ଓ ବିଧାୟିକା ସୁବାସିନୀ ଜେନା ପକ୍ଷଭୁକ୍ତ ଥିବା ଦୁଇ ଗୋଟି ପିଟିସନର ପ୍ରାରମ୍ଭିକ ଶୁଣାଣି ହୋଇଥିବା ବେଳେ ବାକି ୬ବିଧାୟକଙ୍କ ବିରୋଧରେ ରୁଜୁ ୬ଟି ମାମଲା ତାଲିକାଭୁକ୍ତ ହେବା ପରେ ଶୁଣାଣି କରାଯିବ ବୋଲି ସୂଚନା ମିଳିଛି।

ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍ ଉଲ୍ଲଂଘନ କରି ପୂର୍ବରୁ ନିଲମ୍ବିତ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କ ସହ ରମାକାନ୍ତ ଭୋଇ, ସୁବାସିନୀ ଜେନା, ନବକିଶୋର ମଲ୍ଲିକ, ଚକ୍ରମଣୀ କହଁର, ସୌଭିକ ବିଶ୍ୱାଳ ଓ ଦେବୀରଞ୍ଜନ ତ୍ରିପାଠୀ କ୍ରସ ଭୋଟିଂ କରିଥିଲେ। ଦଳୀୟ ଅନୁଶାସନ ଭଙ୍ଗ ଯୋଗୁଁ ଦଳ ପକ୍ଷରୁ ଅନ୍ୟ ୬ ଜଣଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା ଓ ପରେ ଏମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏପ୍ରିଲ୍ ୨୭ରେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଦଳୀୟ ହ୍ୱିପ୍ ନ ମାନି ସ୍ୱେଚ୍ଛାକୃତ ଭାବରେ ଦଳ ବିରୋଧରେ ଯାଇଥିବାରୁ ସମ୍ବିଧାନର ଦଶମ ପରିଚ୍ଛେଦ ଅନୁଯାୟୀ ସେମାନଙ୍କର ସଭ୍ୟପଦ ରଦ୍ଦ କରିବାକୁ ଶ୍ରୀମତୀ ମଲ୍ଲିକ ଦାବି କରିଥିଲେ। ମାତ୍ର ଜୁନ୍ ୨୨ରେ ବାଚସ୍ପତି ଏହି ଆବେଦନକୁ ଖାରଜ କରିଦେଇଥିଲେ। ଏହା ବିରୋଧରେ ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବିଷୟବସ୍ତୁ, ତଥ୍ୟ ପ୍ରମାଣ କିମ୍ବା ଯୁକ୍ତିକୁ ବିଚାର ନକରି ବୈଷୟିକ ବା ପ୍ରକ୍ରିୟାଗତ କାରଣରୁ ଏପରି ପିଟିସନ ଖାରଜ କରାଯାଇଥିଲା ବୋଲି ▶ପୃଷ୍ଠା-୭




**ଦୁଇଟି ପିଟିସନ ଉପରେ ପ୍ରାରମ୍ଭିକ ଶୁଣାଣି**

## ଦିଲ୍ଲୀରୁ ଫେରିଲେ ନବୀନ

# ୟୁପିଆଇ ଶୁଳ୍କକୁ ନେଇ ଚିନ୍ତାପ୍ରକଟ



■ ଭୁବନେଶ୍ୱର, ୧୮।୯ (ସମିସ): ଦିଲ୍ଲୀ ଗସ୍ତ ସାରି ଭବନେଶ୍ୱର ଫେରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୁବନେଶ୍ୱର ଫେରିବା ପରେ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୟୁପିଆଇ କାରବାର ଉପରେ ଲାଗୁ କରାଯାଇଥିବା ଟିକସ ବ୍ୟବସ୍ଥାକୁ ନେଇ ନବୀନ ଚିନ୍ତା ପ୍ରକଟ କରିଛନ୍ତି। ନବୀନ କହିଛନ୍ତି, କୌଣସି ବି ସ୍ଥିତିରେ ସାଧାରଣ ଲୋକ ଓ ଛୋଟ ବ୍ୟବସାୟୀଙ୍କର କ୍ଷତି ହେବା ଉଚିତ ନୁହଁ। ସେମାନଙ୍କ ସ୍ୱାର୍ଥ ସର୍ବଦା ସୁରକ୍ଷିତ ରହିବା ଦରକାର ବୋଲି ନବୀନ କହିଛନ୍ତି। ସୂଚନା ଥାଉ କି ଗତ ସେପ୍ଟେମ୍ବର ୧ରେ ନବୀନ ଦିଲ୍ଲୀ ଗସ୍ତରେ ଯାଇଥିଲେ। ଏହି ଗସ୍ତ ସମୟରେ ନବୀନ ନିଜ ଦିଲ୍ଲୀସ୍ଥିତ ବାସଭବନରେ ରହିଥିବା ବେଳେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ନବୀନଙ୍କୁ ସାକ୍ଷାତ କରିଥିଲେ।

## ଓଲଟ ପାଲଟ



ଭାରତର ଅର୍ଥ ମନ୍ତ୍ରୀ ମାନନୀୟା
ନିର୍ମଳା ସୀତା ରମଣ
ନୋଟ ବନ୍ଦୀ ପରେ କ୍ୟାସ ଲେସ ପ୍ରଥା
ଦେଶରେ କଲ ଭିଆଣ !
ଭାରତୀୟ ଜନ ଗଣ
ତୁମ କଥା ମାନି ୟୁପିଆଇରେ
କଲେ ସବୁ ଦେଣ ନେଣ !
ଦି ହଜାର ପରେ ଦଣ୍ଡ ଗଣିବେ
ବେପାରୀଙ୍କୁ କିଆଁ ହାଣ ?

-ଯାଯାବର

# ପ୍ରେମକୁ ବିରୋଧ କରି କଙ୍ଗାରୁ କୋର୍ଟ

### ୨ ଦିନ ବାନ୍ଧି ରଖିବା ପରେ ପୁଲିସକୁ ଜିମାଦେଲେ

■ ସାରସକଣା, ୧୮।୯ (ସମିସ): ପ୍ରେମ ସମ୍ପର୍କକୁ ନେଇ କଙ୍ଗାରୁ କୋର୍ଟ। ଯୁବକ ଓ ଦୁଇ ପିଲାର ମାଆଙ୍କୁ ବାନ୍ଧି ଅକଥନୀୟ ଅତ୍ୟାଚାର। ଭିଡିଓ ଭାଇରାଲ ପରେ ଦୁଇଦିନ ପରେ ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ପୁଲିସକୁ ଜିମା ଦେଇଛନ୍ତି। ସାରସକଣା ବ୍ଲକ ଯୋକା ପଞ୍ଚାୟତରେ କଙ୍ଗାରୁ କୋର୍ଟର ଏକ ବର୍ବର ଚିତ୍ର ସାମ୍ନାକୁ ଆସିଛି। ଯାହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ତୀବ୍ର ଗତିରେ ଭାଇରାଲ ହେବାରେ ଲାଗିଛି।



ସୂଚନା ମୁତାବକ, ରତିଲା ଗ୍ରାମର ଜଣେ ଯୁବକଙ୍କ ସହ ଯୋକା ଗ୍ରାମର ଜଣେ ଦୁଇଟି ସନ୍ତାନ ଥିବା ମହିଳାଙ୍କ ମଧ୍ୟରେ ଇନଷ୍ଟାଗ୍ରାମ ଜରିଆରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଭେଟାଭେଟି ହେଉଥିବାବେଳେ ଗ୍ରାମବାସୀ ସେମାନଙ୍କୁ କାବୁ କରି ଗଛରେ ଦଉଡ଼ି ବାନ୍ଧି ଅଟକ ରଖିଥିଲେ। ଗ୍ରାମ ମୁଖିଆ ଓ ପାରମ୍ପରିକ ମାଝିମାନଙ୍କୁ ଡାକି କଙ୍ଗାରୁ କୋର୍ଟ ବସାଇ ଜେରା କରିବା ସହ ଅକଥନୀୟ ନିର୍ଯାତନା ଦେଇଥିଲେ। ଦୁଇଦିନ ଧରି ସେମାନଙ୍କୁ ଏଭଳି ଅଟକ ରଖାଯାଇଥିବାବେଳେ ▶ପୃଷ୍ଠା-୭

## ‘ସେମିକନ୍ ଇଣ୍ଡିଆ ୨୦୨୬’ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ନରାଜରେ ହେବ ‘ଓଡ଼ିଶା ସିଲିକନ୍ ଭ୍ୟାଲି’

### ଓଡ଼ିଶାକୁ ମିଳିଲା ୨୩୬୦୦ କୋଟିର ନିବେଶ ପ୍ରସ୍ତାବ

### ଖଣି ଅର୍ଥନୀତିରୁ ଜ୍ଞାନ ଅର୍ଥନୀତି ଆଡ଼କୁ ଓଡ଼ିଶାର ଅଗ୍ରଗତି

■ ଭୁବନେଶ୍ୱର, ୧୮।୯ (ସମିସ): କଟକର ନରାଜଠାରେ ୮୭୦ ଏକର ପରିମିତ ଜମିରେ ‘ଓଡ଼ିଶା ସିଲିକନ୍ ଭାଲି’ ନିର୍ମାଣ କରାଯିବ। ଏହାଦ୍ୱାରା ସେଠାରେ ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍ ସୃଷ୍ଟି ହୋଇପାରିବ। ନୂଆଦିଲ୍ଲୀ ଠାରେ ଆୟୋଜିତ ‘ସେମିକନ୍ ଇଣ୍ଡିଆ ୨୦୨୬’ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଭବିଷ୍ୟତ ଓ ନୂତନ ନିବେଶକୁ ଦୃଷ୍ଟିରେ ରଖି ଏହି ଘୋଷଣା କରିଛନ୍ତି। ଦେଶର ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରୁଛି ମୁଖ୍ୟମନ୍ତ୍ରୀ କହିବା ସହ ରାଜ୍ୟରେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରକଳ୍ପଗୁଡ଼ିକୁ ଏକାଠି କରି ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍‌ରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନରାଜର ଭୌଗଳିକ ଅବସ୍ଥିତି ଶିଳ୍ପ ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ। ଏଠାରୁ ଭୁବନେଶ୍ୱର-କଟକ ସହରାଞ୍ଚଳ କରିଡର ସହ ସୁଗମ ଯୋଗାଯୋଗ ସୁବିଧା ରହିବା ସହ ମହାନଦୀ ନିକଟବର୍ତ୍ତୀ ହୋଇଥିବାରୁ ଆବଶ୍ୟକ ଜଳ ଯୋଗାଣ ମଧ୍ୟ ସହଜ ହୋଇପାରିବ। ଏହାଛଡ଼ା, ପାରାଦୀପ ଏବଂ ଧାମରା ବନ୍ଦର ସହ ସଂଯୋଗ ରହୁଥିବାରୁ ଏହା ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପାଇଁ ଏକ ମୁଖ୍ୟ କେନ୍ଦ୍ର ପାଲଟିବ। ▶ପୃଷ୍ଠା-୭







ସକାଳ THE SAKALA
www.sakalaepaper.com

## ୮ ଲକ୍ଷ ଲାଞ୍ଚ ନେବାବେଳେ ଧରାପଡ଼ିଲେ ଜିଏସ୍‌ଟି ଅଧିକାରୀ

ବେଙ୍ଗାଲୁର, ୧୮।୯(ଏଜେନ୍ସି): ୮ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ କେନ୍ଦ୍ରୀୟ ଜିଏସ୍‌ଟିର ଜଣେ ଅଧୀକ୍ଷକଙ୍କୁ ବେଙ୍ଗାଲୁରୁ ସିଟି ଲୋକାୟୁକ୍ତ ଧରିଛି। ଅଭିଯୁକ୍ତ ଅଧିକାରୀ ହେଉଛନ୍ତି ମୋହିତ ପ୍ରତାପ ସିଂହ। ଲୋକାୟୁକ୍ତ ପକ୍ଷରୁ କରାଯାଇଥିବା ଫାନ୍ଦ ଅଭିଯାନ ସମୟରେ ଟଙ୍କା ଗ୍ରହଣ କରୁଥିବା ଦୃଶ୍ୟ କ୍ୟାମେରାରେ ରେକର୍ଡ ହୋଇଥିବା ଜଣାପଡ଼ିଛି। ଲୋକାୟୁକ୍ତଙ୍କ ଅନୁସାରେ, ବ୍ୟବସାୟୀ ସୟଦ ଜମିରଙ୍କ ଉପରେ ବକେୟା କେନ୍ଦ୍ରୀୟ ଜିଏସ୍‌ଟି ମାମଲାରେ ଏକ କଥିତ ମିଥ୍ୟା ଅଭିଯୋଗ ବନ୍ଦ କରିବା ପାଇଁ ସିଂହ ୮ ଲକ୍ଷ ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ଲୋକାୟୁକ୍ତ ଅଧିକାରୀମାନେ ଫାନ୍ଦ ପକାଇଥିଲେ। କୋରମଙ୍ଗଳାସ୍ଥିତ କେନ୍ଦ୍ରୀୟ ସଦନରେ ନିଜ କାର୍ଯ୍ୟାଳୟ ଭିତରେ ଜଣେ ମଧ୍ୟସ୍ଥଙ୍କ ଜରିଆରେ ଟଙ୍କା ଗ୍ରହଣ କରୁଥିବା ବେଳେ ସିଂହଙ୍କୁ ଧରାଯାଇଥିବା ଲୋକାୟୁକ୍ତ କହିଛି।

## ୪ ପାଇଲଟ୍‌ଙ୍କ ସହ ୮ ଜଣଙ୍କୁ ନିଲମ୍ବିତ କଲା ଏୟାର ଇଣ୍ଡିଆ ଏକ୍ସପ୍ରେସ

ନୂଆଦିଲ୍ଲୀ, ୧୮।୯(ଏଜେନ୍ସି): ବିମାନ ଅବତରଣ ପରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବାଧ୍ୟତାମୂଳକ ବ୍ରେଥ୍ ଆନାଲାଇଜର୍ ପରୀକ୍ଷା ନକରିବା ଅଭିଯୋଗରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ୪ ଜଣ ପାଇଲଟ୍‌ଙ୍କ ସମେତ ୮ ଜଣ କ୍ରୁ ସଦସ୍ୟଙ୍କୁ ୩ ମାସ ପାଇଁ ନିଲମ୍ବିତ କରିଛି। ଅଗଷ୍ଟ ୨ରେ ଏହି କ୍ରୁ ସଦସ୍ୟମାନେ ଦୁବାଇ-ଅମୃତସର ବିମାନରେ କାର୍ଯ୍ୟ କରୁଥିଲେ। ଡିଜିସିଏ ନିୟମ ଅନୁଯାୟୀ, ବିଦେଶରୁ ଆସୁଥିବା ବିମାନର କ୍ରୁ ସଦସ୍ୟଙ୍କୁ ଅବତରଣର ୨ ଘଣ୍ଟା ମଧ୍ୟରେ ବ୍ରେଥ୍ ଆନାଲାଇଜର୍ ପରୀକ୍ଷା କରାଇବାକୁ ପଡ଼ିବ। କିନ୍ତୁ ଅଭିଯୋଗ ଅନୁଯାୟୀ, ଅମୃତସରରେ ବିମାନ ଅବତରଣ ପରେ କ୍ରୁ ସଦସ୍ୟମାନେ ପ୍ରଥମେ ଏକ ହୋଟେଲକୁ ଯାଇଥିଲେ। ପ୍ରାୟ ୨ ଘଣ୍ଟା ୩୫ ମିନିଟ୍ ପରେ ବିମାନବନ୍ଦରକୁ ଫେରି ପରୀକ୍ଷା କରାଇଥିଲେ। ପରୀକ୍ଷାରେ ସମସ୍ତଙ୍କ ଫଳାଫଳ ମଦ୍ୟପାନ ମୁକ୍ତ ଥିଲା। ତଥାପି ନିର୍ଦ୍ଧାରିତ ସମୟ ଅତିକ୍ରମ କରିବାକୁ ନିୟମ ଉଲ୍ଲଂଘନ ଭାବେ ଗ୍ରହଣ କରାଯାଇଛି।

## ଝିଅକୁ ହତ୍ୟା ପରେ ଫ୍ରିଜ୍‌ରେ ରଖି ବାପାର ଆତ୍ମହତ୍ୟା

ଅମରେଲି, ୧୮।୯(ଏଜେନ୍ସି): ଗୁଜରାଟର ଅମରେଲି ଜିଲ୍ଲାରେ ଆର୍ଥିକ ସଙ୍କଟ ଯୋଗୁଁ ଜଣେ ୪୦ ବର୍ଷୀୟ ବ୍ୟକ୍ତି ନିଜ ୫ ବର୍ଷୀୟ ଝିଅକୁ ହତ୍ୟା କରିବା ପରେ ମୃତଦେହକୁ ଫ୍ରିଜ୍‌ରେ ରଖି ନିଜେ ଆତ୍ମହତ୍ୟା କରିଥିବା ପୁଲିସ କହିଛି। ମୃତକ ହେଉଛନ୍ତି ନିର୍ମାଣସ୍ଥଳ ସୁପରଭାଇଜର କିଶୋର ଧନକ। ତାଙ୍କ ଝିଅ ହିମାଂଶୀଙ୍କ ବୟସ ୫ ବର୍ଷ। ପୁଲିସ ଅନୁଯାୟୀ, ବୁଧବାର କିଶୋର ଘରେ ଝିଅଙ୍କ ସହ ଥିଲେ। ସେ ଝିଅର ମୁହଁ ହାତରେ ଚାପି ଶ୍ୱାସରୁଦ୍ଧ କରିଥିବା ଅଭିଯୋଗ ହୋଇଛି। ପରେ ମୃତଦେହକୁ ଫ୍ରିଜ୍‌ରେ ରଖି ସେ ଛାତ ପଙ୍ଖାରେ ଝୁଲିପଡ଼ିଥିଲେ। ଘରୁ ୩ଟି ଆତ୍ମହତ୍ୟା ନୋଟ୍ ମିଳିଛି। ଗୋଟିଏ ନୋଟ୍‌ରେ ବ୍ୟକ୍ତିଗତ ଋଣ ନେଇ ନିର୍ମାଣ କାମରେ ଟଙ୍କା ଲଗାଇଥିବା ଏବଂ ୭.୨୫ ଲକ୍ଷ ଟଙ୍କା ମିଳି ନ ଥିବାରୁ ସେ ଆର୍ଥିକ ସଙ୍କଟରେ ପଡ଼ିଥିବା ଉଲ୍ଲେଖ ରହିଛି। ଝିଅ ନିଜ ପରେ ଯେପରି ଯନ୍ତ୍ରଣା ଭୋଗିବାକୁ ନପଡ଼ୁ, ସେଥିପାଇଁ ତାଙ୍କୁ ହତ୍ୟା କରିଥିବା ସେ ଅନ୍ୟ ନୋଟ୍‌ରେ ଲେଖିଥିବା ପୁଲିସ କହିଛି।

## ୮ ବାଂଲାଦେଶୀ ନାଗରିକଙ୍କ ସହ ୯ ଜଣଙ୍କୁ ଆଜୀବନ ଜେଲ୍

ହାଇଦରାବାଦ୍, ୧୮।୯(ଏଜେନ୍ସି): ମାନବ ଚାଲାଣ ମାମଲାରେ ହାଇଦ୍ରାବାଦର ଏକ ସ୍ୱତନ୍ତ୍ର ଅଦାଲତ ୯ ଜଣଙ୍କୁ ଆଜୀବନ କାରାଦଣ୍ଡ ଦେଇଛନ୍ତି। ଦଣ୍ଡିତଙ୍କ ମଧ୍ୟରେ ୮ ଜଣ ବାଂଲାଦେଶୀ ନାଗରିକ ଅଛନ୍ତି। ୨୦୧୯ରେ ଚାକିରି ଦେବାର ପ୍ରଲୋଭନ ଦେଖାଇ ବାଂଲାଦେଶୀ ମହିଳାଙ୍କୁ ଭାରତ ଆଣିବା ଏବଂ ପରେ ଦେହ ବ୍ୟବସାୟରେ ନିୟୋଜିତ କରାଯାଇଥିବା ମାମଲାରେ ଏହି ରାୟ ଆସିଛି। ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଅନୁଯାୟୀ, ୨୦୧୯ ସେପ୍ଟେମ୍ବରରେ ତେଲଙ୍ଗାନା ପୁଲିସ ହାଇଦ୍ରାବାଦର ଜଲପଲ୍ଲୀ ଅଞ୍ଚଳରେ ଚଢ଼ାଉ କରି ୩ ଜଣ ବାଂଲାଦେଶୀ ମହିଳାଙ୍କୁ ଉଦ୍ଧାର କରିଥିଲା। ପରେ ଏନ୍‌ଆଇଏ ତଦନ୍ତ ହାତକୁ ନେଇଥିଲା। ତଦନ୍ତରେ ଏକ ସଂଗଠିତ ମାନବ ଚାଲାଣ ନେଟୱର୍କର ସନ୍ଧାନ ମିଳିଥିବା ଏନ୍‌ଆଇଏ କହିଛି। ୨୦୨୦ରେ ୧୨ ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ ହୋଇଥିଲା। ଅଦାଲତ ୯ ଜଣଙ୍କୁ ଆଜୀବନ ଦଣ୍ଡ ସହ ମୋଟ ୧.୩୭ ଲକ୍ଷ ଟଙ୍କା ଜରିମାନା କରିଛନ୍ତି।

## ‘ଭୋଟ ଚୋରି, ସରକାର ଚୋରି, ଏବେ ଦଳ ଚୋରି’ ରାହୁଲଙ୍କ ଟାର୍ଗେଟରେ ବିଜେପି-ନିର୍ବାଚନ ଆୟୋଗ



■ ଟିଏମ୍‌ସିର ନାମ, ଚିହ୍ନ ଫ୍ରିଜ୍ କରିବା ନେଇ ବଢ଼ିଲା ରାଜନୈତିକ ବିବାଦ

ନୂଆଦିଲ୍ଲୀ, ୧୮।୯(ଏଜେନ୍ସି): ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଦଳୀୟ ନାମ ଓ ପାରମ୍ପରିକ ନିର୍ବାଚନୀ ଚିହ୍ନ ‘ଫୁଲ ଓ ଘାସ’କୁ ଅନ୍ତରୀଣ ଭାବେ ଫ୍ରିଜ୍ କରିବା ନିର୍ବାଚନ ଆୟୋଗର ନିଷ୍ପତ୍ତିକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। ଏହି ନିଷ୍ପତ୍ତିକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ ଆୟୋଗ ଓ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ ଗାନ୍ଧୀ ଏକ୍ସରେ ଏକ ପୋଷ୍ଟ କରି ଅଭିଯୋଗ କରିଛନ୍ତି ଯେ ଶିବସେନା, ଏନ୍‌ସିପି ପରେ ଏବେ ଟିଏମ୍‌ସିକୁ ନେଇ ମଧ୍ୟ ସମାନ ଧରଣର ଘଟଣା ଘଟୁଛି। ତାଙ୍କ ଅଭିଯୋଗ ଅନୁଯାୟୀ, ବିଜେପି ଓ ନିର୍ବାଚନ ଆୟୋଗ ମିଶି ରାଜନୈତିକ ଦଳଗୁଡ଼ିକୁ ଭାଙ୍ଗୁଛନ୍ତି ଏବଂ ପରେ ସେମାନଙ୍କ ନିର୍ବାଚନୀ ଚିହ୍ନ ଛଡ଼ାଇ ନିଆଯାଉଛି। ‘ଭୋଟ ଚୋରି, ସରକାର ଚୋରି, ଏବେ ଦଳ ଚୋରି’ ଭଳି ଶବ୍ଦ ବ୍ୟବହାର କରି ସେ ନିର୍ବାଚନୀ ବ୍ୟବସ୍ଥାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ତେବେ ନିର୍ବାଚନ ଆୟୋଗର ନିଷ୍ପତ୍ତିର ପୃଷ୍ଠଭୂମିରେ ଟିଏମ୍‌ସି ମଧ୍ୟରେ ଦଳୀୟ ନିୟନ୍ତ୍ରଣକୁ ନେଇ ଦୁଇଟି ଗୋଷ୍ଠୀର ଦାବି ରହିଛି। ମମତା ବାନାର୍ଜୀ ଓ ଅରୂପ ରାୟଙ୍କ ନେତୃତ୍ୱାଧୀନ ଦୁଇ ଗୋଷ୍ଠୀ ନିଜକୁ ପ୍ରକୃତ ଟିଏମ୍‌ସି ଭାବେ ଦାବି କରିବା ପରେ ଆୟୋଗ ଏହି ବିବାଦର ଶୁଣାଣି କରୁଛି। ଅନ୍ତରୀଣ ବ୍ୟବସ୍ଥା ଭାବେ ଉଭୟ ଗୋଷ୍ଠୀକୁ ମୂଳ ଦଳର ନାମ ଓ ଚିହ୍ନ ବ୍ୟବହାର ନକରିବାକୁ କୁହାଯାଇଛି। ଅକ୍ଟୋବର ୬ରେ ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଓ ରେଜିନଗର ସମେତ ଉପନିର୍ବାଚନ ହେବାକୁ ଥିବାରୁ ଆୟୋଗର ଏହି ଅନ୍ତରୀଣ ନିଷ୍ପତ୍ତିର ତୁରନ୍ତ ନିର୍ବାଚନୀ ପ୍ରଭାବ ରହିଛି। ଉଭୟ ଗୋଷ୍ଠୀକୁ ବିକଳ୍ପ ଦଳୀୟ ନାମ ଓ ମୁକ୍ତ ନିର୍ବାଚନୀ ଚିହ୍ନ ପାଇଁ ବିକଳ୍ପ ଦେବାକୁ କୁହାଯାଇଥିଲା। ଏହି ଘଟଣାକୁ ନେଇ କଂଗ୍ରେସର ସଂଗଠନ ମହାସଚିବ କେସି ବେଣୁଗୋପାଳ ମଧ୍ୟ ନିର୍ବାଚନ ଆୟୋଗର ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ପବନ ଖେଡ଼ା ନିର୍ବାଚନୀ ଅର୍ଥ, ପରିସୀମନ, ଭୋଟର ତାଲିକା ଓ ରାଜନୈତିକ ଦଳ ସମ୍ପର୍କିତ ପ୍ରସଙ୍ଗ ଉଠାଇ ଆୟୋଗର ଭୂମିକା ଉପରେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ, ଏହି ନିଷ୍ପତ୍ତି ଟିଏମ୍‌ସିର ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ଦଳୀୟ ନିୟନ୍ତ୍ରଣ ବିବାଦର ଅନ୍ତରୀଣ ପଦକ୍ଷେପ ବୋଲି ନିର୍ବାଚନ ଆୟୋଗର ଆଦେଶରେ ଦର୍ଶାଯାଇଛି। ଶୁକ୍ରବାର ଆୟୋଗ ଦୁଇ ଗୋଷ୍ଠୀକୁ ନୂଆ ନାମ ଓ ଚିହ୍ନ ଆବଣ୍ଟନ କରିଛି; ମୂଳ ଟିଏମ୍‌ସି ନାମ ଓ ଚିହ୍ନ ଉପରେ ଅନ୍ତିମ ନିଷ୍ପତ୍ତି ପରବର୍ତ୍ତୀ ପର୍ଯ୍ୟାୟରେ ହେବ।

# ଆମେରିକାର ଦୋମୁହାଁ ନୀତି



■ ରୁଷ ତେଲ କିଣୁଥିବା ଦେଶ ଉପରେ କଟକଣା
■ ରୁଷଠାରୁ କିନ୍ତୁ ନିଜେ ୟୁରାନିୟମ୍ କିଣିବ

ୱାଶିଂଟନ, ୧୮।୯(ଏଜେନ୍ସି): ରୁଷରୁ ତେଲ ଓ ପ୍ରାକୃତିକ ଗ୍ୟାସ କିଣୁଥିବା ଦେଶଗୁଡ଼ିକ ଉପରେ କଠୋର କଟକଣା ଲଗାଇବାକୁ ଆମେରିକା ନୂଆ ପଦକ୍ଷେପ ନେଇଛି। ନୂଆ ଆଇନରେ ରୁଷ ତେଲ ଓ ଗ୍ୟାସ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର ବ୍ୟବସ୍ଥା ରହିଛି। ଏହାର ପ୍ରଭାବ ଭାରତ ଓ ଚୀନ୍ ଭଳି ରୁଷରୁ ଇନ୍ଧନ କିଣୁଥିବା ଦେଶ ଉପରେ ପଡ଼ିବ। ତେବେ ଏହି କଠୋର ରୁଷ ବିରୋଧୀ ବ୍ୟବସ୍ଥାରେ ପରମାଣୁ ଇନ୍ଧନ ସମ୍ପର୍କରେ ବିଶେଷ ଛାଡ଼ ରହିଛି। ଏହାଦ୍ୱାରା ଯେପରି ଆମେରିକା ନିଜର ପରମାଣୁ କାର୍ଯ୍ୟକ୍ରମ ପାଇଁ ରୁଷଠାରୁ ନିମ୍ନ-ସମୃଦ୍ଧ ୟୁରାନିୟମ୍ କିଣିବା ଜାରି ରଖିପାରିବ। ‘ଲିଣ୍ଡସେ ଓ ଗ୍ରାହାମ୍ ସ୍ୟାଙ୍କ୍ସନିଂ ରୁଷିଆ ଆଣ୍ଡ ଇରାନ୍ ଆକ୍ଟ, ୨୦୨୬’ ଆମେରିକାର ପ୍ରତିନିଧି ସଭାରେ ପାରିତ ହୋଇଛି। ଏହି ଆଇନ ଅନୁସାରେ ରୁଷରୁ ଅଶୋଧିତ ତେଲ କିମ୍ବା ପ୍ରାକୃତିକ ଗ୍ୟାସ କିଣୁଥିବା, କିମ୍ବା ରୁଷକୁ କଟକଣା ଏଡ଼ାଇବାରେ ସହାୟତା କରୁଥିବା ଦେଶଗୁଡ଼ିକର ସାମଗ୍ରୀ ଉପରେ ରାଷ୍ଟ୍ରପତି ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇପାରିବେ। ଅନ୍ୟପକ୍ଷରେ, ଆଇନର ଏକ ଧାରାରେ ରୁଷରୁ ୟୁରାନିୟମ୍ ଆମଦାନି ଉପରେ ପୂର୍ବରୁ ଥିବା ଆମେରିକୀୟ ନିୟମକୁ ଲାଗୁ କରିବାକୁ କୁହାଯାଇଛି। ଏଥିରେ ରୁଷର ରାଷ୍ଟ୍ରାୟତ୍ତ ପରମାଣୁ ସଂସ୍ଥା ରୋସାଟମ୍ ଏବଂ ଏହାର ସହଯୋଗୀ କିମ୍ବା ଉତ୍ତରାଧିକାରୀ ସଂସ୍ଥାଠାରୁ ଆସୁଥିବା ୟୁରାନିୟମ୍ ମଧ୍ୟ ଅନ୍ତର୍ଭୁକ୍ତ। କିନ୍ତୁ ଅନ୍ୟ ଏକ ଧାରାରେ ଆମେରିକା-ରୁଷ ମଧ୍ୟରେ ନାଗରିକ ପରମାଣୁ ସହଯୋଗ ଚୁକ୍ତି ଅନୁସାରେ ହେଉଥିବା କିଛି କାର୍ଯ୍ୟକୁ ଏହି କଟକଣାରୁ ବାଦ ଦିଆଯାଇଛି। ଆମେରିକାର ପରମାଣୁ ରିଆକ୍ଟର ପାଇଁ ଆବଶ୍ୟକ କେତେକ ନିମ୍ନ-ସମୃଦ୍ଧ ୟୁରାନିୟମ୍ ଆମଦାନି ଏବଂ ଅନୁମତିପ୍ରାପ୍ତ କେତେକ ଚିକିତ୍ସା ଆଇସୋଟୋପ୍ ଆମଦାନି ମଧ୍ୟ ଏହି ଛାଡ଼ରେ ରହିଛି। ଆମେରିକା ରୁଷ ଉପରେ ନିଜର ପରମାଣୁ ଇନ୍ଧନ ନିର୍ଭରଶୀଳତା କମାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ଏହା ତୁରନ୍ତ ସମ୍ଭବ ହୋଇନାହିଁ। ୨୦୨୫ରେ ଆମେରିକାର ନାଗରିକ ପରମାଣୁ କେନ୍ଦ୍ରଗୁଡ଼ିକ ୧୨.୭୧ ନିୟୁତ ଏସ୍‌ଡବ୍ଲ୍ୟୁୟୁ ପରିମାଣର ୟୁରାନିୟମ୍ ସମୃଦ୍ଧୀକରଣ ସେବା ପାଇଥିଲେ। ଏଥିରୁ ରୁଷର ଅଂଶ ପ୍ରାୟ ୨୬%, ଅର୍ଥାତ୍ ୩.୨୮୪ ନିୟୁତ ଏସ୍‌ଡବ୍ଲ୍ୟୁୟୁ ଥିଲା। ପରମାଣୁ ଇନ୍ଧନ ପ୍ରସ୍ତୁତି ପ୍ରକ୍ରିୟା ଜଟିଳ। ୟୁରାନିୟମ୍‌କୁ ରିଆକ୍ଟରରେ ବ୍ୟବହାରଯୋଗ୍ୟ କରିବା ପୂର୍ବରୁ ଏହାର ରୂପାନ୍ତରଣ ଓ ସମୃଦ୍ଧୀକରଣ ଭଳି ଅନେକ ପର୍ଯ୍ୟାୟ ଦେଇ ଯିବାକୁ ପଡ଼େ। ରୁଷ ଦୀର୍ଘ ସମୟ ଧରି ୟୁରାନିୟମ୍ ସମୃଦ୍ଧୀକରଣ କ୍ଷେତ୍ରରେ ନିଜ କ୍ଷମତା ବିକଶିତ କରିଥିବାରୁ ବିଶ୍ୱ ପରମାଣୁ ଇନ୍ଧନ ବଜାରରେ ଏହାର ଗୁରୁତ୍ୱ ରହିଛି। ୨୦୨୪ ମେ’ରେ ଆମେରିକା ରୁଷରୁ ୟୁରାନିୟମ୍ ଉତ୍ପାଦ ଆମଦାନି ଉପରେ ନିଷେଧ ଲଗାଇଥିଲା। ତେବେ କମ୍ପାନିଗୁଡ଼ିକୁ ୨୦୨୮ ଜାନୁଆରି ୧ ପର୍ଯ୍ୟନ୍ତ କେତେକ ପରିସ୍ଥିତିରେ ଛାଡ଼ ପାଇଁ ଆବେଦନ କରିବାର ସୁଯୋଗ ଦିଆଯାଇଛି। ଆମେରିକା ନିଜର ପରମାଣୁ ଇନ୍ଧନ ଯୋଗାଣ ଶୃଙ୍ଖଳକୁ ମଜବୁତ କରିବା ପାଇଁ ୨୭୨ କୋଟି ଡଲାରର ପାଣ୍ଠି ମଧ୍ୟ ଘୋଷଣା କରିଥିଲା। ଆମେରିକା ପ୍ରତିନିଧି ସଭାରେ ବିଲ୍‌ଟି ୨୬୨-୧୫୯ ଭୋଟରେ ପାରିତ ହୋଇଥିବାବେଳେ ସିନେଟ୍‌ରେ ଏହା ୮୬-୧୧ ଭୋଟରେ ଅନୁମୋଦିତ ହୋଇଥିଲା। ଏବେ ଏହା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନୁମୋଦନ ପାଇଁ ଯିବ।

## ଯୁଦ୍ଧ ମଧ୍ୟରେ ଆମେରିକା ଯିବେ ଇରାନ ରାଷ୍ଟ୍ରପତି

ୱାଶିଂଟନ, ୧୮।୯(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଦୀର୍ଘଦିନ ଧରି ସାମରିକ ସଂଘର୍ଷ ଜାରି ରହିଥିବାବେଳେ ଇରାନ ରାଷ୍ଟ୍ରପତି ମସୌଦ ପେଜେସ୍କିଆନ ଆସନ୍ତା ସପ୍ତାହରେ ନ୍ୟୁୟର୍କ ଗସ୍ତ କରିବେ। ସେ ଜାତିସଂଘର ୮୧ତମ ସାଧାରଣ ଅଧିବେଶନରେ ଯୋଗଦେଇ ଉଦ୍‌ବୋଧନ ଦେବେ। ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ମଧ୍ୟ ତାଙ୍କ ସହ ଯିବେ। ଉଭୟଙ୍କୁ ଆମେରିକା ଭିସା ପ୍ରଦାନ କରିଛି। ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମଥର ପାଇଁ ଇରାନର ଏହି ଦୁଇ ଶୀର୍ଷ ନେତା ଆମେରିକା ମାଟିରେ ପାଦ ରଖିବେ। ଜାତିସଂଘର ମୁଖ୍ୟାଳୟ ଆମେରିକାରେ ଥିବାରୁ ୧୯୪୭ ମସିହାର ଜାତିସଂଘ ମୁଖ୍ୟାଳୟ ଚୁକ୍ତି ଅନୁଯାୟୀ ସଦସ୍ୟ ଦେଶର ପ୍ରତିନିଧିଙ୍କୁ ଅଧିବେଶନରେ ଯୋଗଦେବା ପାଇଁ ପ୍ରବେଶ ସୁବିଧା ଦେବାର ଦାୟିତ୍ୱ ଆମେରିକାର ରହିଛି। ତେବେ ଇରାନୀ ପ୍ରତିନିଧିମଣ୍ଡଳ ଉପରେ କଟକଣା ଜାରି ରହିବ। ନ୍ୟୁୟର୍କରେ ସେମାନଙ୍କ ଗତିବିଧି କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ରହିବ। ବିଳାସପୂର୍ଣ୍ଣ ସାମଗ୍ରୀ କିଣିବା ଉପରେ ମଧ୍ୟ ପୂର୍ବରୁ ଥିବା କଟକଣା ଲାଗୁ ରହିବ। ଜାତିସଂଘ ଅଧିବେଶନ ସମୟରେ ଆମେରିକା ଓ ଇରାନ ମଧ୍ୟରେ କୌଣସି ଆଲୋଚନା ହେବ କି ନାହିଁ, ତା’ ଉପରେ ମଧ୍ୟ ନଜର ରହିବ। ଏହି ଗସ୍ତ ଏଭଳି ସମୟରେ ହେଉଛି, ଯେତେବେଳେ ଇରାନ ଯୁଦ୍ଧ ସହ ରୁଷ୍-ୟୁକ୍ରେନ ସଂଘର୍ଷ, ପଶ୍ଚିମ ଏସିଆର ଉତ୍ତେଜନା, ତୈଳ ବଜାର ଓ ବିଶ୍ୱ ଅର୍ଥନୀତି ମଧ୍ୟ ପ୍ରମୁଖ ଆଲୋଚନାର ବିଷୟ ହେବ।

## ୟୁରୋପରୁ ହଟିପାରନ୍ତି ୪୦ ହଜାର ଆମେରିକୀୟ ସୈନ୍ୟ

ୱାଶିଂଟନ, ୧୮।୯(ଏଜେନ୍ସି): ୟୁରୋପରେ ମୁତୟନ ଥିବା ଆମେରିକୀୟ ସୈନ୍ୟଙ୍କ ସଂଖ୍ୟା ପ୍ରାୟ ୪୦ ହଜାର କମାଇବା ନେଇ ଆମେରିକା ବିଚାର କରୁଛି। ବର୍ତ୍ତମାନ ୟୁରୋପରେ ପ୍ରାୟ ୮୦ ହଜାର ଆମେରିକୀୟ ସୈନ୍ୟ ମୁତୟନ ଅଛନ୍ତି। ତେବେ ପେଣ୍ଟାଗନ ଏପର୍ଯ୍ୟନ୍ତ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହିଁ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୀର୍ଘଦିନ ଧରି ନାଟୋ ସଦସ୍ୟ ଦେଶଗୁଡ଼ିକୁ ନିଜ ପ୍ରତିରକ୍ଷା ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ଆହ୍ୱାନ କରୁଛନ୍ତି। ୟୁରୋପ ନିଜ ସୁରକ୍ଷା ପାଇଁ ଆମେରିକା ଉପରେ କମ୍ ନିର୍ଭରଶୀଳ ହେବା ଉଚିତ ବୋଲି ସେ କହିଆସିଛନ୍ତି। ସୈନ୍ୟ ପ୍ରତ୍ୟାହାର ହେଲେ ଜର୍ମାନୀ, ଇଟାଲୀ ଓ ସ୍ପେନ୍ ଅଧିକ ପ୍ରଭାବିତ ହୋଇପାରନ୍ତି। ଜର୍ମାନୀରେ ପ୍ରାୟ ୩୬, ୪୦୦, ଇଟାଲୀରେ ୧୨, ୭୦୦ ଓ ସ୍ପେନରେ ୩, ୮୦୦ ଆମେରିକୀୟ ସୈନ୍ୟ ଅଛନ୍ତି। ଏହି ଦେଶଗୁଡ଼ିକରେ ଆମେରିକାର ପ୍ରମୁଖ ସାମରିକ ଘାଟି ଓ ମୁଖ୍ୟାଳୟ ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ୟୁରୋପରେ ଆମେରିକାର ବଡ଼ ସାମରିକ ଉପସ୍ଥିତି ରହିଛି। ନାଟୋ ସଦସ୍ୟଙ୍କ ସୁରକ୍ଷା, ରୁଷ୍ ବିରୋଧରେ ସାମରିକ କାର୍ଯ୍ୟ ଓ ୟୁକ୍ରେନ୍‌କୁ ସହାୟତାରେ ଆମେରିକୀୟ ସୈନ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି।

## ଲାଭ ପାଇଁ ଚାଲିପାରିବନି ଘରୋଇ ବିଶ୍ୱବିଦ୍ୟାଳୟ



ନୂଆଦିଲ୍ଲୀ, ୧୮।୯(ଏଜେନ୍ସି): ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଲାଭ ଉପାର୍ଜନ ଉଦ୍ଦେଶ୍ୟରେ ଚାଲିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଶିକ୍ଷା ସମ୍ପର୍କିତ ସାର୍ବଜନୀନ ଉଦ୍ଦେଶ୍ୟ ପୂରଣ କରିବା ଏହାର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ବୋଲି ଜଷ୍ଟିସ୍ ଅହସାନୁଦ୍ଦିନ ଅମାନୁଲ୍ଲା ଓ ଏନ୍‌ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। କୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୬ ସପ୍ତାହ ମଧ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଅଡିଟ୍ ହୋଇଥିବା ଆର୍ଥିକ ହିସାବ ଦାଖଲ କରିବାକୁ କହିଛନ୍ତି। ଏଥିରେ ଆୟରୁ ହୋଇଥିବା ଅତିରିକ୍ତ ଅର୍ଥ, ଖର୍ଚ୍ଚ, ବିଭିନ୍ନ ଦେୟ ବାବଦରେ ଆଦାୟ ଅର୍ଥ ଓ କର୍ମଚାରୀଙ୍କ ଦରମାର ବିବରଣୀ ରହିବ। ଏହାସହ ନାମଲେଖା ପ୍ରକ୍ରିୟା, ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି, ଶିକ୍ଷାଦାନର ମାନ, ଶିକ୍ଷକଙ୍କ ନିର୍ଦ୍ଧାରିତ ଓ ବାସ୍ତବ ଶିକ୍ଷାଦାନ ସମୟ ସମ୍ପର୍କରେ ମଧ୍ୟ ତଥ୍ୟ ମଗାଯାଇଛି। ସରକାରଙ୍କଠାରୁ ଜମି ଓ ଅନ୍ୟାନ୍ୟ ସୁବିଧା ପାଇଥିଲେ ତାହାର ବିବରଣୀ ମଧ୍ୟ ଦେବାକୁ ପଡ଼ିବ। ଅମିଟି ବିଶ୍ୱବିଦ୍ୟାଳୟ ସମ୍ପର୍କିତ ଏକ ମାମଲାର ଶୁଣାଣି ବେଳେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।

## ଓସ୍କାର ପାଇଁ ମରାଠୀ ଫିଲ୍ମ ‘ଗୋନ୍ଧଲ’ ମନୋନୀତ



ମୁମ୍ବାଇ, ୧୮।୯(ଏଜେନ୍ସି): ମରାଠୀ ଫିଲ୍ମ ‘ଗୋନ୍ଧଲ’କୁ ୨୦୨୭ ଓସ୍କାର ପାଇଁ ଭାରତର ଅଫିସିଆଲ୍ ପ୍ରବେଶିକା ଭାବେ ଚୟନ କରାଯାଇଛି। ଫିଲ୍ମ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଏହି ଘୋଷଣା କରାଯାଇଛି। ସନ୍ତୋଷ ଦବାଖର ଲେଖିଥିବା ଓ ନିର୍ଦ୍ଦେଶନା ଦେଇଥିବା ଏହି ଫିଲ୍ମ ୯୯ତମ ଏକାଡେମି ପୁରସ୍କାରର ‘ଇଣ୍ଟରନ୍ୟାସନାଲ୍ ଫିଚର୍ ଫିଲ୍ମ’ ବର୍ଗରେ ଭାରତର ପ୍ରତିନିଧିତ୍ୱ କରିବ। ଗ୍ରାମୀଣ ମହାରାଷ୍ଟ୍ରର ପୃଷ୍ଠଭୂମିରେ ନିର୍ମିତ ‘ଗୋନ୍ଧଲ’ର କାହାଣୀ ଜଣେ ନବବିବାହିତ ଦମ୍ପତିଙ୍କୁ କେନ୍ଦ୍ର କରି ଏକ ପାରମ୍ପରିକ ଧାର୍ମିକ ରୀତିନୀତି ସମୟର ଗୋଟିଏ ରାତିର ଘଟଣାକୁ ନେଇ ଗତିଶୀଳ। ୩୩ଟି ଫିଲ୍ମ ମଧ୍ୟରୁ ଏହାକୁ ଚୟନ କରାଯାଇଛି। ଚୟନ କମିଟିର ଅଧ୍ୟକ୍ଷ ଥିଲେ ପି. ଶେଷାଦ୍ରି। ଏହି ଚୟନ ସହ ‘ଗୋନ୍ଧଲ’ ଓସ୍କାର ପାଇଁ ଭାରତର ଅଫିସିଆଲ୍ ପ୍ରବେଶିକା ହୋଇଥିବା ଚତୁର୍ଥ ମରାଠୀ ଫିଲ୍ମ ହୋଇଛି। ଏହା ପୂର୍ବରୁ ‘ଶ୍ୱାସ’ (୨୦୦୫), ‘ହରିଶ୍ଚନ୍ଦ୍ରାଚି ଫ୍ୟାକ୍ଟ୍ରି’ (୨୦୦୯) ଓ ‘କୋର୍ଟ’ (୨୦୧୫) ଭାରତର ପ୍ରତିନିଧି ଭାବେ ଚୟନ ହୋଇଥିଲା। ‘ଗୋନ୍ଧଲ’ ପାଇଁ ସନ୍ତୋଷ ଦବାଖର ପୂର୍ବରୁ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆରେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ‘ସିଲଭର୍ ପିକକ୍’ ପୁରସ୍କାର ପାଇଛନ୍ତି। ୨୦୨୬ ଓସ୍କାର ପାଇଁ ଭାରତ ନୀରଜ ଘାୟୱାନଙ୍କ ‘ହୋମ୍‌ବାଉଣ୍ଡ’କୁ ପଠାଇଥିଲା। ତେବେ ଏହା ଅନ୍ତିମ ମନୋନୟନ ପାଇନଥିଲା। ୯୯ତମ ଏକାଡେମି ପୁରସ୍କାର ୨୦୨୭ ମାର୍ଚ୍ଚ ୧୪ରେ ହଲିଉଡ୍‌ର ଡଲ୍‌ବି ଥିଏଟରରେ ଅନୁଷ୍ଠିତ ହେବ।

## ଦିଲ୍ଲୀରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା

ନୂଆଦିଲ୍ଲୀ, ୧୮।୯(ଏଜେନ୍ସି): ଦିଲ୍ଲୀର ସ୍ୱରୂପ ନଗର ଅଞ୍ଚଳରେ ୧୭ ବର୍ଷୀୟା ନାବାଳିକାଙ୍କୁ କଥିତ ଗଣଦୁଷ୍କର୍ମ ପରେ ଛୁରି ଭୁସି ହତ୍ୟା କରି ଏକ ଖୋଲା ପଡ଼ିଆରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ସେପ୍ଟେମ୍ବର ୧୩ରେ କୁଶକ ରୋଡ୍ ନିକଟ ଚାଷଜମିରୁ ତାଙ୍କ ମୃତଦେହ ମିଳିଥିଲା। ମୃତଦେହଟି ଅତ୍ୟଧିକ ପଚିଯାଇଥିବାରୁ ପ୍ରାଥମିକ ଭାବେ ଲିଙ୍ଗ ଚିହ୍ନଟ କରିବା ମଧ୍ୟ କଷ୍ଟକର ହୋଇଥିଲା। ପୁଲିସ ଘଟଣାରେ ଚାରିଜଣଙ୍କୁ ଅଭିଯୁକ୍ତ କରିଛି। ସେମାନଙ୍କ ମଧ୍ୟରେ ୧୬ରୁ ୧୭ ବର୍ଷ ବୟସର ତିନିଜଣ ନାବାଳକ ଥିବାବେଳେ ଚତୁର୍ଥ ଅଭିଯୁକ୍ତ ଶିବମ ଓରଫ ସୁଦାମା। ପୁଲିସ କହିଛି, ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଜାଣିଥିଲେ।

## ଆମେରିକା ଯିବ ଭେନେଜୁଏଲାର ୩୧ ହଜାର କେଜି ସୁନା

ନୂଆଦିଲ୍ଲୀ, ୧୮।୯: ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଭେନେଜୁଏଲାର ପ୍ରାୟ ୪ ବିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୦ ହଜାର କୋଟି ଟଙ୍କା) ମୂଲ୍ୟର ୩୧ ହଜାର କେଜି ସୁନା ଇଂଲଣ୍ଡରୁ ଆମେରିକା ସ୍ଥାନାନ୍ତର ହେବ। ଭେନେଜୁଏଲା ସରକାର ଓ ବିରୋଧୀ ଶିବିର ମଧ୍ୟରେ ଏନେଇ ଏକ ଚୁକ୍ତି ଚୂଡ଼ାନ୍ତ ହୋଇଥିବା କୁହାଯାଉଛି। ଚୁକ୍ତି ଅନୁସାରେ ଭେନେଜୁଏଲାର କାର୍ଯ୍ୟକାରୀ ସରକାରର ନେତୃତ୍ୱ ନେଉଥିବା ଡେଲସି ରୋଡ୍ରିଗେଜ୍‌ଙ୍କୁ ଏହି ସୁନା ଉପରେ ଆଇନଗତ ନିୟନ୍ତ୍ରଣ ମିଳିପାରେ। ମାତ୍ର ତୁରନ୍ତ ସୁନା ବିକ୍ରି ପାଇଁ ଅନୁମତି ମିଳିବ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଏହି ସୁନାକୁ ସରକାରୀ ଋଣ ପାଇଁ ଗ୍ୟାରେଣ୍ଟି ଭାବେ ବ୍ୟବହାର କରାଯିବ। ଦେଶର ପୁନର୍ନିର୍ମାଣ ଏବଂ ବଢ଼ୁଥିବା ମୁଦ୍ରାସ୍ଫୀତି ମୁକାବିଲାରେ ଏହି ଅର୍ଥ ବ୍ୟବହାର ହୋଇପାରେ। ଭେନେଜୁଏଲା ଦୀର୍ଘଦିନ ଧରି ବ୍ୟାଙ୍କ ଅଫ୍ ଇଂଲଣ୍ଡରେ ଏହି ୩୧ହଜାର କେଜି ସୁନାକୁ ସଂରକ୍ଷିତ ରଖିଛି। ନିକୋଲାସ ମାଦୁରୋଙ୍କ ସରକାରକୁ ବ୍ରିଟେନ୍ ବୈଧ ସରକାର ଭାବେ ସ୍ୱୀକାର ନ କରିବା ପରେ ଏହି ସୁନାକୁ ନେଇ ଆଇନଗତ ବିବାଦ ଆରମ୍ଭ ହୋଇଥିଲା। ବ୍ରିଟିଶ୍ ଅଦାଲତରେ ମାମଲା ଦୀର୍ଘ ସମୟ ଧରି ଚାଲିଛି। ଜାନୁଆରୀରେ ମାଦୁରୋଙ୍କୁ ଆମେରିକା ଧରିନେବା ପରେ କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ୍ ଏହି ସୁନା ମୁକ୍ତ କରିବା ପାଇଁ କିଙ୍ଗ ଚାର୍ଲ୍ସଙ୍କ ନିକଟରେ ମଧ୍ୟ ଅନୁରୋଧ କରିଥିଲେ। ବ୍ୟାଙ୍କ ଅଫ୍ ଇଂଲଣ୍ଡ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବ୍ରିଟିଶ୍ ଅଦାଲତ ସୁନା ଉପରେ କାହାର ଆଇନଗତ ଅଧିକାର ରହିଛି ସେନେଇ ସ୍ପଷ୍ଟ ନିର୍ଦ୍ଦେଶ ନଦେବା ପର୍ଯ୍ୟନ୍ତ ବ୍ୟାଙ୍କ କୌଣସି ପଦକ୍ଷେପ ନେଇପାରିବ ନାହିଁ। ଅନ୍ୟପକ୍ଷରେ, ନ୍ୟୁୟର୍କ ଫେଡେରାଲ ରିଜର୍ଭ ଓ ଭେନେଜୁଏଲା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ଔପଚାରିକ ପ୍ରତିକ୍ରିୟା ମିଳିନାହିଁ।

## ନିଠାରି ହତ୍ୟାକାଣ୍ଡ ମାମଲା: ନିର୍ଦ୍ଦୋଷ ସାବ୍ୟସ୍ତ ସୁରିନ୍ଦର କୋଲିଙ୍କ ଆତ୍ମହତ୍ୟା



ହରିଦ୍ୱାର, ୧୮।୯(ଏଜେନ୍ସି): ୨୦୦୬ ମସିହାର ବହୁଚର୍ଚ୍ଚିତ ନିଠାରି ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ତଥା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ସମସ୍ତ ମାମଲାରୁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ସୁରିନ୍ଦର କୋଲିଙ୍କ ମୃତ୍ୟୁ ଘଟିଛି। ହରିଦ୍ୱାରରେ ଏକ ଚା’ ଦୋକାନ ଭିତରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିବା ପୁଲିସ କହିଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିବାବେଳେ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ଅନୁସାରେ, କୋଲି ଗତ କିଛି ମାସ ଧରି ହରିଦ୍ୱାରରେ ରହୁଥିଲେ ଏବଂ ଭଡ଼ାରେ ଏକ ଚା’ ଦୋକାନ ଚଳାଉଥିଲେ। ସପ୍ତସରୋବର ରୋଡ୍‌ରେ ଲାଲମାତା ମନ୍ଦିର ସମ୍ମୁଖରେ ଥିବା ଦୋକାନରେ ଜଣେ ବ୍ୟକ୍ତି ଝୁଲିଥିବା ନେଇ ସପ୍ତ ଋଷି ପୁଲିସ ଫାଣ୍ଡିକୁ ସୂଚନା ମିଳିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ସୁରିନ୍ଦର କୋଲି ବୋଲି ଚିହ୍ନଟ କରିଥିଲା। ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନଥିବା ପୁଲିସ କହିଛି। ତାଙ୍କ ପରିବାରକୁ ଆଲମୋରାରେ ସୂଚନା ଦିଆଯାଇଛି। ୨୦୦୬ ଡିସେମ୍ବରରେ ଉତ୍ତରପ୍ରଦେଶର ନୋଏଡାସ୍ଥିତ ନିଠାରି ଅଞ୍ଚଳର ଡି-୫ ବଙ୍ଗଳୋ ନିକଟ ଏକ ନାଳ ପଛପଟୁ ୧୬ଟି ମାନବ ଖପୁରୀ, ହାଡ଼ ଓ ପୋଷାକ ପ୍ଲାଷ୍ଟିକ ବ୍ୟାଗ୍‌ରେ ଭର୍ତ୍ତି ଅବସ୍ଥାରେ ମିଳିଥିଲା। ଏହା ପରେ ଘଟଣାଟି ଦେଶବ୍ୟାପୀ ଚର୍ଚ୍ଚାର କାରଣ ହୋଇଥିଲା। ନିଠାରି ଗାଁରେ ଅନେକ ଶିଶୁ ନିଖୋଜ ହେଉଥିବା ନେଇ ପୂର୍ବରୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଜଣେ ଯୁବତୀ ପାୟଲ ନିଖୋଜ ହେବା ପରେ ତଦନ୍ତ ଆଗକୁ ବଢ଼ିଥିଲା। ତାଙ୍କ ମୋବାଇଲ୍ ଫୋନ୍‌ର ସନ୍ଧାନ କରି ପୁଲିସ ଡି-୫ ବଙ୍ଗଳୋ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏହି ଘରଟି ବ୍ୟବସାୟୀ ମୋନିନ୍ଦର ସିଂହ ପାନ୍ଧରଙ୍କର ଥିଲା ଏବଂ କୋଲି ସେଠାରେ ଘରୋଇ ସହାୟକ ଭାବେ କାମ କରୁଥିଲେ। ଏହା ପରେ କୋଲି ଓ ପାନ୍ଧରଙ୍କୁ ଗିରଫ କରାଯାଇଥିଲା। ହତ୍ୟା, ଦୁଷ୍କର୍ମ ଓ ପ୍ରମାଣ ନଷ୍ଟ କରିବା ଭଳି ଅଭିଯୋଗରେ ଉଭୟଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ ହୋଇଥିଲା। ୨୦୦୭ରୁ ୨୦୧୦ ମଧ୍ୟରେ ସିବିଆଇ ୧୯ଟି ମାମଲା ରୁଜୁ କରିଥିଲା। ବିଭିନ୍ନ ମାମଲାରେ କୋଲିଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ପାନ୍ଧରଙ୍କୁ ମଧ୍ୟ କେତେକ ମାମଲାରେ ମୃତ୍ୟୁଦଣ୍ଡ ଓ ଆଜୀବନ କାରାଦଣ୍ଡ ଦିଆଯାଇଥିଲା। ତେବେ ମାମଲାଗୁଡ଼ିକ ହାଇକୋର୍ଟକୁ ଯିବା ପରେ ତଦନ୍ତ ଓ ପ୍ରମାଣ ସମ୍ପର୍କରେ ବିଭିନ୍ନ ଅସଙ୍ଗତି ଓ ପ୍ରକ୍ରିୟାଗତ ତ୍ରୁଟି ସାମ୍ନାକୁ ଆସିଥିଲା। ୨୦୨୩ ଅକ୍ଟୋବରରେ ଆହ୍ଲାବାଦ ହାଇକୋର୍ଟ ଉଭୟଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ଅଭିଯୋଗ ପ୍ରମାଣ କରିବା ପାଇଁ ପର୍ଯ୍ୟାପ୍ତ ଓ ବିଶ୍ୱସନୀୟ ପ୍ରମାଣ ନଥିବା ଅଦାଲତ କହିଥିଲେ। ଏହା ବିରୋଧରେ ସିବିଆଇ, ଉତ୍ତରପ୍ରଦେଶ ସରକାର ଓ କେତେକ ପୀଡ଼ିତ ପରିବାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ୨୦୨୫ରେ ସୁପ୍ରିମକୋର୍ଟ ମଧ୍ୟ ସୁରିନ୍ଦର କୋଲିଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ।

## ଏଫ୍‌ସିଆର୍‌ଏ ବିଲ୍ ନେଇ ପ୍ରଥମ ଜେପିସି ବୈଠକ

ନୂଆଦିଲ୍ଲୀ, ୧୮।୯(ଏଜେନ୍ସି): ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ ସଂଶୋଧନ ପାଇଁ ଅଣାଯାଇଥିବା ‘ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬’ ଉପରେ ୩୧ ସଦସ୍ୟ ବିଶିଷ୍ଟ ଯୁଗ୍ମ ସଂସଦୀୟ କମିଟିର ପ୍ରଥମ ବୈଠକ ଶୁକ୍ରବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ବିଜେପି ସାଂସଦ ସଞ୍ଜୟ ଜୈସୱାଲଙ୍କ ଅଧ୍ୟକ୍ଷତାରେ କମିଟି ବିଲ୍‌ର ବିଭିନ୍ନ ବ୍ୟବସ୍ଥା ଯାଞ୍ଚ କରୁଛି। ଗୃହ ମନ୍ତ୍ରାଳୟ କମିଟିକୁ ପ୍ରସ୍ତାବିତ ସଂଶୋଧନ ସମ୍ପର୍କରେ ଅବଗତ କରିବ। ବିଲ୍‌ରେ ଏନ୍‌ଜିଓ ଓ ଅନ୍ୟ ସଂଗଠନ ପାଉଥିବା ବିଦେଶୀ ଅନୁଦାନ ଉପରେ ନିୟନ୍ତ୍ରଣକୁ ଅଧିକ କଡ଼ା କରିବାର ପ୍ରସ୍ତାବ ରହିଛି। ଏଫ୍‌ସିଆର୍‌ଏ ପଞ୍ଜୀକରଣ କିମ୍ବା ଲାଇସେନ୍ସର ଅବଧି ଶେଷ ହେଲେ ସମ୍ପୃକ୍ତ ସଂଗଠନର ସମ୍ପତ୍ତି ପରିଚାଳନା ଓ ନିଷ୍ପତ୍ତି ପାଇଁ ଏକ ନିର୍ଦ୍ଧାରିତ କର୍ତ୍ତୃପକ୍ଷ ଗଠନର ପ୍ରସ୍ତାବ ମଧ୍ୟ ରହିଛି। ମାର୍ଚ୍ଚ ୨୫ରେ ଲୋକସଭାରେ ବିଲ୍‌ଟି ଆଗତ ହୋଇଥିଲା। ବିରୋଧୀ ଦଳ, କିଛି ସାମାଜିକ ଓ ଧାର୍ମିକ ସଂଗଠନ ଏହାର ବ୍ୟବସ୍ଥା ନେଇ ଚିନ୍ତା ପ୍ରକାଶ କରିବା ପରେ ଅଗଷ୍ଟ ୧୨ରେ ଏହାକୁ ଜେପିସିକୁ ପଠାଯାଇଥିଲା। ୨୦୨୬ ଶୀତ ଅଧିବେଶନର ପ୍ରଥମ ସପ୍ତାହର ଶେଷ ଦିନ ସୁଦ୍ଧା କମିଟି ରିପୋର୍ଟ ଦେବାକୁ ଧାର୍ଯ୍ୟ ହୋଇଛି। ବିରୋଧୀ ଦଳଗୁଡ଼ିକର ଅଭିଯୋଗ, ପ୍ରସ୍ତାବିତ ବ୍ୟବସ୍ଥା ଅଳ୍ପସଂଖ୍ୟକ ସଂସ୍ଥା, ଏନ୍‌ଜିଓ ଓ ବୈଧ ବିଦେଶୀ ଅନୁଦାନ ପାଉଥିବା ସଂଗଠନକୁ ପ୍ରଭାବିତ କରିପାରେ। ତେବେ ସରକାର କହିଛି, ବିଲ୍‌ର ଉଦ୍ଦେଶ୍ୟ କୌଣସି ଧର୍ମକୁ ଲକ୍ଷ୍ୟ କରିବା ନୁହେଁ।

# ଉତ୍କଳ ବିଶ୍ୱବିଦ୍ୟାଳୟ ୨ୟ ସେମିଷ୍ଟାର ପ୍ରଶ୍ନପତ୍ର ଲିକ୍

ଭୁବନେଶ୍ୱର, ୧୮ ।୯ (ସମିସ)

ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ଥମିବାର ନା ନେଉନି। ନିଯୁକ୍ତି ପରୀକ୍ଷା ପରେ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ମଧ୍ୟ ପରୀକ୍ଷା ପୂର୍ବରୁ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ସରକାର କଠୋର ଆଇନ୍ ଆଣିଥିବା କହୁଥିଲେ ମଧ୍ୟ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଅଭାବରୁ ବାରମ୍ବାର ଏପରି ଘଟଣାର ପୁନରାବୃତ୍ତି ହେଉଛି। ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟ +୩ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ୍ ହେବା ପରେ ପ୍ରଶ୍ନପତ୍ରର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ହୃଷୀକେଶ ନାୟକ ଆଜି ସହିଦ ନଗର ଥାନାରେ ଏତଲା ଦେଇଛନ୍ତି।

ପରୀକ୍ଷା ପାଇଁ ବିଶ୍ୱବିଦ୍ୟାଳୟରୁ ମୁଦ୍ରିତ ପ୍ରଶ୍ନପତ୍ର ସିଲ୍ କରି ସମସ୍ତ କଲେଜକୁ ପଠାଯାଇଥାଏ। ପରୀକ୍ଷାର ୩୦ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ଖୋଲିବା ସହ ପିଲାଙ୍କୁ ବଣ୍ଟାଯାଇଥାଏ। ମାତ୍ର ପରୀକ୍ଷା ପୂର୍ବଦିନ ପିଲାଙ୍କ ପାଖରେ ପ୍ରଶ୍ନପତ୍ର ପହଞ୍ଚିଯାଉଥିବା ଅଭିଯୋଗ ହୋଇଛି। ଗତକାଲି କୋର୍-୧ ଓ ଆଜି କୋର୍-୨ ବିଷୟର ପରୀକ୍ଷା ରହିଥିବାବେଳେ ପରୀକ୍ଷା ପୂର୍ବରୁ କିଛି ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ଆସିଥିବା ଅଭିଯୋଗ ହେବା ପରେ ଆଜି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ନାୟକ ଥାନାରେ ଏତଲା ଦେଇଛନ୍ତି। ଘଟଣା ସମ୍ପର୍କରେ ସେ କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଗତକାଲି ହୋଇଥିବା ପରୀକ୍ଷାର ପ୍ରଶ୍ନପତ୍ରକୁ ରାତି ପ୍ରାୟ ୧୦ଟା ସମୟରେ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପକାଯାଇଛି। ତାଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ପରେ ଘଟଣାକୁ ଗମ୍ଭୀରତାର ସହ ନେଇ ସତ୍ୟତା ଯାଞ୍ଚ କରିବା ପାଇଁ ଏତଲା ଦିଆଯାଇଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଛି ନା ପରୀକ୍ଷା ପରେ ହୋଇଛି, କେଉଁ କଲେଜରୁ ପ୍ରଶ୍ନପତ୍ର ଲିକ୍ ହୋଇଛି, କେବଳ ଗୋଟିଏ ନା ତା ପୂର୍ବରୁ ମଧ୍ୟ କେଉଁ କେଉଁ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି, ତାର ତଦନ୍ତ କରିବାକୁ ପୁଲିସ୍‌କୁ ଅନୁରୋଧ କରାଯାଇଛି। ସମାନ ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ତଦନ୍ତ କରାଯିବ। ଆବଶ୍ୟକ ହେଲେ ସାଇବର ଥାନାରେ ମଧ୍ୟ ଏତଲା ଦିଆଯିବ। ଅଭିଯୋଗରେ ସତ୍ୟତା ଥିବା ଜଣା ପଡ଼ିଲେ ପୁନଃ ପରୀକ୍ଷା କରାଯିବ ବୋଲି ଡ. ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ଥାନାରେ ଏତଲା ଦେଲେ ପରୀକ୍ଷା ନିୟନ୍ତ୍ରକ**

**ଆବଶ୍ୟକ ହେଲେ ସାଇବର ଥାନାରେ ମଧ୍ୟ ଅଭିଯୋଗ**

ଶିକ୍ଷାବିତଙ୍କ କହିବା କଥା, ପ୍ରଶ୍ନପତ୍ରର ସୁରକ୍ଷା ବ୍ୟବସ୍ଥା ପର୍ଯ୍ୟାପ୍ତ ନଥିବାରୁ ଲିକ୍ ହେବାର ଆଶଙ୍କା ଶତ-ପ୍ରତିଶତ ରହୁଛି। ମୁଦ୍ରିତ ପ୍ରଶ୍ନପତ୍ର କଲେଜଗୁଡ଼ିକୁ ପଠାଯାଉଥିଲେ ମଧ୍ୟ ଏହାକୁ ପୂର୍ବଦିନରୁ ଖୋଲିଦେଲେ ମଧ୍ୟ ଯାଞ୍ଚ କରିବାର କୌଣସି ବ୍ୟବସ୍ଥା ନାହିଁ। ଘରୋଇ କଲେଜଗୁଡ଼ିକରୁ ପ୍ରଶ୍ନପତ୍ର ଲିକ୍ ଆଶଙ୍କା ଅଧିକ ରହିଛି। ପରୀକ୍ଷାର ବହୁ ପୂର୍ବରୁ ପ୍ରଶ୍ନପତ୍ର ସିଲ୍ ଫାଡ଼ି ପିଲାଙ୍କୁ ଦିଆଗଲେ ମଧ୍ୟ କୌଣସି ଅଭିଯୋଗ ଆସିବାର ଆଶଙ୍କା ପ୍ରାୟତଃ ନାହିଁ। ତେଣୁ ଏହା ମଧ୍ୟ ଏକ ପ୍ରମୁଖ ଗଳାବାଟ ହୋଇପାରେ। ଏଣୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶ୍ନପତ୍ରର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବାର ଆବଶ୍ୟକ ଥିବା ମତପ୍ରକାଶ ପାଇଛି।

■ ମହଙ୍ଗା ପଡ଼ିଲା ରାତି ଅଧରେ ଯୁବତୀଙ୍କ ଘରେ ପଶି ହଙ୍ଗାମା

# ପରିବହନ ବିଭାଗ ଅତିରିକ୍ତ ସଚିବ ଗିରଫ



ଭୁବନେଶ୍ୱର,୧୮ ।୯ (ସମିସ): ରାତି ଅଧରେ ଜଣେ ଯୁବତୀଙ୍କ ଘରେ ପଶି ହଙ୍ଗାମା କରିବା ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ ବିଶ୍ୱାଳଙ୍କୁ ମହଙ୍ଗା ପଡ଼ିଛି। ପରିବହନ ବିଭାଗ ଅଧୀନରେ କାର୍ଯ୍ୟରତ ଏହି ଯୁବତୀଜଣଙ୍କ ଶ୍ରୀ ବିଶ୍ୱାଳଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଭିତ୍ତିରେ ଖାରବେଳନଗର ଥାନା ପୁଲିସ ଶୁକ୍ରବାର ସଚିବ ଶ୍ରୀ ବିଶ୍ୱାଳଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ପୀଡ଼ିତା ଯୁବତୀ ଜଣକ ଖାରବେଳନଗର ଥାନା ଅଞ୍ଚଳରେ ପିଜି ହଷ୍ଟେଲରେ ଭଡ଼ାରେ ରହୁଛନ୍ତି। ପରିବହନ ବିଭାଗରେ ଚୁକ୍ତିଭିତ୍ତିରେ ଚାକିରି କରୁଛନ୍ତି। ଅରୁଣ ତାଙ୍କୁ ପ୍ରେମ ନିବେଦନ କରିବା ସହ ବିଭିନ୍ନ ସମୟରେ ନାନା ପ୍ରକାର ଭୟ ଦେଖାଇ ଶାରୀରିକ ସମ୍ପର୍କ ରଖୁଥିଲେ। ଯୁବତୀଙ୍କ ଘରକୁ ଶ୍ରୀ ବିଶ୍ୱାଳ ଗୁରୁବାର ବିଳମ୍ବିତ ରାତିରେ ପ୍ରବେଶ କରି ତାଙ୍କୁ ଟଣାଓଟରା କରିଥିଲେ। ଯୁବତୀ ଜଣଙ୍କ ପୁଲିସକୁ ଖବରଦେଲା ପରେ ପୁଲିସ ତାଙ୍କୁ ସେଠାରୁ ଉଠାଇ ନେଇଥିଲା। ଖାରବେଳନଗର ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ କହିଛନ୍ତି, ପୀଡ଼ିତା ଯୁବତୀ ଜଣକ ଅବିବାହିତ। ସେ ପରିବହନ ବିଭାଗରେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ଅରୁଣ ଭୟଭୀତ କରାଇ ଧମକ ଦେଇ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଯୁବତୀଙ୍କ ଘରେ ପଶି ଶ୍ରୀ ବିଶ୍ୱାଳ ପୀଡ଼ିତାଙ୍କ ସହ ଅସଦାଚରଣ କରିଥିବା ନେଇ ଯୁବତୀ ଜଣକ ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଆଧାର କରି ପୁଲିସ ମାମଲା (ନଂ.୬୫୭/୨୦୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରେ ସିସିଟିଭି ଫୁଟେଜ, ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ, ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯାଉଛି ବୋଲି ଆଇଆଇସି କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ବିଶ୍ୱାଳଙ୍କ ଓକିଲ କହିଛନ୍ତି ଏହା ସମ୍ପୂର୍ଣ୍ଣ ଏକ ବ୍ଲାକ୍ ମେଲିଂ ମାମଲା। ତାଙ୍କ ମହକିଲଙ୍କୁ ଏଥିରେ ଫସାଯାଉଛି ବୋଲି କହିଛନ୍ତି। ସେପଟେ ଯୁବତୀଙ୍କ ଡାକ୍ତରୀ ମାଇନା କରାଯିବା ସହ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ବୟାନ ରେକର୍ଡ କରାଯାଇଛି।

**● ଦୁଷ୍କର୍ମ ଅଭିଯୋଗ ଆଣିଲେ ପୂର୍ବତନ ସହକର୍ମୀ**

# ବଜ୍ରାଘାତରେ ୪ ମୃତ

ପୁରୁଷୋତ୍ତମପୁର,୧୮ ।୯ (ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ମହାଛାଇ ଗ୍ରାମରେ ଅଭାବନୀୟ ଘଟଣା। ମଇଁଷି ଚରାଉଥିବା ବେଳେ ବଜ୍ରାଘାତରେ ଜଣେ ୬୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହାଛାଇ ଗ୍ରାମର ନିତ୍ୟାନନ୍ଦ ଗୌଡ଼। ସୂଚନା ଅନୁଯାୟୀ, ନିତ୍ୟାନନ୍ଦ ମଇଁଷି ଚରାଉଥିବା ସମୟରେ ବଜ୍ରାଘାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହିଞ୍ଜିଳିକାଟୁ ମେଡିକାଲକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ମୋହନା:** ଶୁକ୍ରବାର ଅପରାହ୍ଣରେ ଗଜପତି ଜିଲ୍ଲା ମୋହନା ବ୍ଲକ ତରାମାଳ ଗ୍ରାମରେ ବଜ୍ରପାତରେ ଜଣେ ୭୦ ବର୍ଷୀୟ ବୃଦ୍ଧ ଏବଂ ତାଙ୍କ ବଳଦର ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ଜାବି ମଲ୍ଲିକ। ବର୍ଷା ଏବଂ ବଜ୍ରପାତ ବେଳେ ଜାବି ଗୁହାଳରେ ତାଙ୍କ ବଳଦକୁ ବାନ୍ଧୁଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥଲା। ଘଟଣା ସ୍ଥଳରେ ବୃଦ୍ଧ ଏବଂ ତାଙ୍କ ବଳଦର ମୃତ୍ୟୁ ହୋଇଛି।



**ବାଲିଆପାଳ:** ବାଲିଆପାଳ ଥାନା କୁଦମାନସିଂ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଗ୍ରାମର ରଘୁନାଥ ପାତ୍ର (୬୨) ଶୁକ୍ରବାର ସକାଳେ ନଳିତା ଚାଷ ହୋଇଥିବା ବିଲକୁ ଯାଇଥିଲେ। ହଠାତ ପ୍ରବଳ ବର୍ଷା ଏବଂ ଘଡ଼ଘଡ଼ି ଆରମ୍ଭ ହେବାରୁ ସେ ବିଲରୁ ଆସୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଘଟଣା ସ୍ଥଳରୁ ରଘୁନାଥଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତକ ରଘୁନାଥ ପାତ୍ରଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ କେନ୍ତିଆ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ବଜ୍ରପାତ ଘଟି ଜଣେ ୬୨ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ପୀତାମ୍ବର ରାଉତ (୬୨)। ପୀତାମ୍ବର ନିଜ ବାଡ଼ି ପଛପଟ ବିଲକୁ ବାଛୁରୀ ଆଣିବା ପାଇଁ ଯାଇଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଗୁରୁତର ଆହତ ହୋଇ ଟଳିପଡ଼ିଥିଲେ। ପରିବାର ଲୋକ ତାଙ୍କୁ ତୁରନ୍ତ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତକଙ୍କ ପରିବାରକୁ ସରକାରୀ ନିୟମାନୁସାରେ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

**କୁଆମରା:** ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତର ଚତୁରୀ ଗ୍ରାମରେ ତିନିମାସ ତଳେ ପ୍ରତିଷ୍ଠା ହୋଇଥିବା ନୂତନ ମା' ମଙ୍ଗଳାଙ୍କ ମନ୍ଦିର ଉପରେ ଆଜି ଅପରାହ୍ନରେ ବଜ୍ରପାତ ହୋଇଛି। ଫଳରେ ମନ୍ଦିରର କେତେକ ଅଂଶ ନଷ୍ଟ ହେବା ସହ ଫାଟ ସୃଷ୍ଟି ହୋଇଛି। ବଜ୍ରପାତ ସମୟରେ ମନ୍ଦିର ବନ୍ଦ ଥିବାରୁ କୌଣସି ଅଘଟଣ ଘଟିନାହିଁ। ତେବେ ନିକଟରେ ବୁଲୁଥିବା କେତେକ ହଂସଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ କେତେକ ଅଶୁଭ କହୁଥିବାବେଳେ ଆଉ କେତେକ ଏହା ବିପର୍ଯ୍ୟୟ ବୋଲି ମତବ୍ୟକ୍ତ କରିଛନ୍ତି।

● କ୍ରସ ଭୋଟିଂ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗ

# ବିଧାୟକମାନେ ଲୋକପ୍ରତିନିଧି ରହିବାର ଅଧିକାର ହରାଇଛନ୍ତି: ବିଜେଡି

ଭୁବନେଶ୍ୱର,୧୮ ।୯ (ସମିସ)




ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲାରେ ଉଚ୍ଚ ନ୍ୟାୟାଳୟ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ କ୍ରସ ଭୋଟିଂ କରିଥିବା ୮ ବିଧାୟକ ଲୋକ ପ୍ରତିନିଧି ଭାବେ ରହିବାର ଅଧିକାର ହରାଇଛନ୍ତି ବୋଲି ବିଜେଡି କହିଛି। ଦଳୀୟ ହୁଇପ୍‌କୁ ଅମାନ୍ୟ କରି ରାଜ୍ୟସଭାରେ କ୍ରସ ଭୋଟିଂ କରିଥିବା ଏହି ୮ ବିଧାୟକ ଅଧିକ ଦିନ ବିଧାୟକ ଭାବେ ରହିବା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏକ ଆହ୍ୱାନ ବୋଲିଦଳ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡଃ ଅରୁଣ କୁମାର ସାହୁ କହିଛନ୍ତି ଯେ ସମ୍ବିଧାନର ୧୦ମ ଅନୁଚ୍ଛେଦର ବ୍ୟବସ୍ଥା ଅନୁଯାୟୀ ଯେଉଁ ବିଧାୟକମାନେ ଦଳୀୟ ହୁଇପ୍‌କୁ ଅବଜ୍ଞା କରି କ୍ରସ ଭୋଟିଂ କରିବେ, ସେମାନଙ୍କ ସଭ୍ୟ ପଦ ରଦ୍ଦ ହେବ। ବିଧାନସଭାର ବାଚସ୍ପତିଙ୍କ ପାଖରେ ଏହି ବିଧାୟକ ମାନଙ୍କ ପଦକୁ ରଦ୍ଦ କରିବା ଅଧିକାର ରହିଛି। କିନ୍ତୁ ବାଚସ୍ପତିଙ୍କ ନିକଟରେ ବିଜେଡି ତରଫରୁ ଏହି ୮ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ କରାଯାଇଥିବା ଆବେଦନକୁ ବାଚସ୍ପତି ଅଗ୍ରାହ୍ୟ କରିଦେଇଥିଲେ। ଏହି ବିଧାୟକ ମାନଙ୍କୁ ସୁରକ୍ଷା ଦେଇ ରାଜ୍ୟ ସରକାର କାଳକ୍ଷେପଣ ନୀତି କରୁଛନ୍ତି। ଲୋକ ପ୍ରତିନିଧି ପଦ ବଜାୟ ରଖିବା ପାଇଁ ଏହି ବିଧାୟକ ମାନେ ଅଧିକାର ହରାଇଛନ୍ତି ବୋଲି ଡଃ ସାହୁ କହିଛନ୍ତି। ସେହିପରି ବିଜେଡି ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି, ୨୯ ତାରିଖ ସୁଦ୍ଧା ଉତ୍ତର ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ୍ ହାଇକୋର୍ଟଙ୍କୁ ସମୟ ମାଗିଥିଲେ ମଧ୍ୟ କୋର୍ଟ ଏହାକୁ ଅଗ୍ରାହ୍ୟ କରିଛନ୍ତି। ନିଜ ସ୍ୱାର୍ଥ ପାଇଁ ବିଧାୟକମାନେ ଘୋଡ଼ା ବେପାରରେ ସାମିଲ ହୋଇଥିଲେ। ଏହା ସାମ୍ବିଧାନିକ ନୀତି ନିୟମ ବିରୋଧୀ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ୮ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ କରାଯାଇଥିବା ବିଜେଡିର ଆବେଦନକୁ ବାଚସ୍ପତି ଖାରଜ କରିଦେବା ପରେ ବିଜେଡି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛି. ଏହି ମାମଲାର ଶୁଣାଣି କରି ଶୁକ୍ରବାର ଉଚ୍ଚ ନ୍ୟାୟାଳୟ ପ୍ରତିପକ୍ଷଙ୍କୁ ଜବାବ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ରାସ୍ତାରେ ଅଟକିଲା ଆମ୍ବୁଲାନ୍ସ; ରୋଗୀ ହନ୍ତସନ୍ତ

କପ୍ତିପଦା,୧୮ ।୯ (ସମିସ): କପ୍ତିପଦା ବ୍ଲକ୍ ନୋଟ ପଞ୍ଚାୟତ ଅଧୀନ ବାଗଦଫା ଗ୍ରାମ ୩ନଂ ୱାର୍ଡର ଜଣେ ରୋଗୀ ରାସ୍ତାରେ ହନ୍ତସନ୍ତ ହେବା ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ସୁମିତ୍ରା ମହାନ୍ତ ଅସୁସ୍ଥ ହେବାରୁ ପରିବାର ଲୋକ ୧୦୮ ଆମ୍ବୁଲାନ୍ସକୁ ଡକାଇଥିଲେ। ଆମ୍ବୁଲାନ୍ସ ଆସିଲା, ହେଲେ ରୋଗୀଙ୍କ ଘରକୁ ଯାଇପାରିଲାନାହିଁ। ରାସ୍ତା ଅବସ୍ଥା ଏତେ ଶୋଚନୀୟ ଥିଲା ଯେ ଆମ୍ବୁଲାନ୍ସ ଅଧ କିଲୋମିଟର ପୂର୍ବରୁ ରହିଲା। ଫଳରେ ରୋଗୀଙ୍କୁ ଟେକି ଟେକି ଆମ୍ବୁଲାନ୍ସ ନିକଟକୁ ନିଆଯାଇଥିଲା। ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଶରତ ଅଞ୍ଚଳର ଅଧିକାଂଶ ଗ୍ରାମକୁ ଭଲ ରାସ୍ତା ହୋଇପାରିନାହିଁ। କେଉଁଠି ଖଟିଆରେ ତ କେଉଁଠି ସଙ୍ଗୀ ଭାର କରି ରୋଗୀ କିମ୍ବା ପ୍ରସୂତୀ ବୁହା ହେବା ଭଳି ଘଟଣା ଦେଖିବାକୁ ମିଳିଛି। ଜନପ୍ରତିନିଧି କିମ୍ବା ପ୍ରଶାସନିକ ସ୍ତରରେ ଆନ୍ତରିକତାର ଅଭାବ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି।



**ପୁରୀ ବାର୍ ସଭାପତିଙ୍କୁ ଆକ୍ରମଣ ଧମକ ଘଟଣା**

# ଆଇନଜୀବୀ ତପନ ବାରିକଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର କାରଣ ଦର୍ଶାଅ ନୋଟିସ

କଟକ, ୧୮ ।୯ (ସମିସ)

ପୁରୀ ବାର ଆସୋସିଏସନର ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ ପାଇଁ ଧମକଚମକ ପ୍ରଦାନ କରିଥିବା ଘଟଣାରେ ଯୁଗ୍ମ ସମ୍ପାଦକ ତପନ କୁମାର ବାରିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ରାଜ୍ୟ ଆଇନଜୀବୀ ପରିଷଦ। ୧୫ ଦିନ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯିବା ସହ ଅନ୍ୟାଦେଶ ପର୍ଯ୍ୟନ୍ତ ଶ୍ରୀ ବାରିକଙ୍କୁ ପୁରୀ କୋର୍ଟ ପରିସର ଓ ପୁରୀ ବାର ଆସୋସିଏସନ ପରିସରରେ ନିଷେଧ କରାଯାଇଛି। ପୁରୀ ବାରର ଜରୁରିକାଳୀନ ସାଧାରଣ ବୈଠକରେ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ରାଜ୍ୟ ଆଇନଜୀବୀ ପରିଷଦ ସମ୍ମୁଖରେ ସଂପୃକ୍ତ ଆଇନଜୀବୀଙ୍କ ବିରୋଧରେ ଆବଶ୍ୟକୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଅଭିଯୋଗପତ୍ର ଦାଖଲ କରାଯାଇଥିଲା। ସଂପୃକ୍ତ ଅଭିଯୋଗପତ୍ର ତଥା ପୁରୀ ବାର ଆସୋସିଏସନର ଜରୁରିକାଳୀନ ବୈଠକର ପ୍ରସ୍ତାବକୁ ଗ୍ରହଣ କରି ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନିର୍ଦ୍ଦେଶକ୍ରମେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପୂର୍ବରୁ ବାର ଆସୋସିଏସନର ଜଣେ ସଦସ୍ୟା ମହିଳା ଆଇନଜୀବୀଙ୍କ ଅଭିଯୋଗପତ୍ରକୁ ଗ୍ରହଣ କରି ବାର ଆସୋସିଏସନର ସଦସ୍ୟ ପଦରୁ ଶ୍ରୀ ବାରିକଙ୍କୁ ନିଲମ୍ବନ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ନିଲମ୍ବନ ନିଷ୍ପତ୍ତି ଦ୍ୱାରା ଉତକ୍ଷିପ୍ତ ହୋଇ ବାର ଆସୋସିଏସନର ସଭାପତିଙ୍କୁ ଅଶ୍ରାବ୍ୟ ଭାଷା ପ୍ରୟୋଗ କରିବା ସହିତ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ ଶ୍ରୀ ବାରିକ। ଯେଉଁଥିପାଇଁ ସଭାପତି ଉକ୍ତ ଆଇନଜୀବୀଙ୍କ ବିରୋଧରେ ପୁରୀ ଟାଉନ ଥାନାରେ ଗତ ୮ ତାରିଖରେ ଅଭିଯୋଗ କରିଛନ୍ତି ବାର ସଭାପତି।

**ପୌର ନିର୍ବାଚନ କସରତ**

# ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ପାଇଁ ସଂଶୋଧିତ କାର୍ଯ୍ୟସୂଚୀ ଜାରି

ଭୁବନେଶ୍ୱର,୧୮ ।୯ (ସମିସ)

ରାଜ୍ୟର ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ମହାନଗର ନିଗମଗୁଡ଼ିକର ଆଗାମୀ ନିର୍ବାଚନ ପାଇଁ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଜାରି ହୋଇଛି। ଏହି ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କରେ ବୌଦ୍ଧ ଜିଲ୍ଲାକୁ ବାଦ ଦେଇ ସମସ୍ତ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି।

ସୂଚନା ଅନୁସାରେ ୨୪ ସେପ୍ଟେମ୍ବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇ ସାଧାରଣ ଜନତାଙ୍କଠାରୁ ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯିବ। ଆପତ୍ତି ଓ ପରାମର୍ଶ ଦାଖଲ କରିବାର ଶେଷ ତାରିଖ ୩ ଅକ୍ଟୋବର ୨୦୨୬ ରହିଛି। ଏହାପରେ, ୭ ଅକ୍ଟୋବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ କରାଯିବ। ଏହି ବିଜ୍ଞପ୍ତି ବିରୋଧରେ ୭ ଅକ୍ଟୋବରରୁ ୨୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଅପିଲ୍ ଦାଖଲ କରାଯାଇପାରିବ। ପ୍ରାପ୍ତ ଆପିଲ୍‌ଗୁଡ଼ିକୁ ସମ୍ପୃକ୍ତ ଜିଲ୍ଲାପାଳମାନେ ନିଜର ସୁପାରିଶ/ମତାମତ ସହ ୨୨ ଅକ୍ଟୋବର ୨୦୨୬ ସୁଦ୍ଧା ସ୍ୱତନ୍ତ୍ର ଦୂତ ମାଧ୍ୟମରେ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପହଞ୍ଚାଇବେ।

ପରବର୍ତ୍ତୀ ପର୍ଯ୍ୟାୟରେ ୨୬ ରୁ ୨୮ ଅକ୍ଟୋବର ୨୦୨୬ ମଧ୍ୟରେ ରାଜ୍ୟ ସରକାର ଅପିଲ୍‌ଗୁଡ଼ିକର ଶୁଣାଣି କରି ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ସମଗ୍ର ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ୩୧ ଅକ୍ଟୋବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ। ଅନ୍ୟପକ୍ଷରେ, ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମରେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ପ୍ରକ୍ରିୟା ପାଇଁ ମଧ୍ୟ ସଂଶୋଧିତ ସମୟସୀମା ଧାର୍ଯ୍ୟ କରାଯାଇଛି। ୨୪ ସେପ୍ଟେମ୍ବର ସୁଦ୍ଧା ସମ୍ପୃକ୍ତ ମହାନଗର ନିଗମଗୁଡ଼ିକ ପକ୍ଷରୁ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ସୂଚନା ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ରେ, ୱାର୍ଡ ସୀମା ଦର୍ଶାଉଥିବା ସ୍କେଚ୍ ମାନଚିତ୍ର ଏବଂ ମହାନଗର ନିଗମର ସଂକଳ୍ପ ସହିତ ଗୃହ ଓ ନଗର ଉନ୍ନୟନ ବିଭାଗରେ ଦାଖଲ କରାଯିବ। ମହାନଗର ନିଗମଗୁଡ଼ିକ କ୍ଷେତ୍ରରେ ୫ ଅକ୍ଟୋବର ୨୦୨୬ରେ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କରେ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରାଯିବ।

ଏ ସମ୍ବନ୍ଧରେ ଆପତ୍ତି ଓ ପ୍ରସ୍ତାବ ଦାଖଲ କରିବାର ଶେଷ ତାରିଖ ୧୪ ଅକ୍ଟୋବର ୨୦୨୬ ରହିଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ସମ୍ପୃକ୍ତ ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ସୁଚାରୁ ଓ ସମୟୋପଯୋଗୀ ଭାବେ ସମ୍ପନ୍ନ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଗାଡ଼ି ଚେକିଂ ବେଳେ ହାତୀଦାନ୍ତ ଜବତ

ଅନୁଗୋଳ,୧୮ ।୯ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ପୁଲିସ ପକ୍ଷରୁ ଗାଡ଼ି ଯାଞ୍ଚ ବେଳେ ଜଣେ ବ୍ୟକ୍ତିଙ୍କ ନିକଟରୁ ହାତୀଦାନ୍ତ ଜବତ କରାଯାଇଛି। ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଗିରଫ ଅଭିଯୁକ୍ତ ହେଲେ ବାଗଡ଼ିଆ ଅଞ୍ଚଳର ସୁକାନ୍ତ ପ୍ରଧାନ ଓରଫ ରଞ୍ଜନ। ଗୁରୁବାର ରାତିରେ ପୁଲିସ ବାଗଡ଼ିଆ ଛକରେ ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ଏକ ବାଇକ୍‌ରେ ସୁକାନ୍ତ ଯାଉଥିବା ବେଳେ ତାଙ୍କ ଗାଡ଼ି ମଧ୍ୟ ଯାଞ୍ଚ କରାଯାଇଥିଲା। ତାଙ୍କ ନିକଟରୁ ପ୍ରାୟ ୩ କିଲୋ ୧୮ ଗ୍ରାମ ଓଜନର ହାତୀ ଦାନ୍ତ ଜବତ ହୋଇଥିଲା। ସୁକାନ୍ତ ଏହି ହାତୀଦାନ୍ତ ରଖିବା କିମ୍ବା ପରିବହନ ପାଇଁ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ପୁଲିସ ହାତୀଦାନ୍ତ ସହ ବାଇକ୍ ଜବତ କରିଛି। ଏ ସମ୍ପର୍କରେ ବନ ବିଭାଗକୁ ଅବଗତ କରାଯାଇଛି। ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପୁଲିସ କହିଛି। ଏହି ହାତୀଦାନ୍ତ କାରବାର ଦୀର୍ଘଦିନ ହେବ ବନବିଭାଗ ଓ ପୁଲିସ କର୍ମଚାରୀଙ୍କ ଜାଣତରେ ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ ପଦାକୁ ଆସିବ ବୋଲି ମତ ପ୍ରକାଶ ପାଇଛି।

**ଜଣେ ଗିରଫ, ବାଇକ୍ ଜବତ**




**ଅକ୍ଟୋବର ୨ରୁ ଦୁବାଇ ଉଡ଼ାଣ ଆଶା, ଆବୁଧାବୀ ନିଷ୍ପତ୍ତି ହୋଇନାହିଁ**

# କେବେ ଉଡ଼ିବ ବ୍ୟାଙ୍କକ୍, ସିଙ୍ଗାପୁରକୁ ବିମାନ?

ଭୁବନେଶ୍ୱର,୧୮ ।୯ (ସମିସ): ରାଜଧାନୀ ଭୁବନେଶ୍ୱରରେ ଥିବା ଓଡ଼ିଶାର ପ୍ରଥମ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଥିଲେ ମଧ୍ୟ ଏବେ ଭୁବନେଶ୍ୱରରୁ ସିଧାସଳଖ ବିଦେଶକୁ କୌଣସି ବିମାନ ଚଳାଚଳ କରୁନାହିଁ। ବିଦେଶରେ ରହୁଥିବା ଓଡ଼ିଆମାନେ ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ଆନ୍ତର୍ଜାତିକ ବିମାନ ଚଳାଚଳ ପାଇଁ ବାରମ୍ବାର ଦାବି କରିଆସୁଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଇତିମଧ୍ୟରେ ଅକ୍ଟୋବର ୨ରୁ ଦୁବାଇ ବିମାନ ଚଳାଚଳ ହେବ ବୋଲି ଆଶା କରାଯାଉଛି, ମାତ୍ର ଆବୁଧାବୀକୁ ଉଡ଼ାଣ ଅନିଶ୍ଚିତ ରହିଛି।

ଦେଶର ବିମାନ ବନ୍ଦରଗୁଡ଼ିକ ଭିତରେ ଭୁବନେଶ୍ୱର ବେଶ୍ ପୁରୁଣା। ୧୯୧୮ ମସିହାରେ ଏହି ବିମାନ ବନ୍ଦରକୁ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରାଯାଇଥିଲା ଏବଂ ୨୦୧୩ ମସିହାରେ ଏହାକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଥିଲା। କିଛିବର୍ଷ ପାଇଁ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଦୁବାଇ, ଆବୁଧାବି, ବ୍ୟାଙ୍କକ୍, ସିଙ୍ଗାପୁର, ବାଲି ପ୍ରଭୃତି ବିଦେଶ ବିମାନ ବନ୍ଦରଗୁଡ଼ିକୁ ଯାତ୍ରୀବାହୀ ବିମାନ ଯାତାୟାତ କରୁଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ବିମାନ ବନ୍ଦରରୁ ବିଦେଶକୁ ଯାତ୍ରୀବାହୀ ବିମାନ ସେବା ଗୋଟିଏ ପରେ ଗୋଟିଏ ବନ୍ଦ ହୋଇଗଲା। ଭୁବନେଶ୍ୱରରେ ଥିବା ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ବିଦେଶକୁ ଯାତ୍ରୀବାହୀ ବିମାନ ଯାତାୟାତ ବନ୍ଦ ହୋଇଯାଇଥିବାବେଳେ ଏଠାରୁ ପ୍ରାୟ ୬୦ କିଲୋମିଟର ଦୂରରେ ଥିବା ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ନିର୍ମାଣ ପାଇଁ କିଛିବର୍ଷ ହେବ କସରତ ଚାଲିଛି। ଏଥିପାଇଁ ବି ପ୍ରାରମ୍ଭିକ ପର୍ଯ୍ୟାୟରେ ଜମି ଅଧିଗ୍ରହଣ ହୋଇଥିବାବେଳେ ଚିଲିକା ଓ ବଙ୍ଗୋପସାଗରର ଜଳଜୀବ ଓ ପଶୁପକ୍ଷୀଙ୍କ ଉପରେ ତା'ର କ'ଣ ପ୍ରଭାବ ପଡ଼ିବ ସେଥିଘେନି ଚୂଡ଼ାନ୍ତ ମଞ୍ଜୁରୀ ମିଳିନାହିଁ। ଏହାଛଡ଼ା ଶ୍ରୀକ୍ଷେତ୍ର ଉପର ଦେଇ ଆନ୍ତର୍ଜାତିକ ବିମାନ ଚଳାଚଳ କଲେ ଶ୍ରୀମନ୍ଦିର ଉପରେ ତା'ର କି ପ୍ରକାର ପ୍ରଭାବ ପଡ଼ିବ ତାହାର ବି ଆକଳନ କରାଯାଇ ନାହିଁ। ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ସିଙ୍ଗାପୁର, ଦୁବାଇ ଆଦିରେ ହୋଇଥିବା ନିବେଶକ ସମ୍ମିଳନୀରେ ଆଗ୍ରହ ପ୍ରକାଶ ପାଇଥିବା କୁହାଯାଉଛି। କିନ୍ତୁ ସେଠାରୁ ଓଡ଼ିଶାକୁ ସିଧାସଳଖ ଯାତ୍ରୀବାହୀ ବିମାନ ଚଳାଚଳ କରୁନାହିଁ। ଏବେ ଭୁବନେଶ୍ୱର ବିମାନ ବନ୍ଦରରୁ ଇଣ୍ଡିଗୋ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଏୟାର ଇଣ୍ଡିଆ, ଇଣ୍ଡିଆ-୧ ଏୟାର, ଆକାଶ ଏୟାର, ଷ୍ଟାର୍ ଏୟାର ଆଦି ସଂସ୍ଥା ଯାତ୍ରୀବାହୀ ବିମାନ ଚଳାଚଳ କରାଉଛନ୍ତି। ଏଠାରୁ ଏବେ ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, କୋଲକାତା, ଚେନ୍ନାଇ, ହାଇଦ୍ରାବାଦ୍, ପୁନେ, ଅହମ୍ମଦାବାଦ୍, ଗୌହାଟୀ, ପାଟନା, ରାଞ୍ଚି, ରାୟପୁର, ଜାମସେଦପୁର, ଲକ୍ଷ୍ନୌ, ରାଜସ୍ଥାନର ଜୟପୁର, ସୁରଟ, ବାରଣାସୀ, ଆହଲ୍ଲାବାଦ୍ ଆଦି ସ୍ଥାନକୁ ବିମାନ ଚଳାଚଳ କରୁଛି। ଏହାଛଡ଼ା ରାଜ୍ୟ ଭିତରେ ଏତ୍‌କେଲା, ଜୟପୁର, ରାଉରକେଲା, ଝାରସୁଗୁଡ଼ା ଆଦିକୁ ଯାତ୍ରୀବାହୀ ବିମାନ ଚଳାଚଳର ମଧ୍ୟ ସୁବିଧା ଅଛି। ବିଜୁ ପଟ୍ଟନାୟକ ଭୁବନେଶ୍ୱର ଆନ୍ତର୍ଜାତିକ ବିମାନ ବନ୍ଦରରୁ ବିଦେଶକୁ ଯାତ୍ରୀବାହୀ ବିମାନ ସେବା କାହିଁକି ବନ୍ଦ ରହିଛି ତା'ର ତର୍ଜମା କରାଯାଇ ବିଦେଶର ଯେଉଁସବୁ ରାଷ୍ଟ୍ରରେ ଅଧିକ ସଂଖ୍ୟକ ଓଡ଼ିଆ ରହୁଛନ୍ତି ଏବଂ ଓଡ଼ିଶାରେ ଯେଉଁସବୁ ରାଷ୍ଟ୍ର ପୁଞ୍ଜି ନିବେଶ ପାଇଁ ଆଗ୍ରହୀ ସେଠାକୁ କିଭଳି ଯାତ୍ରୀବାହୀ ବିମାନ ସେବା ବ୍ୟବସ୍ଥା ହେବ ସେ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି। ବିଶେଷକରି ଦୁବାଇ, ଆବୁଧାବି ଆଦିରେ କାର୍ଯ୍ୟରତ ଓଡ଼ିଆମାନେ ଅଭିଯୋଗ କରୁଛନ୍ତି ଯେ ଭୁବନେଶ୍ୱରକୁ ସେଠାରୁ ଯାତ୍ରୀବାହୀ ବିମାନ ଯାତାୟାତ ବନ୍ଦ ହେବା ଫଳରେ ଗୋଟିଏଥର ଭୁବନେଶ୍ୱରରୁ ଦୁବାଇ କିମ୍ବା ଆବୁଧାବି ଯିବା ପାଇଁ ସେମାନଙ୍କୁ କଲିକତା, ହାଇଦ୍ରାବାଦ୍, ମୁମ୍ବାଇ, ବେଙ୍ଗାଲୁରୁ, ଦିଲ୍ଲୀ ଆଦି ବାଟ ଦେଇ ଗସ୍ତ କରିବା ଫଳରେ ୧୦ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଅଧିକ ଖର୍ଚ୍ଚ କରିବାକୁ ପଡୁଛି ଏବଂ ଏଥିଲାଗି ବି ଘଣ୍ଟାଘଣ୍ଟା ସମୟ ବରବାଦ୍ ହେଉଛି। ଦେଶର ବହୁ ରାଜ୍ୟର ରାଜଧାନୀରୁ ବିଦେଶକୁ ଯାତ୍ରୀବାହୀ ବିମାନ ସେବା ଥିବାବେଳେ ଓଡ଼ିଶା କାହିଁକି ଏଥିରୁ ବାଦ୍ ପଡିଛି ବୋଲି ବି ପ୍ରଶ୍ନ ଉଠୁଛି।

ସକାଳ THE SAKALA



## ୩ ମାସ ହେବ ବନ୍ଦ ରହିଛି ପଙ୍କପାଳ ଆରୋଗ୍ୟ କେନ୍ଦ୍ର

# ସେବାରୁ ବଞ୍ଚିତ ହଜାର ହଜାର ଲୋକ

ଯଖପୁରା, ୧୮।୯ (ସମିସ)




### ପରିଚାଳିକାଙ୍କ ଛୁଟି, ସ୍ୱାସ୍ଥ୍ୟ ସେବା ବନ୍ଦ

ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ପଙ୍କପାଳ ଗ୍ରାମର ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ବିଗତ ୩ ମାସ ହେବ ବନ୍ଦ ରହିଛି। ଯାହାଫଳରେ ବହୁ ସଂଖ୍ୟାରେ ବୟସ୍କ ଲୋକ ପାଖରୁ ପାଉଥିବା ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି।

ପଙ୍କପାଳରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉପରେ ପଙ୍କପାଳ ପଞ୍ଚାୟତ ସମେତ ପଡୋଶୀ ଚାନ୍ଦିଆ ପଞ୍ଚାୟତର ଅନେକ ଲୋକ ନିର୍ଭର କରିଥାନ୍ତି। ଚାନ୍ଦିଆ ଓ ପଙ୍କପାଳ ପଞ୍ଚାୟତରେ ବହୁ ସଂଖ୍ୟାରେ ଆଦିବାସୀ ଲୋକ ଥିବାରୁ ଓ ନିକଟରୁ ସ୍ୱାସ୍ଥ୍ୟ ସେବା ପାଉଥିବାରୁ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଟି ସବୁବେଳେ ଭିଡ ଲାଗି ରହିଥାଏ। ମାତ୍ର ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ପରିଚାଳନା ନିର୍ଦ୍ଦେଶିକାଙ୍କ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସେ ଛୁଟିରେ ଥିବାରୁ ଗତ ୩ ମାସ ହେଲା ଏହା ବନ୍ଦ ରହିଛି।

ଜୁଲାଇ ମାସରୁ ବନ୍ଦ ରହିଥିବା ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଚାଲୁ ରଖିବା ପାଇଁ ଅନ୍ୟ କାହାକୁ ନିଯୁକ୍ତି କରାନଯାଇ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ବନ୍ଦ କରିବା କେତେ ଯେ କଷ୍ଟ ଅନୁଭବ କରୁଛନ୍ତି ଏଠାକାର ଲୋକେ ତାହା ସହଜେ ଅନୁମେୟ।

ଏବେ ବର୍ଷା ଋତୁ ଥିବାରୁ ସାଧାରଣ ଲୋକଙ୍କ ସମେତ ଛୋଟ ଛୋଟ ପିଲା ମାନଙ୍କ ଦେହ ଅନେକ ସମୟରେ ଖରାପ ରହୁଛି। ମୁଖ୍ୟତଃ ଛୋଟ ଛୋଟ ପିଲା ଏହି ସମୟରେ ଝାଡା ବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ଥାଇ ନିକଟ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ଦୂରରେ ଥିବା ଡାକ୍ତରଖାନାକୁ ଯିବାକୁ ପଡୁଛି। ଅନେକ କ୍ଷେତ୍ରରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ ପାଖରେ ଦୂରକୁ ଯିବା ପାଇଁ ସୁବିଧା ନଥିବାରୁ ସେହିପରି ଜ୍ୱରରେ ଆକ୍ରାନ୍ତ ଥାଇ ମଧ୍ୟ ଅନ୍ୟ ସ୍ଥାନକୁ ଚିକିତ୍ସା ପାଇଁ ଯାଇପାରୁନାହାନ୍ତି। ଦୁଇଟି ପଞ୍ଚାୟତର ଅନେକ ସଂଖ୍ୟାରେ ବୟସ୍କ ଲୋକ ନିକଟରୁ ପାଉଥିବା ସ୍ୱାସ୍ଥ୍ୟ ସେବା ରୁ ବଞ୍ଚିତ ରହୁଥିବାରୁ ଓ ଦୂରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର କୁ ଯାଇ ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ କହିଲେ କି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପାଇଁ ଏବେ କୌଣସି ଠାରେ ବଳକା ଉପଲବ୍ଧ ନଥିବାରୁ ପଙ୍କପାଳରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କୁ କାହାକୁ ନିୟୋଜିତ କରାଯାଇ ପାରିବ ନାହିଁ। ଯାହା ଫଳରେ ଆଉ ଏକ ମାସରୁ ଊର୍ଦ୍ଧ୍ୱ ପରିଚାଳିକାଙ୍କ ଛୁଟିଥିବାରୁ ସେପର୍ଯ୍ୟନ୍ତ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ବନ୍ଦ ରହିବ। ପାଖରେ ଥିବା ୩ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ପରିଚାଳନା କରୁଥିବା କର୍ମଚାରୀଙ୍କୁ ସପ୍ତାହକୁ ଦୁଇରୁ ତିନି ଦିନ ପଙ୍କପାଳକୁ ସ୍ୱାସ୍ଥ୍ୟ ସେବା ପାଇଁ ପଠା ଯାଆନ୍ତା ତେବେ ଅନେକ ପରିମାଣରେ ଦେଖା ଦେଉଥିବା ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୋଇପାରନ୍ତା। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ପଙ୍କପାଳରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଚାଲୁ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ସହାୟତା

ଧର୍ମଶାଳା, ୧୮।୯ (ସମିସ): ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ଆଜି ଅବହେଳିତ ଓ ନିଷ୍ପେସିତ ଲୋକମାନଙ୍କୁ ଆର୍ଥିକ ସହାୟତା ପ୍ରଦନ କରାଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଟ୍ରଷ୍ଟ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ଝିଅର ବାହାଘର ନିମନ୍ତେ ଅଣ୍ଟିଆ ପଞ୍ଚାୟତ ଅଣ୍ଟିଆ ଗ୍ରାମର ଭୀଷ୍ମସେନ ଜେନା, ଆର୍ଥିକ ଅନଟନରେ ଥିବା ଯୋଗୁଁ ଅଣ୍ଟିଆ ଗ୍ରାମର ପ୍ରମିଳା ରାଉତ, ଅଣ୍ଟିଆ ଉପରସାହିର ବିଧବା ସନ୍ତୋଷୀ ଗୋଚ୍ଛାୟତଙ୍କୁ ମାସିକିଆ ଆର୍ଥିକ ସହାୟତା, ଆର୍ଥିକ ଅନଟନରେ ଥିବା ଅଣ୍ଟିଆ ଉପରସାହିର କାଳନ୍ଦୀ ଜେନା, ଝିଅର ପାଠପଢ଼ା ଲାଗି ଅଣ୍ଟିଆ ଉପରସାହିର ଶ୍ରୀକାନ୍ତ ରାଉତ, କିଡ୍‌ନୀ ରୋଗର ଚିକିତ୍ସା ନିମନ୍ତେ ଅଣ୍ଟିଆ ଉପରସାହିର ସାଇନୀ ପ୍ରଧାନ, ଆର୍ଥିକ ଅନଟନରେ ଚଳୁଥିବା ପାଟପୁର ପଞ୍ଚାୟତ ପାଟପୁର ଗ୍ରାମର କନକ ରାଉତ, ଚିକିତ୍ସା ଲାଗି ଅଭୟପୁର ଗ୍ରାମର ହଳଧର ବେହେରା, ଆର୍ଥିକ ଅନଟନରେ ଥିବା ପରିବାର ନିମନ୍ତେ ଅଭୟପୁର ଗ୍ରାମର ବିପିନ ମଲିକ, ଘର ଛାତ ପକାଇବା ନିମନ୍ତେ ଅଭୟପୁର ଗ୍ରାମର ପଞ୍ଚାନନ ରାଉତ, ଚିକିତ୍ସା ଲାଗି ଚହଟା ପଞ୍ଚାୟତ ଚହଟା ଗ୍ରାମର କୈଳାସ ମଲିକ, ଚିକିତ୍ସା ନିମନ୍ତେ ଚୋରମୁହାଁ ପଞ୍ଚାୟତ ଚୋରମୁହାଁ ଗ୍ରାମର ତୁଳସୀ ବେହେରା, ଝିଅର ପାଠପଢ଼ା ଲାଗି ଅଣ୍ଟିଆ ଉରସାହିର ପୁଷ୍ପଲତା ଦାସ, ସ୍ୱାଇନାଲ କର୍ଡ ସମସ୍ୟାରେ ଥିବା ଅଣ୍ଟିଆ ଗ୍ରାମର ରାକେଶ ଜେନା, ଦୁଇ ଝିଅଙ୍କ କାନ ଅସ୍ତ୍ରୋପଚାର ପାଇଁ ଅଣ୍ଟିଆ ଗ୍ରାମର ବିଦ୍ୟୁଲତା ମହାରଣା, ବୟଷର ଅପରାହ୍ନରେ ଘରେ କେହି ନଥିବାରୁ ଅଣ୍ଟିଆ ଗ୍ରାମର ମଧୁସୂଦନ ମହାରଣା, ତିନି ଝିଅ ପାଠ ପଢୁଥିବା ବେଳେ ଆର୍ଥିକ ଅନଟନରେ ଚଳୁଥିବା କୁମୁଦୁନୀ ପ୍ରଧାନ, ଝିଅର ପାଠପଢ଼ା ପାଇଁ ଅଣ୍ଟିଆ ଉପରସାହିର ଡଲିପ୍ରଭା ବାରିକଙ୍କୁ ଟ୍ରଷ୍ଟ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

## ମହିଳାକୁ ଅପହରଣ ଉଦ୍ୟମ; ୨ ଗିରଫ

ଧର୍ମଶାଳା, ୧୮।୯ (ସମିସ): ଧର୍ମଶାଳା ଥାନା କଣ୍ଟିଗଡ଼ିଆ ଗ୍ରମରେ ଜଣେ ବିବାହିତ ମହିଳାଙ୍କୁ ବନ୍ଧୁକ ମୁନରେ ଅପହରଣ କରିନେଉଥିବା ବେଳେ ଗ୍ରାମବାସୀ ଦୁର୍ବୃତ୍ତଙ୍କୁ କାବୁ କରି ପୁଲିସ ଜିମା ଦେଇଥଲେ। ଧର୍ମଶାଳା ଥାନାରେ ଘଟଣାର ଅଭିଯୋଗ ପରେ ପୁଲିସ ୩୮୮/୨୬ରେ ଏକ ମାମଲା ରୁଜୁ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନାରୁ ଅନୁଯାୟୀ ବାଲିଚନ୍ଦ୍ରପୁର ଥାନା ବାଲିକୁଦା ଗ୍ରାମର ପ୍ରମୋଦ ମହାରଣାଙ୍କ ଝିଅ ପ୍ରିୟଙ୍କା ମହାରଣା ଭଲପାଇ ଧର୍ମଶାଳା ଥାନା କଣ୍ଟିଗଡ଼ିଆ ପଞ୍ଚାୟତ ହରିଚନ୍ଦନପୁର ଗ୍ରାମର ପ୍ରମୋଦ ମଳିକଙ୍କ ପୁଅ ସୁରେନ୍ଦ୍ର ମଳିକକୁ ୨୦୨୬ ମସିହା ମେ' ମାସରେ କୋର୍ଟ ମ୍ୟାରେଜ କରିଥିଲେ। ସେହି ଦିନଠାରୁ ପ୍ରିୟଙ୍କା ମହାରଣା ହରିଚନ୍ଦନ ପୁରରେ ସ୍ୱାମୀଙ୍କ ସହ ଶାଶୁ ଘରେ ରହିଆସୁଥିଲେ। ଅନୁସୂଚିତ ଜାତିରେ ଝିଅ ବିବାହ ପରେ ପ୍ରିୟଙ୍କାର ବାପ ଘର ଲୋକେ ଝିଅକୁ ନେବା ପାଇଁ ବହୁବାର ସୁରେନ୍ଦ୍ରଙ୍କ ଘରକୁ ଆସି ଧମକ ଚମକ ଦେଇ ଆସୁଥିଲେ। ବୁଧବାର ପୂର୍ବାହ୍ନରେ କିଛି ଯୁବକ ହରିଚନ୍ଦନପୁରରେ ପହଞ୍ଚି ବନ୍ଧୁକ ଦେଖାଇ ଜୋରଜବରଦସ୍ତ ପ୍ରିୟଙ୍କାକୁ ଅପହରଣ କରି ଉଠାଇ ନେଉଥିବା ବେଳେ ଗାଁ ଲୋକେ ଅପହରଣକାରୀଙ୍କୁ ମାଡ଼ିବସିଥିଲେ। ପରେ ଧର୍ମଶାଳା ପୁଲିସକୁ ଖବର ଦେବାପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅପହରଣକାରୀଙ୍କ ନିକଟରୁ ଏକ ବନ୍ଧୁକ ଜବତ କରିବା ସହ ଓ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶି ଥାନା ବାଲିଆ ଗ୍ରାମର ତାପସ କୁମାର ନାୟକ(୩୪) ଓ ସେହିଗ୍ରାମର ଗୌତମ ବରାଳ (୨୪)ଙ୍କୁ ଗିରଫ କରି ଅଜି କୋର୍ଟଚଲାଣ କରିଥିବା ନେଇ ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ବସ୍‌ରୁ ମାଲ ଖସି ଜଣେ ଗୁରତର

ପାଣିକୋଇଲି, ୧୮।୯ (ସମିସ): ପାଣିକୋଇଲି ବାଲେଶ୍ୱର ବସ୍ ଷ୍ଟପ ଉପରେ ବସ୍‌ରୁ ମାଲ ଖଲାସ କଲାବଳେ ଜଣେ ଯାତ୍ରୀଙ୍କ ଉପରେ ମାଲ୍ ଖସିପଡ଼ିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୁଲିସ ବସ୍ କଣ୍ଡକଟରକୁ ଅଟକ ରଖିବା ସହ ତଦନ୍ତ ଜାରି ରଖିଛି। ପ୍ରକାଶଯେ ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ବାସନ୍ତି ଦୁର୍ଗା ନାମକ ଏକ ବସ୍ (ଓଡି୨୨ସି ୬୭୯୯) ଯାଉଥିବା ବେଳେ ପାଣିକୋଇଲି ବାଲେଶ୍ୱର ବସ୍‌ଷ୍ଟପ ଠାରେ ଅଟକିଥିଲା। ବସ୍ ରହିବା ପରେ ଆଣିଥିବା ମାଲକୁ ଖଲାସି ଉପରୁ ତଳକୁ ପକାଇବା ବେଳେ ଅସାବଧାନତା ଯୋଗୁଁ ସେଠାରେ ଯାଉଥିବା ଯାଜପୁର ଜିଲ୍ଲା କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ଘୋଳପୁର ଗ୍ରାମର ବିଦ୍ୟାଭୂଷଣ କର (୩୫)ଙ୍କ ଉପରେ ପଡ଼ିଥିଲା। ଫଳରେ ମୁଣ୍ଡ ଓ ଗୋଡ଼ରେ ଆଘାତ ଲାଗିଥିଲା ବେଳେ ସେ ଗୁରୁତର ଆହତ ହୋଇଥିଲେ। ଏନେଇ ବିଦ୍ୟାଭୂଷଣଙ୍କ ବଡ଼ଭାଇ ବିଶ୍ୱଭୂଷଣ କର ଥାନାରେ ଅଭିଯୋଗ କରିବା ସହ ବିଦ୍ୟାଙ୍କୁ ଚିକିତ୍ସା ନିମନ୍ତେ ପଠାଇଥିଲେ। ପୁଲିସ କଣ୍ଡକ୍ଟର ଓ ଖଲାସିକୁ ଅଟକ ରଖିବା ସହ ବସ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

## ନାବାଳିକାକୁ ଅନ୍ତସତ୍ତ୍ୱା କରିଥିବା ଯୁବକ ଗିରଫ

ଧର୍ମଶାଳା, ୧୮।୯ (ସମିସ): ଧର୍ମଶାଳା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅନ୍ତସତ୍ତ୍ୱା କରିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଏହି ଥାନା ସୁନ୍ଦରିଆ ପଞ୍ଚାୟତ ଫତେପୁର ଗ୍ରାମର ପର୍ଶୁ ଗେଡ଼ି(୨୪) ବୋଲି ଜଣାପଡ଼ିଛି। ସୂଚନା ମୁତାବକ ପର୍ଶୁ ଜଣେ ନାବାଳିକାକୁ ବିବାହ ପ୍ରଲୋଭନ ଦେଖାଇ ତା' ସହିତ ଶାରୀରିକ ସମ୍ପର୍କ ରକ୍ଷା କରିବା ଫଳରେ ନାବାଳିକା ଜଣକ ଅନ୍ତସତ୍ତ୍ୱା ହୋଇଥିଲା। ପରିବାର ଲୋକେ ଜାଣି ଏ ସମ୍ପର୍କରେ ନାବାଳିକାକୁ ପଚାରିବାରୁ ପର୍ଶୁ ଏଭଳି କାମ କରିଥିବା କହିଥିଲା। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୩୮୯/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ଅଭିଯୁକ୍ତ ପର୍ଶୁକୁ ଗିରଫ କରି ତାର ଡାକ୍ତରୀମାଇନା କରିବା ସହ ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ବର୍ଷୀୟାନ କଳାକାରଙ୍କ ପରଲୋକ



ପାଣିକୋଇଲି, ୧୮।୯ (ସମିସ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି (ପରିଡ଼ା ସାହି) ଗ୍ରାମର ଜଣେ ବର୍ଷୀୟାନ ମଞ୍ଚ କଳାକାରଙ୍କ ପରଲୋକ ଘଟିଛି। ସୂଚନାନୁସାରେ ପରିଡ଼ା ସାହି ଗ୍ରାମର ସ୍ୱର୍ଗତ ପଞ୍ଚାନନ ପରିଡ଼ାଙ୍କ ପୁତ୍ର ହରିହର (୭୨) ଉଠା ଜଳସେଚନ ବିଭାଗରେ ଜଣେ ପମ୍ପ ଚାଳକ ଭାବେ ଚାକିରି କରିବା ସହିତ ମଞ୍ଚ ଅଭିନେତା ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ଲୋକପ୍ରିୟ ଥିଲେ। ଗତ କିଛି ଦିନ ହେବ ସେ ଅସୁସ୍ଥ ଥିବାରୁ ତାଙ୍କର କଟକରେ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଆଜି ସକାଳେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକ ମାନେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସିତ ଅବସ୍ଥାରେ ଅପରାହ୍ନ ୩ଟା ସମୟରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ତାଙ୍କର ମୃତଦେହକୁ ଭୁବନେଶ୍ୱରରୁ ବାସସ୍ଥାନକୁ ଅଣାଯିବା ପରେ ସ୍ୱର୍ଗରଥରେ ନିଆଯାଇ ବାରୁଣୀ ମହାଶ୍ମଶାନରେ ସତ୍କାର କରାଯାଇଥିଲା। ପୁତ୍ର ରୋହିତ ମୁଖାଗ୍ନି ଦେଇଥିଲେ। ତାଙ୍କର ଆକସ୍ମିକ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସାପ କାମୁଡ଼ାରେ ମହିଳା ମୃତ



ମଈଁନ୍ଦା, ୧୮।୯ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ଗ୍ରାମପଞ୍ଚାୟତର ବୀଣାପାଣି ବାରିକଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଯାଇଛି। ସୂଚନା ଅନୁସାରେ, ଗତକାଲି ରାତିରେ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ଧର୍ମପତ୍ନୀ ବୀଣାପାଣି ବାରିକ(୭୪) ନିଜ ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୀଣାପାଣିଙ୍କ ଅକାଳ ବିୟୋଗରେ ଚିକଣା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସ୍ଥାନୀୟ ଲୋକେ ସରକାରଙ୍କ ନିକଟରେ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି। ତାଙ୍କର ୬ଜଣ ଝିଅ ଓ ଏକ ମାତ୍ର ପୁଅ ଅଛନ୍ତି।

## ହାଡ଼ିଦାସ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା

ବଡଚଣା, ୧୮।୯ (ସମିସ): ବଡଚଣା ବ୍ଲକ ଛତିଆ ସ୍ଥିତ ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ ସଚେତନତା ସମ୍ମାନ ଓ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ବିମଳ ଚନ୍ଦ୍ର ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶକ୍ତିଶ୍ରୀ ସଂଯୋଜିକା ଡ.ଚନ୍ଦ୍ରକଳା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଛତିଆ ଫାଣ୍ଡି ଅଧିକାରୀ ସରୋଜ ବେହେରା, କଲେଜର ପ୍ରଶାସନିକ ଅଧିକାରୀ ଡ.ନିରଞ୍ଜନ ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସହ ସଂଯୋଜିକା ଅଧ୍ୟାପିକା ସ୍ୱର୍ଣ୍ଣମୁଦ୍ରା ମିଶ୍ର, ସୁଜାତା ବେହେରା, ସୁନୀତା ସ୍ୱାଇଁ, ସୁମିତ୍ରା ନନ୍ଦ, କବିତା ସାହୁ, ଅଧ୍ୟାପକ ତପନ କୁମାର ପଣ୍ଡା, ତୁଷାରକାନ୍ତି, ବିଜୟ ରାଉତ, ଚକ୍ରଧର ନାୟକ, ଭୋଳାନାଥ ନାୟକ, ସତ୍ୟ ମଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏଥିରେ ଅଧ୍ୟାପକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ତରଫରୁ ସ୍ମୃତି, ଲିସା, ସ୍ୱର୍ଣ୍ଣମୟୀ, ଚନାଲି, ଲିପିକା, ଚିରସ୍ରୋତା, ଲକ୍ଷ୍ମୀପ୍ରୀୟା, ଅନୀମା ପ୍ରଭୃତି ସଙ୍ଗୀତ, ନୃତ୍ୟ, ଶଙ୍ଖବାଦ୍ୟ ଓ ଏକକ ଅଭିନୟ ପରିବେଷଣ କରିଥିଲେ। ଶେଷରେ ପିଲା ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ଚାଷୀଙ୍କୁ ଘାରିଛି ଷଣ୍ଢ ଚିନ୍ତା

## ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା

ଯାଜପୁର, ୧୮।୯ (ସମିସ): ବର୍ତ୍ତମାନ ସ୍ୱଳ୍ପ ମିଆଦି ବିଓଲି ଧାନ ଅମଳ ସମୟ ଓ ସାରଦ ଧାନ ଥୋଡ଼ ମୁହାଁ। ମାତ୍ର ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛନ୍ତି ବୁଲା ଷଣ୍ଢ। ଷଣ୍ଢମାନଙ୍କ ଦାଉରୁ ଫସଲ ରକ୍ଷା କରିବାକୁ ସରକାର ତୁରନ୍ତ କାଞ୍ଜିଆହୁଦା ଓ ଗୋଶାଳା ମାନଙ୍କରେ ରଖାଇ ଚାଷୀକୁ ରକ୍ଷା କରନ୍ତୁ ବୋଲି ଦାବି ହୋଇଛି। ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଏ ନେଇ ଏକ ଦାବିପତ୍ର ଯାଜପୁର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ସମ୍ପାଦକ ମାଧବାନନ୍ଦ ଶାନ୍ତି କହିଛନ୍ତି ଯେ, ଆମର କୃଷକ ସଂଗଠନର ପ୍ରାଥମିକ ଆଭିମୁଖ୍ୟ ହେଉଛି, ଚାଷ ଓ ଚାଷୀ ବଞ୍ଚାଅ। ତେଣୁ ଆଜି ଚାଷୀର ସଙ୍କଟକୁ ପ୍ରତିହତ କରିବାକୁ ଦୃଢ ଦାବି ଉପସ୍ଥାପନ କରି ଷଣ୍ଢ ହଟାଇବା ସରକାରଙ୍କ ଦାୟିତ୍ୱ ରହୁ। ଏହି ସମୟରେ ଚାଷୀ ନେତା ଧନଞ୍ଜୟ ବିଶ୍ୱାଳ, ଶ୍ରୀଧର ମହଲ, ସୁବ୍ରତ ସାହୁ, ମହେଶ୍ୱର ସ୍ୱାଇଁ, ନୃସିଂହ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ପୁରୁଣା ବିଜେପି କର୍ମୀଙ୍କ ଦୀପଦାନ

କୁଆଖିଆ, ୧୮।୯ (ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୯ ପଞ୍ଚାୟତ ପୁରୁଣା ବିଜେପି କର୍ମୀମାନଙ୍କ ପକ୍ଷରୁ ଦୀପଦାନ କରାଯାଇଛି। ଶ୍ରୀବନ୍ତପୁର ପଞ୍ଚାୟତ ସାରଙ୍ଗପୁର ସ୍ଥିତ ଜଗତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚନ୍ଦନେଶ୍ୱର ମଣ୍ଡଳର ପୂର୍ବତନ ସଭାପତି ରବୀନ୍ଦ୍ର କୁମାର ରଥଙ୍କ ଆବାହକତ୍ୱରେ କର୍ମୀମାନେ ମିଳିତ ହୋଇ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ଅବସରରେ ସମୂହ ଦୀପଦାନ କରିଥିଲେ। ଏହି ଅବସରରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଚିନ୍ତାମଣି ସାମଲଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ ହୋଇଥିଲା। ଦଳ ପକ୍ଷରୁ ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ପ୍ରତି ହେଉଥିବା ପକ୍ଷପାତିତା ନେଇ ଅସନ୍ତୋଷ ପ୍ରକାଶ ପାଇବା ସହିତ ଏ ସମ୍ପର୍କରେ ଜିଲ୍ଲା ଏବଂ ରାଜ୍ୟ ନେତୃତ୍ୱଙ୍କୁ ଅବଗତ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ପ୍ରତାପ ନାୟକ, ସାନନ୍ଦ ସ୍ୱାଇଁ, ବିଜୟ ସାହୁ, ଅର୍ଜୁନ ମଲ୍ଲିକଙ୍କ ସମେତ ଶକ୍ତି କେନ୍ଦ୍ରର ପ୍ରମୁଖ ମଣ୍ଡଳ ସଭାପତି, ସମ୍ପାଦକ, ଜିଲ୍ଲା ପରିଷଦ ପ୍ରାର୍ଥୀ ଓ ଛାମୁଆ କର୍ମୀ ମାନେ ଯୋଗ ଦେଇଥିବା ବେଳେ ଏହାର ପରବର୍ତ୍ତୀ ବୈଠକ ଆସନ୍ତା ମାସ ନଠୁଆବର ପଞ୍ଚାୟତରେ ହେବବୋଲି ସୂଚନା ଦେଇଥିଲେ।

## ବଧୂହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

ଦଶରଥପୁର, ୧୮।୯ (ସମିସ): ଦଶରଥପୁର ଥାନା ଅନ୍ତର୍ଗତ କମାଳପୁର ଗ୍ରାମରେ ଜନୈକା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଦଶରଥପୁର ଥାନାରେ ମୃତା ମହିଳାଙ୍କ ବାପା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ମହିଳାଙ୍କ ସ୍ୱାମୀକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତା ମହିଳା ଜଣକ କସପା ପଞ୍ଚାୟତ କମାଳପୁର ଗ୍ରାମର ବିଭୁତି ଭୂଷଣ ଦାସଙ୍କ ପତ୍ନୀ ସ୍ୱପ୍ନାରାଣୀ ଦାସ(୨୬) ବୋଲି ଜଣାଯାଇଛି। କମାଳପୁର ଗ୍ରାମର ବିଭୁତି ଭୂଷଣ ଦାସ ୨୦୨୩ରେ ଭଦ୍ରକ ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ଚବିଶପଡ଼ା ଶାସନ ଅଞ୍ଚଳର ଦଶରଥ ଦାସଙ୍କ ଝିଅ ସ୍ୱପ୍ନାରାଣୀ(୨୬)ଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହ ସମୟରେ ପରିବାର ପକ୍ଷରୁ ଶାଶୁ ଘର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ଏହା ମଧ୍ୟରେ ସ୍ୱପାରାଣୀ ଏକ ପୁତ୍ର ସନ୍ତାନର ମାଆ ହୋଇଥିଲେ। କିଛି ଦିନ ସବୁ ଠିକଠାକ ଚାଲିଥିବା ବେଳେ ସ୍ୱାମୀ ବିଭୁତି ଭୂଷଣ ବାପ ଘରୁ ଅଧିକ ୧ଲକ୍ଷ ଟଙ୍କା ଓ ଆଉ କିଛି ସୁନା ଗହଣା ଆଣିବାକୁ ପତ୍ନୀ ସ୍ୱପ୍ନାରାଣୀଙ୍କୁ କହିବାରୁ ବାପାଙ୍କ ଆର୍ଥିକ ଅବସ୍ଥା ଦୃଷ୍ଟିରେ ରଖି ସ୍ୱପ୍ନାରାଣୀ ବିଭୁତିଙ୍କ ପ୍ରସ୍ତାବରେ ଅରାଜି ହେବାରୁ ସ୍ୱାମୀଙ୍କ ସମେତ ଶ୍ୱଶୁର ବଳରାମ ଦାସ, ଶାଶୁ ମାତାଜୀ ଦାସ, ନଣନ୍ଦ ସଂଯୁକ୍ତା ଦାସ, ଦିଅର ବିଜୟ ଦାସ ବିଭିନ୍ନ ସମୟରେ ସ୍ୱପ୍ନାରାଣୀଙ୍କୁ ମାଡ଼ ମାରିବା ସହିତ ଖାଇବାକୁ ଦେଉନଥିଲେ। ଝିଅ ଠାରୁ ସମସ୍ତ ବିଷୟ ଜାଣିବା ପରେ ବାପା ଦଶରଥ ଏକାଧିକବାର ଶାଶୁ ଘର ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସ୍ୱପ୍ନାରାଣୀଙ୍କ ଉପରେ ନିର୍ଯ୍ୟାତନା ଥମୁନଥିଲା। ଗତକାଲି ଜଣେ ସମ୍ପର୍କୀୟ ସ୍ୱପ୍ନାରାଣୀ ମୃତ ଅବସ୍ଥାରେ ଯାଜପୁର ଜିଲ୍ଲା ମେଡ଼ିକାଲରେ ଅଛି ବୋଲି ଫୋନରେ ସୂଚନା ପାଇ ଦଶରଥ ମେଡ଼ିକାଲରେ ପହଞ୍ଚି ଝିଅକୁ ମୃତ ଅବସ୍ଥାରେ ଦେଖି ସ୍ୱପ୍ନାରାଣୀଙ୍କୁ ଶାଶୁ ଘର ଲୋକେ ଯୋଜନାବଦ୍ଧ ଭାବେ ହତ୍ୟା କରି ଆତ୍ମହତ୍ୟା ରୂପ ଦେଉଥିବା ନେଇ ସ୍ୱପ୍ନାରାଣୀଙ୍କ ବାପା ଦଶରଥ ଦଶରଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ କେଶ ନଂ ୨୦୬ରେ ଏକ ମାମଲା ରୁଜୁ କରିବା ସହ ସ୍ୱାମୀ ବିଭୁତିକୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଦଶରଥପୁର ଥାନାଧିକାରୀ ସୁବ୍ରତ କୁମାର ସାହୁ ସୂଚନା ଦେଇଛନ୍ତି।

## ଦୁଇଟି ବସ୍‌ମଧ୍ୟରେ ଧକ୍କା

ଧର୍ମଶାଳା, ୧୮।୯ (ସମିସ): ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥ ନେଉଳପୁର ଛକ ନିକଟରେ ଘଟିଛି ଦୁର୍ଘଟଣା। ସୂଚନା ମୁତାବକ, ଆଜି ଅପରାହ୍ନରେ ମୟୂରଭଞ୍ଜରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଅମ୍ବିକା ବସ ଭାରସାମ୍ୟ ହରାଇ କଟକରୁ ବରୀ ଅଭିମୁଖେ ଯାଉଥିବା ରାଧେକୃଷ୍ଣ ଘରୋଇ ବସ ସହ ଧକ୍କା ହୋଇଥିଲା। ତେବେ ଏହି ଦୁର୍ଘଟଣାରେ କାହାର କିଛି କ୍ଷତି ନ ହୋଇଥିବା ବେଳେ ଏକ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଛନ୍ତି ଉଭୟ ବସର ଅନେକ ଯାତ୍ରୀ। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଗାଡି ଚଳାଚଳ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରିବା ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଅଗ୍ନି ବିପନ୍ନ ପରିବାରକୁ ସହୟତା ଦାବି

ପାଣିକୋଇଲି, ୧୮।୯ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ମୁଲରି ଗ୍ରାମରେ ଅଗ୍ନିକାଣ୍ଡ ଘଟି ପିତବାସପୁରୀଙ୍କ ଦୁଇ ବଖରା ଘର ଜଳିଯିବା ସହ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ପ୍ରକାଶଯେ ଆଜି ମୁଲରି ଗ୍ରାମର ପିତବାସପୁରୀଙ୍କ ଘରେ ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡର କାରଣ ଜଣାନଥିବା ବେଳେ ବିଦ୍ୟୁତ ସଟ୍‌ସର୍କିଟରୁ ହୋଇଥିବା ଅନୁମାନ କରାଯାଉଛି। ତେବେ ବୈତରଣୀରୋଡ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିପନ୍ନ ପରିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବ୍ଲକ କଂଗ୍ରେସ ପକ୍ଷରୁ ବିଡିଓ ଙ୍କୁ ଦାବିପତ୍ର ପ୍ରଦାନ

ଯାଜପୁର, ୧୮।୯ (ସମିସ): ଆଜି ଯାଜପୁର ବ୍ଲକ କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଯାଜପୁର ବ୍ଲକରେ ବନ୍ୟା ପରବର୍ତ୍ତୀ ଅବସ୍ଥାର ସ୍ଥାୟୀ ସମାଧାନ, ଦାରିଦ୍ର୍ୟ ଦୂରିକରଣ ଯୋଜନାରେ ସଫଳ ରୂପାୟନ, ଆବାସ, ଅନ୍ତୋଦ୍ୟୋୟ ଯୋଜନାରେ ପ୍ରକୃତ ହିତାଧିକାରୀ ଚୟନ, କୃଷି ଓ କୃଷକର କଲ୍ୟାଣ ନିମନ୍ତେ ଋଣ ଛାଡ଼ ସହ ରବି ଚଷ ପାଇଁ ସମସ୍ତ ଚଷୀଙ୍କୁ ରବି ଋଣ ପ୍ରଦାନ, ବନ୍ୟା ଦ୍ୱାରା ପ୍ରଭାବିତ ଚାଷୀଙ୍କୁ ହେକ୍ଟର ପିଛା ୩୦ ହାଜର ପ୍ରଦାନ, ଧାନ କିଣା ଟୋକନ ଅବଧି ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ଓ ସମସ୍ତ ନଦୀବନ୍ଧ ସୁଦୃଢ଼ କରିବା ଦାବିରେ ଏକ ସ୍ମାରକପତ୍ର ଯାଜପୁର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ କଂଗ୍ରେସ ନେତା ସନ୍ତୋଷ କୁମାର ନନ୍ଦ, ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, ପ୍ରାକ୍ତନ ସଭାପତି ବିଳାସ ରାଉତ, ନକୁଳ ଦେବ ସାହୁ, ସନ୍ତୋଷ ସାହୁ ପ୍ରମୁଖ ବିଡିଓ, ଯାଜପୁରଙ୍କୁ ଦାବିପତ୍ର ଦେବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ଦଶରଥପୁର ପଞ୍ଚାୟତ ସମିତିର ଅଧିବେଶନ

# ସିଡିପିଓଙ୍କ କାର୍ଯ୍ୟଶୈଳୀକୁ ନେଇ ଜନପ୍ରତିନିଧିଙ୍କ ପ୍ରଶ୍ନ

ଦଶରଥପୁର, ୧୮।୯ (ସମିସ)




ଦଶରଥପୁର ବ୍ଲକ ସଭାଗୃହରେ ୬ଷ୍ଠ ପଞ୍ଚାୟତ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଅଧିବେଶନରେ ଯାଜପୁର ବିଧାୟିକା ସୁଜାତା ସାହୁ ଓ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ କୃଷି, ଉଦ୍ୟାନ, ଜଳସମ୍ପଦ, ପାନୀୟଜଳ, ରାସ୍ତା ଓ ଗୃହ ନିର୍ମାଣ, ଶିଶୁ ବିକାଶ, ସ୍ୱାସ୍ଥ୍ୟ, ସାଧାରଣ ବଣ୍ଟନ ବିଭାଗର କାର୍ଯ୍ୟ ଉପରେ ଚର୍ଚ୍ଚା ହୋଇଥିଲା। ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ, ଏବିଡିଓ ତ୍ରିଲୋଚନ ସେଠୀ, ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନାଙ୍କ ସମେତ କୃଷି, ସ୍ୱାସ୍ଥ୍ୟ, ଯୋଗାଣ, ଜଳସମ୍ପଦ, ଶିଶୁ ବିକାଶ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ପୂର୍ବ ବୈଠକର ବିବରଣୀ ପାଠ କରାଯିବା ପରେ ବିଭିନ୍ନ ବିଭାଗର କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏଥର ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତା, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି ନେଇ ବନ୍ୟା ପ୍ରଭାବିତ ପଞ୍ଚାୟତ ପ୍ରତିନିଧିଙ୍କ ପ୍ରସ୍ତାବ ଉପରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ପାନୀୟଜଳ, ସ୍ୱାସ୍ଥ୍ୟ ଓ ଶିଶୁବିକାଶ ବିଭାଗକୁ ନେଇ ଆଲୋଚନାରେ ବନ୍ୟା ଯୋଗୁଁ ଅହିୟାସ ଓ କଁୟାଗୋଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ପୁନର୍ନିର୍ମାଣ ପାଇଁ କର୍ଯ୍ୟାଁ ସମିତିସଭ୍ୟ ରୋଶନ ଦାସ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ଦାବି କରିଥିଲେ। ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ ପଞ୍ଚାୟତରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମାଣ ପାଇଁ ଟେଣ୍ଡର ସରିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ତାହା ହୋଇପାରୁନାହିଁ ବୋଲି ଅଭିଯୋଗ କରିବା ସହିତ ପଞ୍ଚାୟତରେ କାର୍ଯ୍ୟରତ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଲମ୍ବୋଦର ବେହେରା ହିତାଧିକାରୀଙ୍କୁ ଦୁର୍ବ୍ୟବହାର କରୁଥିବାରୁ ତୁରନ୍ତ ଉକ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଅପସାରଣ କରିବାକୁ ଦାବି କରିଥିଲେ। ଦଶରଥପୁର ପଞ୍ଚାୟତ ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ ଚଳିତ ବନ୍ୟାରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବନ୍ୟା ପ୍ରଭାବିତଙ୍କ ସୁରକ୍ଷିତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ କଣ ସବୁ ପଦକ୍ଷେପ ନିଆଯାଇଛି ଅଧିବେଶନରେ ଜଣାଇବାକୁ ପ୍ରସ୍ତାବ ରଖିଥିଲେ। ଛଞ୍ଚିଣା, ଖଣ୍ଡରା ବିରଜାପୁର, ଚମ୍ପେଇପାଳ, ଖାନନଗର, ପାଲଟପୁର ପଞ୍ଚାୟତର ଜନପ୍ରତିନିଧି ବ୍ଲକ ଶିଶୁବିକାଶ ଅଧିକାରିଣୀ ଶାନ୍ତିଲତା ସେଠୀଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରିବା ସହିତ ଶିଶୁବିକାଶ ଅଧିକାରିଣୀଙ୍କ ଅନୁକମ୍ପାରେ ଏକାଧିକ ଅଙ୍ଗନବାଡି କର୍ମୀ ସରକାରୀ ନୀତି ନିୟମକୁ ଅଣଦେଖାକରି କାର୍ଯ୍ୟ କରୁଥିବା ଅଭିଯୋଗ କରିଥିଲେ। ସେହିପରି ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ଛତୁଆ, ଲଡ୍ଡୁ ଖାଦ୍ୟପୋଯୋଗି ନଥିବାରୁ ସେଗୁଡିକୁ ବାହାରେ ଫିଙ୍ଗି ଦିଆଯାଉଥିବା ଅଭିଯୋଗ କରିବାରୁ ବିଧାୟିକା ପ୍ରମିଳା ମଲ୍ଲିକ ଓ ସୁଜାତା ସାହୁ ଶିଶୁ ଅଧିକାରିଣୀ ଶ୍ରୀମତୀ ସେଠୀଙ୍କୁ କଡା ତାଗିଦ କରି ତୁରନ୍ତ ଏହାର ନିରାକରଣ ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅଧିବେଶନରେ ପାନୀୟଜଳ ଯୋଜନାରେ ସମ୍ପୃକ୍ତ ମେଗା ଠିକାସଂସ୍ଥାର ମନମାନିକୁ ନେଇ ଉପସ୍ଥିତ ସମସ୍ତ ଜନପ୍ରତିନିଧି ମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ଉପସ୍ଥିତ ବିଭାଗୀୟ କନିଷ୍ଠଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା ରାଉତ କୌଣସି ସନ୍ତୋଷଜନକ ଦେଇ ନପାରିବାରୁ ପାନୀୟଜଳ ବ୍ୟବସ୍ଥାକୁ ନେଇ ଆସନ୍ତା ଅକ୍ଟୋବର ୬ତାରିଖରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। କେତେକ ବିଭାଗର ଅଧିକାରୀମାନେ ନିୟମିତ ଭାବେ ବୈଠକରେ ଅନୁପସ୍ଥିତ ରହୁଥିବାରୁ ସମ୍ପୃକ୍ତ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ପଞ୍ଚାୟତର ପ୍ରତିନିଧିମାନେ କୌଣସି କାର୍ଯ୍ୟକ୍ରମ ବାବଦରେ ଅବଗତ ହୋଇପାରୁନଥିବା ନେଇ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ନିନାରାଣୀ ସାମଲ, ମନସ୍ୱିନୀ ଦାସ, ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଇଜାପୁର ସରପଞ୍ଚ ରାଜଶ୍ରୀ ସାମଲ, ଖାନନଗର ସରପଞ୍ଚ ଶୁଭଶ୍ରୀ ମଲ୍ଲିକ, ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ, ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ଡାହାଣହତା ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ଚିତ୍ତାଳ ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀ, କଟିକଟା ସରପଞ୍ଚ କାଞ୍ଚନବାଳା ପରିଡ଼ା, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ରମାକାନ୍ତ ସେଠୀ ଦୃଷ୍ଟି ଆକର୍ଷଣ କରିବା ପରେ ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ଉତ୍ତରଦାୟୀତ୍ୱ ସ୍ପଷ୍ଟ କରିବା ପ୍ରସ୍ତାବରେ ସହମତି ପ୍ରକାଶ ପାଇଥିଲା।

### ନିର୍ମାଣ ଶ୍ରମିକ ସହାୟତା ପ୍ରଦାନରେ ଜାଲିଆତି

# ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ବ୍ୟାସନଗର,୧୮।୯ (ସମିସ):

ଯାଜପୁର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ଓ ସହାୟତା ରାଶି ପ୍ରଦାନରେ ଅନିୟମିତତା ପ୍ରତିବାଦରେ ଶୁକ୍ରବାର ଶତାଧିକ ନିର୍ମାଣ ଶ୍ରମିକ ହିତାଧିକାରୀ ତୁରନ୍ତ ଅର୍ଥ ପ୍ରଦାନ ଦାବିରେ ଗଣଧାରଣା ଦେଇଥିଲେ। ନିର୍ମାଣ ଶ୍ରମିକଙ୍କ ଏହି ଦାବିକୁ ସମର୍ଥନ କରି ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘ ସଭାପତି ତଥା ଓଜେସିର ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି ଧାରଣାସ୍ଥଳରେ ପହଞ୍ଚିଥିଲେ ଏବଂ ଆୟୋଜିତ ପ୍ରତିବାଦ ସଭାରେ ଭାଷଣ ଦେଇ ଏହି ଶ୍ରମ କାର୍ଯ୍ୟାଳୟ ଦଲାଲ ଓ ମାଲିକମାନଙ୍କ ହାତରେ ପରିଚାଳିତ ହେବା ଦ୍ୱାରା ବହୁ ଶ୍ରମିକ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ଏପରିକି ଅନେକ ଅଣଶ୍ରମିକ ଏହି କାର୍ଯ୍ୟାଳୟର ଅଧିକାରୀମାନଙ୍କୁ ଲାଞ୍ଚ ଦେଇ ନିଜର ନାମ ପଞ୍ଜିକୃତ କରିବା ଘଟଣାକୁ ଶ୍ରୀ ମହାନ୍ତି ଦୃଢ଼ ନିନ୍ଦା କରିଥିଲେ। ତେବେ ଏନେଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର ସାହୁ ଓ ସହକାରୀ ଶ୍ରମ ଅଧିକାରୀ ଅଜିଜିତ ପ୍ରଧାନ ଧାରଣାରେ ବସିଥିବା ଶ୍ରମିକ ଏବଂ ଶ୍ରମିକ ନେତାଙ୍କ ସହିତ ଆଲୋଚନା କରି ଆସନ୍ତା ମାସରେ ସମସ୍ତ ଦରଖାସ୍ତକାରୀଙ୍କୁ ସହାୟତା ପ୍ରଦାନ କରାଯିବା ସହିତ କୋରାଇ ଓ ବ୍ୟାସନଗର ପାଇଁ ଶ୍ରୀ ପ୍ରଧାନ ନିଯୁକ୍ତ ଅଛନ୍ତି ବୋଲି ଘୋଷଣା କରିଥିଲେ। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ଯେନା, ଅଭିମନ୍ୟୁ ପାତ୍ର, ମଦନ ସାହୁ, ପ୍ରଶାନ୍ତ ଜେନା, ଶତ୍ରୁଘ୍ନ ମଲିକ, ଲକ୍ଷ୍ମୀଧର ପାତ୍ର,ରାକେଶ କୁମାର ଓ ପ୍ରଦୀପ ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




### ଛଚିଣା ଗଣେଶ ମହୋତ୍ସବ ରୌପ୍ୟ ଜୟନ୍ତୀ

# ମନମୋହିଲା ସାଂସ୍କୃତିକ ସଭା ଓ ମେଲୋଡି

ଦଶରଥପୁର,୧୮।୯ (ସମିସ): ଦଶରଥପୁର ବ୍ଲକ ଛଚିଣା ଗ୍ରାମ ବିବିସି କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗଣେଶ ରୌପ୍ୟ ଜୟନ୍ତୀ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସାଂସ୍କୃତିକ ସଭା ସହ ଅର୍କେଷ୍ଟ୍ରା ମେଲୋଡି କାର୍ଯ୍ୟକ୍ରମ ବେଶ ମନୋମୁଗ୍ଧ କରିଥିଲା। କ୍ଲବ ସଭାପତି ଉତ୍କଳ କେଶରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି ସଭାରେ ରମେଶ ଦାଶ ଓ ପ୍ରସନ୍ନଜିତ ମହାପାତ୍ର ସଂଯୋଜନା କରିଥିଲେ। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଗୀତିକାର ସମାଜସେବୀ ସରୋଜ ବିଶ୍ୱାଳ, ଦଶରଥପୁର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ରମେଶ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦଶରଥପୁର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଅମୀୟ ମଲିକ, ସମାଜସେବୀ ସଂଗ୍ରାମ ପାତ୍ର, ମୃତ୍ୟୁଞ୍ଜୟ ମିଶ୍ର, ସଞ୍ଜୟ ନାୟକ, ବିଜୟ ଧଳ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ଦୀନବନ୍ଧୁ ଦାଶ, ମହେଶ୍ୱର ମହାପାତ୍ର, ଜୟଦେବ ଦାଶ, ବିକାଶ ମହାପାତ୍ର, ଗୌତମ ରଥ, ଗିରିଶ ପରିଡ଼ା, ରବିନାରାୟଣ ପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଅମିତ ମହାପାତ୍ର ଅତିଥିଙ୍କୁ ଅଭ୍ୟର୍ଥିତ କରିଥିବା ବେଳେ ସମିତିସଭ୍ୟ ସତ୍ୟ ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅର୍କେଷ୍ଟ୍ରାର ସଙ୍ଗୀତ, ନୃତ୍ୟରେ ଝୁମିଥିଲେ ଦର୍ଶକ। ପ୍ରକାଶଥାଉ, ସପ୍ତାହବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବରେ ପ୍ରତ୍ୟହ ସାଂସ୍କୃତିକ ସଭା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।ଏହି ମହୋତ୍ସବରେ ଗଜାନନଙ୍କ ସୁଉଚ୍ଚ ମୂର୍ତ୍ତୀ, ମୀନା ବଜାର ସହ ସୁଦୃଶ ତୋରଣ ସାଂଗକୁ ଆକର୍ଷଣୀୟ ସାଜସଜ୍ଜା ଶ୍ରଦ୍ଧାଳୁ ତଥା ଦର୍ଶକଙ୍କ ମନୋ ହରଣ କରୁଛି।



# ମୁହଁରେ ଲଙ୍କା ଗୁଣ୍ଡ ପକାଇ ଝାମ୍ପି ନେଲେ ସୁନାଚେନ୍

କବାଟବନ୍ଧ,୧୮।୯ (ସମିସ): ଗୁରୁବାର ସନ୍ଧ୍ୟାରେ ଜଣେ ବ୍ୟବସାୟୀଙ୍କ ମୁହଁକୁ ଦୁର୍ବୃତ୍ତମାନେ ଲଙ୍କା ଗୁଣ୍ଡ ଫିଙ୍ଗି ଦୁଇଟି ସୁନାଚେନ୍ ଛଡ଼ାଇ ନେଇଥିବା ଜଣାପଡିଛି। ବ୍ୟବସାୟୀ ଜଣକ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବଳରାମପୁର ତଳଗଡ଼ ଗ୍ରାମର ସୁମନ ମିଶ୍ର। ସାତ ଦିନ ତଳେ ଗତ ୧୧ ତାରିଖରେ ଏହି ଥାନା ଅନ୍ତର୍ଗତ ଅଣ୍ଟିଆ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଠାରୁ ମଧ୍ୟ ଏକ ଅଭିନବ ଉପାୟରେ ଲୁଟେରା ସୁନା ଅଳଙ୍କାର ଲୁଟି ନେଇଥିଲେ। ତେବେ ବଳରାମପୁର ଗ୍ରାମର ସୁମନ ମିଶ୍ରଙ୍କ ଠାରୁ ଲଙ୍କା ଗୁଣ୍ଡ ପକାଇ ଲୁଟ କରିଥିବା ଲୁଟେରାଙ୍କ ପୂର୍ବ ଯୋଜନା ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଶ୍ରୀ ମିଶ୍ର ଚଣ୍ଡିଖୋଲ-ଡୁବୁରି ୫୩ ନମ୍ବର ଜାତୀୟ ରାଜପଥର କନ୍ତପଡ଼ା ଛକ ନିକଟରୁ ନିଜ ବ୍ୟବସାୟ ପ୍ରତିଷ୍ଠାନରୁ ବାହାରି ବାଇକ୍‌ରେ ଘରକୁ ଯାଉଥିବା ସମୟରେ ଦୁଇ ଜଣ ଲୁଟେରା ଏକ ବାଇକରେ ପଛରୁ ଯାଇ ଲଙ୍କା ଗୁଣ୍ଡ ପକାଇ ସେ ପିନ୍ଧିଥିବା ଦୁଇଟି ସୁନା ଚେନକୁ ଝାମ୍ପି ନେଇ ଆଗକୁ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଲଙ୍କା ଗୁଣ୍ଡ ପଡ଼ିବା ପରେ ଶ୍ରୀ ମିଶ୍ର କିଛି ଦେଖି ପାରିନଥିଲେ। ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚିବା ପରେ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ଲୁଟ ହୋଇଥିବା ଦୁଇଟି ସୁନାଚେନ୍‌ର ଓଜନ ଶହେ ଗ୍ରାମରୁ ଅଧିକ। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କାରୁ ଅଧିକ ହେବ। ସେହିପରି ମଙ୍ଗଳବାର ବିଳମ୍ବିତ ରାତିରେ ମଧ୍ୟ ସ୍ଥାନୀୟ ଜେନାପୁର ବାଲି ଯାତ୍ରାପଡ଼ିଆ ନିକଟରୁ ଏକ ଟ୍ରାନ୍ସଫର୍ମରକୁ ଚୋର ମାନେ ନେଇ ଯାଇଛନ୍ତି।

# ଯକ୍ଷ୍ମା ମୁକ୍ତ ଭାରତ ଏକ୍ସରେ ପରୀକ୍ଷଣ ଶିବିର



ପ୍ରୀତିପୁର,୧୮।୯ (ସମିସ): ଯକ୍ଷ୍ମା ରୋଗର ସଫଳ ଚିହ୍ନଟ, ଚିକିତ୍ସା ଓ ନିରାକରଣକୁ ତୃଣମୂଳ ସ୍ତରରେ ଜନାଦୃତ କରିବାକୁ ଜାରିଥିବା ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଚତୁର୍ଥ ପର୍ଯ୍ୟାୟ ଏକ୍ସରେ କ୍ୟାମ୍ପ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଅରେଇ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବରୁଣେଶ୍ୱର ଉଚ୍ଚ ବିଦ୍ୟାଳୟର ଏନସିସି ଛାତ୍ରମାନଙ୍କୁ ଟିବି ରୋଗ ଏବଂ ରୋଗୀଙ୍କ ପ୍ରତି ଦାୟିତ୍ୱ ବିଷୟରେ ସଚେତନ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଏଚ୍‌ଓ ଦେବାଶିଷ ଦାସ, ଆର୍‌ଏନ୍ ପଣ୍ଡା, ମଧୁସ୍ମିତା ସିଂ, ରାଜଲକ୍ଷ୍ମୀ ମିଶ୍ର, ଚନ୍ଦନ ପତି, ଉପସ୍ଥିତ ଥିଲେ। ମୁଖ୍ୟଶାସନ ସଚୀବଙ୍କ ନିର୍ଦ୍ଦେଶ ଅନୁଯାୟୀ ଜନସାଧାରଣ, ଜନ ପ୍ରତିନିଧୀ ଏବଂ ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗ ମିଳିଲେ ଯକ୍ଷ୍ମାମୁକ୍ତ ଭାରତର ଲକ୍ଷ୍ୟ ପୂରଣ ସହଜ ହେବବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ପରିଦର୍ଶକ ଏସଟିଏସ ଶୀତିକଣ୍ଠ ମିଶ୍ର ପ୍ରକାଶ କରିଥିଲେ।

# ବାଲିଆରେ ଆଇନ ସଚେତନତା କାର୍ଯ୍ୟକ୍ରମ



ବରୀ,୧୮।୯ (ସମିସ): ଅଭିମନ୍ୟୁ ସାମନ୍ତ ସିଂହାର ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ଲିଗାଲ ଆୱାରନେସ ଓ ମେଣ୍ଟାଲ ହେଲ୍ଥ୍ ପୋଗ୍ରାମ ମହା ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମର ସଂଚାଳିକା ଅଧ୍ୟାପିକା ସୁଧାଂଶୁବାଳା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପୋଗ୍ରାମ ନିମନ୍ତେ ଆୟୋଜିତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ରବିନ୍ଦ୍ର କୁମାର ଦାସ ସଭାପତିତ୍ୱ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡ. ଦାମୋଦର ସାହୁ, ବରଦା ପ୍ରସନ୍ନ ସାହୁ, ହିମାଂଶୁ ଶେଖର ପ୍ରଧାନ, ଶୁଶ୍ରୀ ସଂଗୀତା ଜେନା, ନମିତା ସାମଲ, ସ୍ୱର୍ଣ୍ଣପ୍ରଭା ମହାନ୍ତି, ମଧୁସ୍ମିତା ରାଉତ ପ୍ରମୁଖ ଯୋଗଦାନ କରି ଛାତ୍ରୀ ମାନଙ୍କ ଅଧିକାର ଓ ତାଙ୍କ ନିମନ୍ତେ ରହିଥିବା ଆନୁଷ୍ଠାନିକ ବିଧି ବ୍ୟବସ୍ଥା ବିଷୟରେ ଅବଗତ କରାଇ ଥିଲେ।

# କୃତ୍ରିମ ବୁଦ୍ଧିମତ୍ତା ଓ ରୋବୋଟିକ୍ସ ଶିବିର

କୟାଁଗୋଲା,୧୮।୯ (ସମିସ): ଦଶରଥପୁର ବ୍ଲକ କଣ୍ଠାବଣିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଯନ୍ତ୍ର ସଂଯୋଗ ପ୍ରଯୁକ୍ତି ଓ ସାଇବର ସୁରକ୍ଷା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ବିଦ୍ୟାର୍ଥୀଙ୍କୁ ଅବଗତ କରାଇବା ସହ ଏହାର ବ୍ୟବହାରିକ ଦିଗ ସହ ପରିଚିତ କରାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଶିବିରରେ ବିଦ୍ୟାର୍ଥୀମାନେ ରୋବୋଟର କାର୍ଯ୍ୟପ୍ରଣାଳୀ ଦେଖିବା ସହ କୃତ୍ରିମ ବୁଦ୍ଧିମତ୍ତା କିପରି କାର୍ଯ୍ୟ କରେ ଏବଂ ଏହାର ବ୍ୟବହାର କେଉଁ କେଉଁ କ୍ଷେତ୍ରରେ ହୋଇପାରେ, ସେ ସମ୍ପର୍କରେ ଜାଣିଥିଲେ। ଏଥିସହ ଯନ୍ତ୍ର ସଂଯୋଗ ପ୍ରଯୁକ୍ତି ଓ ସାଇବର ସୁରକ୍ଷାର ଗୁରୁତ୍ୱ ନେଇ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଦର୍ଶନୀ ଓ ପ୍ରାୟୋଗିକ କାର୍ଯ୍ୟକଳାପ ମାଧ୍ୟମରେ ବିଷୟଗୁଡ଼ିକୁ ସହଜ ଭାବେ ବୁଝାଇ ଦିଆଯାଇଥିଲା। ରୋବୋଟର କାର୍ଯ୍ୟକଳାପ ଦେଖି ବିଦ୍ୟାର୍ଥୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଉତ୍ସୁକତା ପ୍ରକାଶ ପାଇଥିଲା। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ବୈଷୟିକ ନିର୍ଦ୍ଦେଶାଳୟ ଓକାକ୍ ପକ୍ଷରୁ ପ୍ରାୟୋଜିତ ଏହି ଶିବିରକୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଅଧୀନ ସ୍ୱୟଂଶାସିତ ସଂସ୍ଥା ଓକେସିଏଲ୍ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସହଯୋଗ ରହିଥିଲା। ସାଧୁଗୌରେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ଦାଶ ଓ ଖରସ୍ରୋତା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦାଂଶୁ ଦାସ ମିଳିତ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଅବସରରେ ଆଧୁନିକ ଯୁଗରେ ପ୍ରଯୁକ୍ତି ଜ୍ଞାନର ଆବଶ୍ୟକତା ଓ ଏଭଳି ପ୍ରଶିକ୍ଷଣ ଦ୍ୱାରା ବିଦ୍ୟାର୍ଥୀମାନେ କିପରି ଉପକୃତ ହୋଇପାରିବେ, ସେନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ଜେନା, ପୂର୍ବତନ ପ୍ରଧାନଶିକ୍ଷକ କଳ୍ପତରୁ ସାମଲ, ପଞ୍ଚସଖା ସେତୁ କମିଟିର ଅଧ୍ୟକ୍ଷ ପ୍ରଭାକର ଦାସ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୋମନାଥ ସାହୁଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଓକେସିଏଲର ଯାଜପୁର ଜିଲ୍ଲା ପ୍ରମୁଖ କେନ୍ଦ୍ରର ମୁଖ୍ୟ ସନ୍ଦୀପ କୁମାର ନାୟକ ଏବଂ ଅଧିକୃତ ଶିକ୍ଷା କେନ୍ଦ୍ର ଆଇବ୍ରେନର ମୁଖ୍ୟ ପ୍ରତାପ ଜେ. ଦାସ ଓ ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ, ସହକର୍ମୀ ଓ କର୍ମଚାରୀଙ୍କ ସହଯୋଗରେ ଶିବିରଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।



# ବିଛାଖଣ୍ଡି ବିଦ୍ୟାଳୟରେ ଓଜୋନ୍ ଦିବସ

କବାଟବନ୍ଧ,୧୮।୯ (ସମିସ): ବିଶ୍ୱ ଓଜୋନ ଦିବସ ଅବସରରେ କେଜେ ଇସ୍ପାତ ଲିମିଟେଡ୍, କଳିଙ୍ଗନଗର ପ୍ଲାଣ୍ଟ ପକ୍ଷରୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ଅଧୀନ ବିଛାଖଣ୍ଡି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଏହି ସମ୍ବନ୍ଧରେ ଅବଗତ କରିବା ଏବଂ ଓଜୋନ ସ୍ତରର ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେଜେ ଇସ୍ପାତ ପ୍ଲାଣ୍ଟର ଜେନେରାଲ ମ୍ୟାନେଜର ବସନ୍ତ କୁମାର ପଣ୍ଡା ଓଜୋନ ସ୍ତର ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ବହୁ ମୂଲ୍ୟ ମତ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ଲାଣ୍ଟ ମ୍ୟାନେଜର ଡିବିକେ ମହାନ୍ତି, ଆଇଟି ମୁଖ୍ୟ ପ୍ରଦୀପ ଦାସ, ସୁରକ୍ଷା ବିଭାଗ ଅନିଲ ଧଳ,ବିଦ୍ୟୁତ ବିଭାଗ ପରିଚାଳକ ବି. ପଲେଇ, ଯାନ୍ତ୍ରିକ ବିଭାଗ ମୁଖ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଫୁଲ୍ଲ କୁମାର ମଲ୍ଲ, ଧନେଶ୍ୱର ଜେନା, ସୂର୍ଯ୍ୟକାନ୍ତି ସାହୁ, ଧନଞ୍ଜୟ ମୁଦୁଲି, ଇନ୍ଦୁମତୀ ପରିଡ଼ା, ଭଗବାନ ସାହୁ, ଗିରିଶ କୁମାର ସାହୁ, ସ୍କୁଲର ପୁରାତନଛାତ୍ର ହେମନ୍ତ କୁମାର ମହାରଣା, ଅରୁଣ କୁମାର ପ୍ରଧାନ, ସୁଦର୍ଶନ ପରିଡ଼ା, ଦିବ୍ୟାଦେବୀ ବାରିକ ଏବଂ ସିଆରସିସିଙ୍କ ସମେତ ପ୍ଲାଣ୍ଟ ଓ ବିଦ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଓଜୋନ ଦିବସ ସଚେତନତା ଭିତ୍ତିକ କୁଇଜ୍, ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ପକ୍ଷରୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ମିଶନ୍ ଲାଇଫ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଅନିଲ ଧଳ ଉପସ୍ଥିତ ସମସ୍ତଙ୍କୁ ପରିବେଶ ସୁରକ୍ଷା, ଓଜୋନ ସୁରକ୍ଷା, ପ୍ଲାଷ୍ଟିକ୍ ବର୍ଜନ, ଜଳ ଓ ଶକ୍ତି ସଂରକ୍ଷଣ ତଥା ପରିବେଶ ଅନୁକୂଳ ଜୀବନଶୈଳୀ ପାଇଁ ଆହ୍ୱାନ ଦେଇ ଶପଥ ପାଠ କରାଇଥିଲେ। ସର୍ବଶେଷରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା।

# ଆକ୍ରମଣ ମାମଲାରେ ଭିନ୍ନ ଭିନ୍ନ ଅଭିଯୋଗ

ବରୀ,୧୮।୯ (ସମିସ): ବରୀ ରାମଚନ୍ଦ୍ରପୁର ଥାନା ଅଧୀନସ୍ଥ କଳାମାଟିଆ ପଞ୍ଚାୟତରେ ଆକ୍ରମଣ ଘଟଣାକୁ ନେଇ ଥାନାରେ ଦୁଇଟି ପୃଥକ୍ ଲିଖିତ ଅଭିଯୋଗ ହେବା ଏବଂ ପୁଲିସ୍ ଦୁଇଟି ମାମଲା ରୁଜୁ କରି ଥିଲେ ବି ଅଭିଯୁକ୍ତମାନଙ୍କୁ ଗିରଫ କରିବା କ୍ଷେତ୍ରରେ ଅଡୁଆରେ ପଡିଛି। ସୂଚନା ମୁତାବକ ଏହି ପଞ୍ଚାୟତ ଅଧୀନସ୍ଥ ବିଦୃପା ଗ୍ରାମର ଶ୍ୟାମସୁନ୍ଦର ଧଳ କାଇପଡାରୁ ନିଜ ଘରକୁ ଫେରୁଥିବା ବେଳେ ତାଙ୍କୁ ଉପର କାଇପଡ଼ା ଗ୍ରାମର କିଛି ବ୍ୟକ୍ତି ସଙ୍ଘବଦ୍ଧ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଆହତ ଶ୍ୟାମସୁନ୍ଦରଙ୍କ ପତ୍ନୀ ଉତ୍କଳିନୀ ଧଳ ୧୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଉତ୍କଳିନୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ୩୫୦/୨୬ରେ ଏକ ମାମଲା ରୁଜୁ କରିଥିଲା। ଅପର ପକ୍ଷରେ ଉପର କାଇପଡା ଗ୍ରାମର କୁନିଲତା ସେଠୀ ମଧ୍ୟ ତାଙ୍କ ପୁଅ ରାଜେନ୍ଦ୍ର ସେଠୀଙ୍କୁ ଆକ୍ରମଣ କରାଯିବାକୁ ନେଇ ସେହି ଦିନ ଏକ ଲିଖିତ ଅଭିଯୋଗ କରିଛନ୍ତି। କୁନିଲତା ସେଠୀଙ୍କ ଅଭିଯୋଗ ମୁତାବକ ୩୫୨/୨୬ ଏକ ମାମଲା ରୁଜୁ ହୋଇଛି। ଉଭୟ ଶ୍ୟାମସୁନ୍ଦର ଧଳ ଓ ରାଜେନ୍ଦ୍ର ସେଠୀ ବର୍ତ୍ତମାନ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି; କିନ୍ତୁ ଉଭୟ ଆହତ ବ୍ୟକ୍ତିଙ୍କୁ କିଏ ଆକ୍ରମଣ କଲା ସେମାନେ ସଠିକ୍ ତଥ୍ୟ ଦେଇ ନ ପାରିବା ଏବଂ ଶ୍ୟାମସୁନ୍ଦରଙ୍କ ପତ୍ନୀ ଓ ରାଜେନ୍ଦ୍ରଙ୍କ ମାଆ ଥାନାରେ ଅଭିଯୋଗ କରିବା ପରେ ବରୀ ପୁଲିସର ଅଡୁଆକୁ ବଢ଼ାଇ ଦେଇଛି। ଏ ବିଷୟରେ ବରୀ ଥାନା ଅଧିକାରୀହେମଲତା ଦାସଙ୍କୁ ପଚାରିବାରେ ସେ କୁହନ୍ତି ଆକ୍ରମଣ ଘଟଣାରେ ଦୁଇ ଜଣ ବ୍ୟକ୍ତି ବର୍ତ୍ତମାନ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ସେମାନେ ଫେରିବା ପରେ ସେମାନଙ୍କ ବିବୃତ୍ତି ଓ ପୁଲିସର ତଦନ୍ତକୁ ଭିତ୍ତିକରି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବିଲ୍ ପୈଠ ନ ହେବାରୁ ସ୍କୁଲରୁ ବିଦ୍ୟୁତ୍ ବିଚ୍ଛିନ୍ନ

# ଅନ୍ଧାରରେ ସ୍କୁଲ, ଗରମରେ ହନ୍ତସନ୍ତ ପିଲା

ବିଞ୍ଝାରପୁର,୧୮।୯ (ସମିସ): ବିଦ୍ୟୁତ୍ ବିଲ୍ ପୈଠକୁ ନେଇ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନ୍ଦା ମୁରଲୀଧର ନୋଡାଲ ବିଦ୍ୟାଳୟର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ଫଳରେ ଶତାଧିକ ଛାତ୍ରଛାତ୍ରୀ ପ୍ରବଳ ଗରମ ଓ ଗୁଳୁଗୁଳି ମଧ୍ୟରେ ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ବିଦ୍ୟୁତ୍ ନଥିବାରୁ ଶ୍ରେଣୀଗୃହରେ ଅସ୍ୱସ୍ତିକର ପରିବେଶ ସୃଷ୍ଟି ହୋଇ ପାଠପଢ଼ା ବ୍ୟାହତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।ସୂଚନାନୁସାରେ, ପୂର୍ବରୁ ମଧ୍ୟ ବିଦ୍ୟାଳୟର ବିଦ୍ୟୁତ୍ ସଂଯୋଗ ପ୍ରାୟ ୩ ମାସ ଧରି ବିଚ୍ଛିନ୍ନ ରହିଥିଲା। ପରେ କିଛି ଅର୍ଥ ପୈଠ କରାଯାଇ ବିଦ୍ୟୁତ୍ ସଂଯୋଗ ପୁନଃସ୍ଥାପନ କରାଯାଇଥିଲା। ମାତ୍ର ପ୍ରାୟ ୧୫ ଦିନ ପରେ ପୁଣିଥରେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି।ଏହି ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କ ମତ ହେଉଛି, ପ୍ରଧାନଶିକ୍ଷକ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ ନ କରିବାରୁ ଏଭଳି ସ୍ଥିତି ଉପୁଜିଛି। ଅନ୍ୟପକ୍ଷରେ ପ୍ରଧାନଶିକ୍ଷକ ଏହାକୁ ଖଣ୍ଡନ କରିବା ସହ ବିଦ୍ୟୁତ୍ ବିଲ୍ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟାଳୟରେ ଜମା କରାଯାଇଥିବା କହିଛନ୍ତି।ଦୁଇ ପକ୍ଷର ଭିନ୍ନ ଭିନ୍ନ ବୟାନ ମଧ୍ୟରେ ବିଦ୍ୟୁତ୍ ବିଚ୍ଛିନ୍ନତାର ପ୍ରକୃତ କାରଣ ନେଇ ପ୍ରଶ୍ନ ଉଠିଛି। ବିଲ୍ ପୈଠରେ କୌଣସି ଅନିୟମିତତା ହୋଇଛି କି, ତାହାର ତଦନ୍ତ ଆବଶ୍ୟକ ବୋଲି ଅଭିଭାବକମାନେ ଦାବି କରିଛନ୍ତି। ବିଦ୍ୟାଳୟରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ପୁନଃସ୍ଥାପନ କରାଯିବା ସହ ଘଟଣାର ତଦନ୍ତ କରା ନ ଗଲେ ସୋମବାର ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଭାବକମାନେ ଫେରାଦ ହେବେ ବୋଲି ଜଣାପଡ଼ିଛି।

# ଜିନ୍ଦଲକୁ ପ୍ରଦୂଷଣ ନିୟନ୍ତ୍ରଣ ଶ୍ରେଷ୍ଠତା ପୁରସ୍କାର




ଦାନଗଦି,୧୮।୯ (ସମିସ): ପ୍ରମୁଖ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ସଂସ୍ଥା "ଜିନ୍ଦଲ ଷ୍ଟେନ୍‌ଲେସ୍'କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଶିଳ୍ପ ବର୍ଗରେ "ପ୍ରଦୂଷଣ ନିୟନ୍ତ୍ରଣ ଶ୍ରେଷ୍ଠତା ପୁରସ୍କାର-୨୦୨୬'ରେ ସମ୍ମାନିତ କରାଯାଇଛି। ଯାଜପୁରସ୍ଥିତ କଳିଙ୍ଗନଗର ପ୍ଲାଣ୍ଟରେ ପରିବେଶ ଅନୁପାଳନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସ୍ଥାୟୀ ଶିଳ୍ପ ପ୍ରକ୍ରିୟା ପାଇଁ କମ୍ପାନୀର ନିରନ୍ତର ପ୍ରଚେଷ୍ଟାକୁ ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଅଡିଟୋରିୟମରେ ଆୟୋଜିତ ଏସ୍‌ପିସିବି ଓଡ଼ିଶାର ୪୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଜଙ୍ଗଲ, ପରିବେଶ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏ ନେଇ ଜିନ୍ଦଲ ଷ୍ଟେନ୍‌ଲେସ୍ (ଯାଜପୁର)ର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି, ଓଡ଼ିଶା ଏବଂ ସାରା ଦେଶରେ ଆମର କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଆପଣାଇବା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସର୍କୁଲାର ଇକୋନୋମି (ବୃତ୍ତାକାର ଅର୍ଥନୀତି) ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ଜାରି ରଖିବୁ। ପୁରସ୍କାର ବିତରଣ ଉତ୍ସବ ସହିତ ଜିନ୍ଦଲ ଷ୍ଟେନ୍‌ଲେସ୍ ଏକ ଇଣ୍ଟରାକ୍ଟିଭ୍ ପ୍ରଦର୍ଶନୀ ଷ୍ଟଲ୍ ମାଧ୍ୟମରେ ନିଜର ଡିକାର୍ବୋନାଇଜେସନ୍ (ଅଙ୍ଗାରକାମ୍ଳ ହ୍ରାସ) ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରିଥିଲା। ଏଥିରେ ବ୍ରାଇଟ୍ ଆନିଲିଂ ପାଇଁ ଏହାର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟର ଏକ କାର୍ଯ୍ୟକ୍ଷମ ମଡେଲ୍ ସହିତ ଓଡ଼ିଶାର ସବୁଠାରୁ ବଡ଼ କ୍ୟାପ୍ଟିଭ୍ ଇଣ୍ଡଷ୍ଟ୍ରିଆଲ୍ ସୋଲାର ପ୍ଲାଣ୍ଟ ଏବଂ ଉତ୍ପାଦନ ପ୍ରକ୍ରିୟାରୁ କାର୍ବନ ପଦଚିହ୍ନ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ସାମିଲ ଥିଲା।

# ଦିବ୍ୟାଙ୍ଗଙ୍କ ପାଇଁ ସୁଗମ ହେବ ଯାଜପୁର ଜିଲ୍ଲା

ଯାଜପୁର,୧୮।୯ (ସମିସ): ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଯାଜପୁର ଜିଲ୍ଲାକୁ ସମ୍ପୂର୍ଣ୍ଣ ସୁଗମ ଓ ବାଧାମୁକ୍ତ କରିବା ନେଇ ଆଜି ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଦିବ୍ୟାଙ୍ଗ ଅଧିକାର କର୍ମୀ ତଥା ସୁଗମ ଓଡିଶା ଅଭିଯାନର ରାଜ୍ୟ ମୁଖ୍ୟ ମଣ୍ଟୁ ଦାସ। ଆଲୋଚନା ସମୟରେ ଜିଲ୍ଲାର ସରକାରୀ ଓ ସାର୍ବଜନୀନ ଭବନ, ଥାନା, ମେଡିକାଲ, ସ୍କୁଲ, କଲେଜ, ବ୍ୟାଙ୍କ, ପର୍ଯ୍ୟଟନସ୍ଥଳୀ ସମେତ ବିଭିନ୍ନ ସାର୍ବଜନୀନ ସ୍ଥାନରେ ଦିବ୍ୟାଙ୍ଗଙ୍କ ପାଇଁ ଆବଶ୍ୟକ ସୁଗମତା ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମଣ୍ଟୁ ଦାସ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦିବ୍ୟାଙ୍ଗମାନେ ସମ୍ମୁଖୀନ ହେଉଥିବା ସାର୍ବଜନୀନ ଭବନରେ ବିଭିନ୍ନ ବାଧା ଓ ସୁଗମତା ଅଭାବ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଜିଲ୍ଲାସ୍ତରରେ ଏକ ସମନ୍ୱିତ ସୁଗମତା ଯୋଜନା ପ୍ରସ୍ତୁତ କରି ସମୟବଦ୍ଧ ଭାବେ କାର୍ଯ୍ୟକାରୀ କରିବାକୁ ସେ ଦାବି ରଖିଥିଲେ। ଦିବ୍ୟାଙ୍ଗମାନଙ୍କ ଅଧିକାର ଓ ସମାନ ସୁଯୋଗ ସୁନିଶ୍ଚିତ କରିବା ସହ ଜିଲ୍ଲାର ସମସ୍ତ ପ୍ରମୁଖ ସେବା ଓ ସାର୍ବଜନୀନ ସ୍ଥାନକୁ ସୁଗମ କରିବା ଦିଗରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଅମ୍ବର କର ଆଶ୍ୱାସନ ଦେଇଥିବା ଜଣାପଡ଼ିଛି। ସୂଚନା ଥାଉକି ଜିଲ୍ଲାରେ ବିଭିନ୍ନ ବ୍ଲକ, ତହସିଲ ସମେତ ଅନେକ ବ୍ୟାଙ୍କ, ସ୍କୁଲ କଲେଜରେ ଦିବ୍ୟାଙ୍ଗ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ସୁଗମତା ରାମ୍ପସ, ରେଲସ, ଦିବ୍ୟାଙ୍ଗ ମିତ୍ର ଶୌଚାଳୟ ଭଳି ମୌଳିକ ସୁବିଧା ନଥିବାରୁ ଦିବ୍ୟାଙ୍ଗ ବ୍ୟକ୍ତି ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ପ୍ରତି ସାର୍ବଜନୀନ ଭବନରେ ଦିବ୍ୟାଙ୍ଗ ଅଧିକାର ଆଇନ ୨୦୧୬ ଅନୁଯାଇ ସୁଗମତା ସୁନିଶ୍ଚିତ କରିବା ସରକାରଙ୍କ ଏକ ପ୍ରମୁଖ ଦାୟିତ୍ୱ ବୋଲି ଦିବ୍ୟାଙ୍ଗ ଅଧିକାର କର୍ମୀ ଶ୍ରୀଦାସ କହିଛନ୍ତି।



### ବରୀ ପୁଲିସକୁ ଆଖିଠାର ମାରି ବେପରୱା ବୁଲୁଛି ୱାରେଣ୍ଟି

# ଭରଣପୋଷଣ ନ ପାଇ ଭୋକ ଉପାସରେ ମହିଳା

ପ୍ରୀତିପୁର,୧୮।୯ (ସମିସ):

ସ୍ୱାମୀ ଠାରୁ ନିର୍ଯାତିତା ଜଣେ ମହିଳା ନ୍ୟାୟ ପାଇବା ପାଇଁ ପରିବାର ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ମାମଲାରେ ଅଦାଲତ ସେହି ମହିଳା ଓ ତାଙ୍କ ଝିଅର ଭରଣ ପୋଷଣ ପାଇଁ ମାସିକ ଚାରି ହଜାର ପାଞ୍ଚଶହ ଟଙ୍କା ପ୍ରଦାନ ପାଇଁ ଅଭିଯୁକ୍ତଙ୍କୁ ଆଦେଶ ଦେଇଥିଲେ। ମାତ୍ର ଅଭିଯୁକ୍ତ ପରିବାର ଅଦାଲତ ଆଦେଶର ପରିପାଳନ ନ କରିବାରୁ ତାଙ୍କ ନାମରେ ଗିରଫ ପରୱାନା ଜାରି କରାଯାଇଥିଲା। ବରୀ ପୁଲିସ ଗିରଫ ପରୱାନାକୁ କାର୍ଯ୍ୟକାରୀ କରିବାରେ ଅନାଗ୍ରହ ପ୍ରକାଶ କରିବାରୁ ଅଭିଯୁକ୍ତ ପୁଲିସକୁ ଆଖିଠାର ମାରି ବେପରୱା ବୁଲୁଛି ବୋଲି ଅଭିଯୋଗ କରିଛନ୍ତି ଅଭିଯୋଗ କାରିଣୀ। ପ୍ରକାଶ ଯେ ବିଞ୍ଝାରପୁର ଥାନା ଅଧୀନ ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗାଳୋ ପଞ୍ଚାୟତ ତଥା ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ପିତାମ୍ବର ରାଉତଙ୍କର ଝିଅ ଏଲୋରା ଭାରତୀ ରାଉତ ବରୀ ବ୍ଲକର ରାଉତସାହି ଗ୍ରାମର କାହ୍ନୁଚରଣ ରାଉତଙ୍କ ପୁଅ ମାନସ ରାଉତଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ସେମାନଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଏହା ପରେ ସ୍ୱାମୀଙ୍କ ସହିତ ମତାନ୍ତର ଯୋଗୁ ଏଲୋରା ଭାରତୀ ରାଉତ ଅଙ୍ଗାଳୋସ୍ଥ ବାପଘରକୁ ଚାଲି ଆସିଥିଲେ। ବିବାହ ବିଚ୍ଛେଦ ପୂର୍ବରୁ ଏଲୋରା ଭାରତୀ ସ୍ୱାମୀ ମାନସଙ୍କ ଠାରୁ ଭରଣ ପୋଷଣ ଦାବି କରି ପରିବାର ଅଦାଲତରେ ଏକ ମକଦ୍ଦମା ରୁଜୁ କରିଥିଲେ। ପରିବାର ଅଦାଲତ ମାମଲାରେ ଅଭିଯୁକ୍ତ ମାନସଙ୍କୁ ସ୍ତ୍ରୀ ଓ ଝିଅର ଭରଣପୋଷଣ ପାଇଁ ମାସିକ ଚାରି ହଜାର ପାଞ୍ଚଶହ ଟଙ୍କା ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ମାତ୍ର କୋର୍ଟରେ ଏହା ଦେବା ପାଇଁ ସ୍ୱୀକାର କରି ଆସିବା ପରେ ମାନସ, ସ୍ତ୍ରୀ ଓ ଝିଅକୁ ଭରଣ ପୋଷଣ ଦେଇ ନଥିଲା। ଏଲୋରା ଭାରତୀଙ୍କ ଆବେଦନ ପରେ ପରିବାର ଅଦାଲତ ମାମଲାରେ ଅଭିଯୁକ୍ତ ମାନସ ରାଉତଙ୍କ ନାମରେ ୱାରେଣ୍ଟି ଜାରି କରି ବରୀ ପୁଲିସକୁ ଗିରଫଦାରୀ ନିର୍ଦ୍ଦେଶ ଦେଇଥିଲେ। ବରୀ ପୁଲିସ ନିଦାବିଷ୍ଟୁ ସାଜି ୱାରେଣ୍ଟକୁ କାର୍ଯ୍ୟକାରୀ କରୁନଥିବା କହିଛନ୍ତି ଏଲୋରା ଭାରତୀ। ଏଲୋରାଙ୍କ ପିତା କହଛନ୍ତି ଯେ ଘଟଣା ସମ୍ପର୍କରେ ସେ ଥାନା ଅଧିକାରୀଙ୍କୁ ଭେଟିବା ପାଇଁ ବରୀ ରାମଚନ୍ଦ୍ରପୁର ଥାନାକୁ ଯାଇ ପୁଲିସଙ୍କ ଠାରୁ ଦୁର୍ବ୍ୟବହାର ପାଇ ଫେରିଛନ୍ତି। ତେବେ ୱାରେଣ୍ଟି ଗାଁରେ ବୁଲୁଛି। ପୁଲିସ କାହିଁକି ଧରୁନାହିଁ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ପୁଲିସର ଏ ପ୍ରକାର ଆଚରଣକୁ ନେଇ ସାଧାରଣରେ ଲୋକେ ନାପସନ୍ଦ କରିବା ସହିତ କୋର୍ଟଙ୍କ ଆଦେଶ ପାଳନ ପାଇଁ ଦାବି କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଏ ଜଗତରେ ସବୁଠାରୁ ଶକ୍ତିଶାଳୀ ଦୁଇ ଯୋଦ୍ଧା ହେଉଛନ୍ତି - ଧୈର୍ଯ୍ୟ ଓ ସମୟ।
-ଲିଓ ଟଲଷ୍ଟୟ

## ୧୦୦% ଟାରିଫ୍ ଧମକ: ଭାରତ ପାଇଁ ଆମେରିକାର ନୂଆ ଚାପ

ଆନ୍ତର୍ଜାତିକ କୂଟନୀତିରେ ବାଣିଜ୍ୟ ଏବେ କେବଳ ଅର୍ଥନୀତିର ବିଷୟ ହୋଇ ରହିନାହିଁ; ଏହା ଭୂ-ରାଜନୈତିକ ଚାପର ଏକ ପ୍ରମୁଖ ଅସ୍ତ୍ରରେ ପରିଣତ ହୋଇଛି। ରୁଷିଆରୁ ତେଲ ଓ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବା ପାଇଁ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କ୍ଷମତା ଦେବା ଉଦ୍ଦେଶ୍ୟରେ ଆମେରିକୀୟ କଂଗ୍ରେସରେ ବିଲ୍ ପାସ୍ ହେବା ଏହି ନୂଆ ପରିସ୍ଥିତିକୁ ସାମ୍ନାକୁ ଆଣିଛି। ବିଲ୍‌ଟି ଏବେ ଟ୍ରମ୍ପଙ୍କ ଅନୁମୋଦନ ଅପେକ୍ଷାରେ ରହିଛି।

ଏହି ପ୍ରସ୍ତାବର ମୂଳ ଲକ୍ଷ୍ୟ ରୁଷିଆର ତୈଳ ଓ ଗ୍ୟାସ୍ ବିକ୍ରିରୁ ଆସୁଥିବା ରାଜସ୍ୱକୁ ଚାପରେ ରଖିବା। ବର୍ତ୍ତମାନର ଆମଦାନି ପରିମାଣ ଆଧାରରେ ରୁଷିଆର ତୈଳ ଓ ଗ୍ୟାସ୍‌ର ବଡ଼ କ୍ରେତା ଭାବେ ଭାରତ, ଚୀନ, ଆଜରବାଇଜାନ, ହଙ୍ଗେରୀ ଓ ସ୍ଲୋଭାକିଆର ନାମ ଆସୁଛି। ଅର୍ଥାତ୍ ଭାରତ ଏକାକୀ ନୁହେଁ, ଅନ୍ୟ ଦେଶମାନେ ମଧ୍ୟ ଏହି ଆମେରିକୀୟ ଚାପର ପରିଧିରେ ରହିଛନ୍ତି।

ତେବେ ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—ଭାରତ ପାଇଁ ଏହାର ଅର୍ଥ କ'ଣ? ପ୍ରଥମତଃ, ୧୦୦ ପ୍ରତିଶତ ଶୁଳ୍କ ଏକ ସମ୍ଭାବ୍ୟ ସର୍ବୋଚ୍ଚ ସୀମା; ଏହା ସ୍ୱୟଂଚାଳିତ ଭାବରେ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଯାଉନାହିଁ। ବିଲ୍ ଆଇନରେ ପରିଣତ ହେବା ପରେ ରାଷ୍ଟ୍ରପତିଙ୍କ ପାଖରେ ଏହି ଶୁଳ୍କ ଲଗାଇବା କିମ୍ବା ଛାଡ଼ ଦେବାର ବିବେଚନାଧୀନ କ୍ଷମତା ରହିବ।

ଦ୍ୱିତୀୟତଃ, ଏହା କେବଳ ଭାରତ-ଆମେରିକା ବାଣିଜ୍ୟର ପ୍ରଶ୍ନ ନୁହେଁ; ଏହା ଭାରତର ଶକ୍ତି-ନିରାପତ୍ତା ସହ ମଧ୍ୟ ଜଡ଼ିତ। ଭାରତ ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନିକାରୀ ଦେଶ। ରୁଷିଆରୁ ମିଳୁଥିବା ତୈଳ ଭାରତୀୟ ରିଫାଇନାରୀଗୁଡ଼ିକୁ ଏକ ବିକଳ୍ପ ଯୋଗାଣ ଉତ୍ସ ଦେଇଛି। ଏହି ଯୋଗାଣରେ ବଡ଼ ପରିବର୍ତ୍ତନ ଆସିଲେ ଆନ୍ତର୍ଜାତିକ ତୈଳ ବଜାର, ଦେଶୀୟ ଇନ୍ଧନ ମୂଲ୍ୟ ଏବଂ ଶିଳ୍ପ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ଭାରତ ସରକାର ମଧ୍ୟ କହିଛନ୍ତି ଯେ ଦେଶର ଶକ୍ତି ନିରାପତ୍ତା ଓ ଜାତୀୟ ସ୍ୱାର୍ଥ ଅନୁଯାୟୀ ତୈଳ ଯୋଗାଣର ବିବିଧୀକରଣ ଜାରି ରହିବ।



ତୃତୀୟତଃ, ଏହି ବିବାଦ ଭାରତ-ଆମେରିକା ବାଣିଜ୍ୟ ଆଲୋଚନାକୁ ମଧ୍ୟ ପ୍ରଭାବିତ କରିପାରେ। ଆମେରିକା ଭାରତର ଏକ ପ୍ରମୁଖ ରପ୍ତାନି ବଜାର। ତେଣୁ ଅତ୍ୟଧିକ ଟାରିଫ୍ ଲାଗୁ ହେଲେ ଭାରତୀୟ ରପ୍ତାନିକାରୀ, ବିଶେଷକରି ଆମେରିକୀୟ ବଜାର ଉପରେ ନିର୍ଭରଶୀଳ କ୍ଷେତ୍ରଗୁଡ଼ିକ, ଚାପରେ ପଡ଼ିପାରନ୍ତି। ଅନ୍ୟପଟେ ଆମେରିକାର ଆମଦାନିକାରୀଙ୍କ ପାଇଁ ମଧ୍ୟ ଭାରତୀୟ ସାମଗ୍ରୀ ମହଙ୍ଗା ହେବାର ଆଶଙ୍କା ରହିବ।

ଏଠାରେ ଭାରତ ପାଇଁ ଚ୍ୟାଲେଞ୍ଜ ହେଉଛି—ଆମେରିକା ସହିତ ସମ୍ପର୍କକୁ ସୁଦୃଢ଼ ରଖିବା ସହ ନିଜର ଶକ୍ତି ଆବଶ୍ୟକତା ଓ ରଣନୈତିକ ସ୍ୱାଧୀନତାକୁ କିପରି ସୁରକ୍ଷିତ ରଖାଯିବ। ନୂଆଦିଲ୍ଲୀ ଇତିମଧ୍ୟରେ ଏହି ପ୍ରସଙ୍ଗରେ ୱାଶିଂଟନ୍ ସହ ଆଲୋଚନା କରିଥିବା ଏବଂ ନିଜର ବାଣିଜ୍ୟିକ ଓ ଅର୍ଥନୈତିକ ସ୍ୱାର୍ଥର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବ ବୋଲି ସ୍ପଷ୍ଟ କରିଛି।

ବାସ୍ତବରେ, ଟାରିଫ୍ ଯୁଦ୍ଧରେ କେବଳ ଗୋଟିଏ ପକ୍ଷର ହିତ ସୁରକ୍ଷିତ ରହେ ନାହିଁ। ଆମେରିକା ଯଦି ଭାରତୀୟ ସାମଗ୍ରୀ ଉପରେ ଭାରୀ ଶୁଳ୍କ ଲଗାଏ, ତେବେ ଭାରତୀୟ ରପ୍ତାନିକାରୀଙ୍କ ସହ ଆମେରିକୀୟ ଆମଦାନିକାରୀ ଓ ଗ୍ରାହକମାନେ ମଧ୍ୟ ଏହାର ପରୋକ୍ଷ ପ୍ରଭାବ ଅନୁଭବ କରିପାରନ୍ତି। ସେହିପରି ରୁଷିଆରୁ ତୈଳ କ୍ରୟକୁ କେନ୍ଦ୍ର କରି ନିଆଯାଉଥିବା ପଦକ୍ଷେପ ବିଶ୍ୱ ତୈଳ ଯୋଗାଣ ଓ ମୂଲ୍ୟକୁ ମଧ୍ୟ ପ୍ରଭାବିତ କରିପାରେ।

ଏହି ପରିସ୍ଥିତିରେ ଭାରତ ପାଇଁ ତତ୍କାଳିକ ଆବଶ୍ୟକତା ହେଉଛି ଭାବପ୍ରବଣ ପ୍ରତିକ୍ରିୟା ନୁହେଁ, ବରଂ ଦୃଢ଼ କୂଟନୀତି ଓ ବାଣିଜ୍ୟିକ ଆଲୋଚନା। ଏକପଟେ ଆମେରିକା ସହିତ ସମ୍ବାଦର ଦ୍ୱାର ଖୋଲା ରଖିବା, ଅନ୍ୟପଟେ ରୁଷିଆ ସମେତ ବିଭିନ୍ନ ଉତ୍ସରୁ ଶକ୍ତି ଯୋଗାଣକୁ ସନ୍ତୁଳିତ ରଖିବା—ଏହି ଦୁଇଟି ଦିଗ ଭାରତୀୟ ନୀତିର ପ୍ରମୁଖ ପରୀକ୍ଷା ହେବ।

ଶେଷ ପର୍ଯ୍ୟନ୍ତ ପ୍ରଶ୍ନଟି କେବଳ '୧୦୦ ପ୍ରତିଶତ ଟାରିଫ୍ ଲାଗିବ କି ନାହିଁ' ନୁହେଁ। ପ୍ରଶ୍ନ ହେଉଛି—ବିଶ୍ୱ ଅର୍ଥନୀତି ଯେତେବେଳେ ଭୂ-ରାଜନୈତିକ ଚାପର ମଧ୍ୟରେ ଗତି କରୁଛି, ସେତେବେଳେ ଭାରତ କିପରି ନିଜର ଶକ୍ତି ସୁରକ୍ଷା, ରପ୍ତାନି ସ୍ୱାର୍ଥ ଓ ରଣନୈତିକ ସ୍ୱାଧୀନତାକୁ ଏକାସାଙ୍ଗରେ ସୁରକ୍ଷିତ ରଖିବ। ଆଗାମୀ ଦିନରେ ଏହାର ଉତ୍ତର କୂଟନୀତିର ଟେବୁଲ୍‌ରେ ହିଁ ଖୋଜିବାକୁ ପଡ଼ିବ।

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ଋଣ ଫାଶରେ ମଧ୍ୟବିତ୍ତ ବର୍ଗ

**ସନ୍ତୋଷ କୁମାର ମିଶ୍ର**

ଭାରତରେ ମଧ୍ୟବିତ୍ତ ବର୍ଗ ମୁଖ୍ୟତଃ ବଜାରରେ ଚାହିଦା ସୃଷ୍ଟି କରନ୍ତି। ବଜାରରେ ଦ୍ରବ୍ୟ ଓ ସେବାର ଉପଯୁକ୍ତ ଚାହିଦା ସୃଷ୍ଟି ହେଲେ ସରକାର ସଠିକ ପରିମାଣରେ ରାଜସ୍ୱ ଟିକସ ଆକାରରେ ଲାଭ କରନ୍ତି ଓ ନିଯୁକ୍ତି ସୃଷ୍ଟି ହୁଏ। ଦେଶର ଆର୍ଥିକ ଅଭିବୃଦ୍ଧି ହାର ବୃଦ୍ଧି ପାଏ, ଜନ ହିତରେ ସରକାରୀ ପୁଞ୍ଜି ବିନିଯୋଗ ବୃଦ୍ଧି ହୁଏ। ପ୍ରାୟ ଏକ ଦଶକ ପୂର୍ବେ ମଧ୍ୟବିତ୍ତ ବର୍ଗ ନିଜର ସଞ୍ଚୟ ଅର୍ଥରୁ ଦ୍ରବ୍ୟ କ୍ରୟ କରୁଥିଲେ। କିନ୍ତୁ ଭାରତରେ ଧୀରେ ଧୀରେ ଋଣ ସହଜରେ ଉପଲବ୍ଧ ହେବାକୁ ଲାଗିଲା। ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ସହିତ ଅଣ ବ୍ୟାଙ୍କିଙ୍ଗ ବିତ୍ତୀୟ ସଂସ୍ଥାମାନେ ମଧ୍ୟ ଋଣ ସହଜରେ ପ୍ରଦାନ କରିଲେ। ଏହା ସହିତ ସ୍ୱର୍ଣ୍ଣ ଋଣ ଓ ବିଭିନ୍ନ ପ୍ରକାରର ମୋବାଇଲ ଆପ ମାଧ୍ୟମରେ ଅତି କମ ସମୟ ମଧ୍ୟରେ ଲୋକମାନେ ଘରେ ରହି ଋଣ ପ୍ରାପ୍ତ କରି ପାରୁଛନ୍ତି। ଏହା ଦ୍ୱାରା ଭାରତରେ ଅତି କ୍ଷୁଦ୍ର ଘରୋଇ ଋଣର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।

ଗତ ଜୁନ ୩୦ ତାରିଖରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ କରାଯାଇଥିବା ଫାଇନାନ୍ସିଆଲ୍ ଷ୍ଟାବିଲିଟି ରିପୋର୍ଟ ଅନୁସାରେ ଭାରତରେ ଘରୋଇ ଋଣର ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୨୧ ମାର୍ଚ୍ଚ ସୁଦ୍ଧା ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ମୋଟ ଘରୋଇ ଋଣର ଅଂଶ ୩୯.୨ ଶତାଂଶ ଥିବା ବେଳେ ୨୦୨୩ ଜୁନ ମାସରେ ଏହା ବୃଦ୍ଧି ପାଇ ୪୨ ପ୍ରତିଶତ ହୋଇଥିଲା ବେଳେ ୨୦୨୫ ସେପ୍ଟେମ୍ବର ମାସରେ ଏହା ୪୫.୫ ଶତାଂଶ ହୋଇଛି। ଋଣର ପରିମାଣ ବୃଦ୍ଧି ପାଉଛି, ଏହା ଏକ ଭଲ ସଙ୍କେତ କିନ୍ତୁ ଏହି ଋଣରେ ଗୃହ ଋଣ ଅପେକ୍ଷା ଅଣ ଗୃହ ଋଣ ବା ଚାହିଦା ସୃଷ୍ଟି କରାଇବା ଋଣ ଯଥା ଦାମିକା ମୋବାଇଲ୍ ଓ ଇଲେକ୍‌ଟ୍ରୋନିକ୍ସ ଉପକରଣ ଓ ଆସବାବ କ୍ରୟ, ବିଦେଶ ଯାତ୍ରା ଇତ୍ୟାଦି ବୃଦ୍ଧି ପାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଘରୋଇ ଋଣରେ ଅଣ ଗୃହ ଋଣର ଅଂଶ ୫୦ ଶତାଂଶ ଥିଲା। ମାର୍ଚ୍ଚ ୨୦୨୫ ରେ ଏହା ବୃଦ୍ଧି ପାଇ ୫୪.୯ ପ୍ରତିଶତ ଥିବା ବେଳେ ୨୦୨୬ ମାର୍ଚ୍ଚ ସୁଦ୍ଧା ଏହା ୫୮.୪ ପ୍ରତିଶତରେ ପହଞ୍ଚିଛି। ସିଆରଆଇଏଫ୍ ହାଇ ମାର୍କ ନାମକ ଏକ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ପକ୍ଷରୁ କରାଯାଇଥିବା ସର୍ବେକ୍ଷଣ ଅନୁସାରେ ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତରେ ମୋଟ ଖୁଚୁରା ଋଣର ଆକାର ପ୍ରାୟ ୧୭୦.୨ ଲକ୍ଷ କୋଟି ଟଙ୍କା ଥିଲା। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଅଭିବୃଦ୍ଧି ହାର ୧୬.୬ ପ୍ରତିଶତ ରହିଛି। ଚାହିଦା ସୃଷ୍ଟି କରାଇବା ଋଣର ଆକାର ୧୧୮ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ଏହାର ଅଭିବୃଦ୍ଧି ହାର ୧୫.୩ ଶତାଂଶ ରହିଛି। ସେହିପରି ବ୍ୟକ୍ତିଗତ ଋଣରେ ମଧ୍ୟ ବ୍ୟାପକ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୧୯ ମାର୍ଚ୍ଚ ସୁଦ୍ଧା ମୋଟ ବ୍ୟକ୍ତିଗତ ଋଣର ଆକାର ୫.୫୩ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ଏହାର ଆକାର ସାଢ଼େ ସତର ଲକ୍ଷ କୋଟି ଟଙ୍କାରୁ ଅଧିକ। ପ୍ରତିବର୍ଷ ହାରାହାରି ଅଭିବୃଦ୍ଧି ହାର ୧୭ ଶତାଂଶରୁ ଅଧିକ। ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଉଥିବା ଖୁଚୁରା ଋଣର ଆକାର ୨୦୨୫ ସେପ୍ଟେମ୍ବର ମାସ ସୁଦ୍ଧା ୫.୪୫ ଲକ୍ଷ କୋଟି ଟଙ୍କା ରହିଛି। ୨୦୧୯ ମାର୍ଚ୍ଚ ମାସ ସୁଦ୍ଧା ଏହାର ଆକାର ୨.୧୩ ଲକ୍ଷ କୋଟି ଟଙ୍କା ଥିଲା। ହାରାହାରି ପ୍ରତି ବର୍ଷ ଖୁଚୁରା ଋଣର ଅଭିବୃଦ୍ଧି ହାର ସାଢ଼େ ପନ୍ଦର ଶତାଂଶରୁ ଅଧିକ ରହୁଛି।

ଭାରତରେ ଖୁଚୁରା ଋଣର ଅଭିବୃଦ୍ଧି ପଛରେ ରହିଛି ସୂଚନା ପ୍ରଯୁକ୍ତି ବିଜ୍ଞାନର ଭୂମିକା। କରୋନା ମହାମାରୀ ପରେ ଯେତେବେଳେ ଅର୍ଥନୀତି ଧୀରେ ଧୀରେ ସଚଳ ହେବାକୁ ଆରମ୍ଭ କରିଲା ସେତେବେଳେ ଅନେକ ଗୁଡ଼ିଏ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଡିଜିଟାଲ ବ୍ୟବସ୍ଥା (ଫିନ୍ ଟେକ୍) ମାଧ୍ୟମରେ ଅତି ସହଜରେ ଲୋକ ମାନଙ୍କୁ ଋଣ ଉପଲବ୍ଧ କରାଇବାରେ ସକ୍ଷମ ହେଲେ। କରୋନା




ମହାମାରୀ ପୃଷ୍ଠଭୂମିରେ ଲୋକ ମାନଙ୍କ ଆୟ ଓ ସଞ୍ଚୟ ଉଭୟ ଟଳମଳ ହେଉଥିବା ବେଳେ ସହଜ ଋଣ ଏକ ଅଭ୍ୟାସରେ ପରିଣତ ହୋଇଗଲା। ବର୍ତ୍ତମାନ ଭାରତରେ ଫିନ୍ ଟେକ୍‌ର ଆକାର ସାଢ଼େ ଷୋହଳ ହଜାର କୋଟି ଟଙ୍କାରୁ ଅଧିକ। ୨୦୨୨ ଏପ୍ରିଲ ମାସରୁ ୨୦୨୬ ମାର୍ଚ୍ଚ ମାସ ମଧ୍ୟରେ ଫିନ୍ ଟେକ୍ ଅର୍ଥନୀତି ମାଧ୍ୟମରେ ମୋଟ ୨.୧୫ ଲକ୍ଷ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ମୋଟ ୧୩.୨ କୋଟି ଟି ଋଣ ମଞ୍ଜୁର ହୋଇଥିଲା। ହାରାହାରି ମୁଣ୍ଡ ପିଛା ଋଣ ପରିମାଣ ମାତ୍ର ୧୬,୨୩୮ ଟଙ୍କା। ଏହି ସବୁ ଋଣ ଲୋକ ମାନଙ୍କ ଦୈନିକ ଖର୍ଚ୍ଚ ପୂରଣ କରିବା ପାଇଁ ସହାୟତା କରୁଛି। ଫିନ୍ ଟେକ୍ ମାଧ୍ୟମରେ ଋଣ କରୁଥିବା ଗ୍ରାହକ ମାନଙ୍କ ମଧ୍ୟରୁ ୬୫ ଶତାଂଶ ଗ୍ରାହକ ମାନଙ୍କ ବୟସ ୩୫ ବର୍ଷରୁ କମ ରହିଛି। ଫିନ ଟେକ୍ ଅର୍ଥନୀତିର ବାର୍ଷିକ ଅଭିବୃଦ୍ଧି ହାର ହାରାହାରି ୪୧ ଶତାଂଶରୁ ଅଧିକ। ଏହି ବ୍ୟବସ୍ଥା ମଧ୍ୟରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ଅଂଶ ପ୍ରାୟ ୫୭ ପ୍ରତିଶତ। ଫିନ୍ ଟେକ୍ ଅର୍ଥନୀତିରୁ ଋଣ ଆଣିବା ଓ ବ୍ୟୟ କରିବା ସମସ୍ତ ପ୍ରକ୍ରିୟା ଡିଜିଟାଲ ହେଉ ଥିବାରୁ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ ବୋଲି ଅନେକ ମନୋବିଜ୍ଞାନ ଗବେଷଣାରୁ ଜଣା ପଡ଼ିଛି। ଫିନ୍ ଟେକ୍ ଅର୍ଥନୀତିରେ ଅତି କ୍ଷୁଦ୍ର ଋଣ ଯେପରି ବୃଦ୍ଧି ପାଇବାରେ ଲାଗିଛି ଋଣ ପରିଶୋଧରେ ମଧ୍ୟ ଅନିୟମିତତା ଅଭିଯୋଗ ବୃଦ୍ଧି ପାଇଛି। ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପରିଶୋଧରେ ବିଫଳତା ୪.୫ ଶତାଂଶ ଥିବା ବେଳେ ୨୦୨୬ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଏହା ୬.୪ ପ୍ରତିଶତରେ ପହଞ୍ଚିଛି। ଅତି କ୍ଷୁଦ୍ର ଋଣ ପରିଶୋଧରେ ଅବହେଳା ଭାରତର ଅର୍ଥନୀତି ପାଇଁ କୌଣସି ପ୍ରକାରର ସମସ୍ୟା ସୃଷ୍ଟି କରିବା ପାଇଁ ସକ୍ଷମ ନୁହେଁ କିନ୍ତୁ ଏହା ମାଧ୍ୟମରେ ମଧ୍ୟବିତ୍ତ ପରିବାରର ଆର୍ଥିକ ଅନଟନକୁ ଅତି ସହଜରେ ଆକଳନ କରାଯାଇ ପାରେ।

ଭାରତୀୟ ପରିବାର ନିଜର ସଞ୍ଚୟ ଅର୍ଥରୁ ସ୍ୱର୍ଣ୍ଣ କ୍ରୟ କରି ଭବିଷ୍ୟତ ପାଇଁ ରଖନ୍ତି। ବିଶ୍ୱ ସ୍ୱର୍ଣ୍ଣ ପରିଷଦ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ଭାରତରେ ଗୋଟିଏ ଆର୍ଥିକ ବର୍ଷରେ ୭୦୦ ରୁ ୮୦୦ ମେଟ୍ରିକ ଟନ ସ୍ୱର୍ଣ୍ଣ ବିକ୍ରି ହୁଏ। ଭାରତ ସରକାର ବଜାର ଚାହିଦାର ପ୍ରାୟ ୯୦ ଶତାଂଶ ସ୍ୱର୍ଣ୍ଣ ଆମଦାନୀ କରନ୍ତି। ବୈଦେଶିକ ମୁଦ୍ରା ପାଣ୍ଠି ଉପରେ ଚାପ କମାଇବା ପାଇଁ ସରକାର ଏକ ଦଶନ୍ଧି ଧରି ଗୋଲ୍ଡ ବଣ୍ଡ ଯୋଜନା ଚଳାଇଥିଲେ ମଧ୍ୟ ଏହାର ସୁଫଳ ମିଳିଲା ନାହିଁ। ଭାରତୀୟ ମାନେ ସ୍ୱର୍ଣ୍ଣକୁ କେବଳ ଧାତୁ ଭାବରେ କିଣିବା ପାଇଁ ପସନ୍ଦ କରନ୍ତି। ଭାରତୀୟ ପରିବାର ରେ ପ୍ରାୟ ପଚିଶ ହଜାର ଟନ ସ୍ୱର୍ଣ୍ଣ ଗଚ୍ଛିତ ରହିଛି ବୋଲି ଆକଳନ କରାଯାଇଛି। ଭାରତରେ ଯେଉଁ ସମ୍ପତ୍ତିକୁ କଦାପି ବନ୍ଧକ ରଖିବା ପାଇଁ ଚିନ୍ତା କରାଯାଏ ନାହିଁ ତାହା ବର୍ତ୍ତମାନ ମଧ୍ୟବିତ୍ତ ବର୍ଗ ପାଇଁ ଅତି ସହଜରେ ବଡ଼ ଋଣ ପ୍ରାପ୍ତ କରିବାର ଅନ୍ୟ ଏକ ମୁଖ୍ୟ ମାଧ୍ୟମ। ୨୦୧୯ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କମାନେ ସ୍ୱର୍ଣ୍ଣ ବନ୍ଧକ ରଖି ୨୪୬୭୧ କୋଟି ଟଙ୍କା ଋଣ ପ୍ରଦାନ କରିଥିଲେ। ୨୦୨୬ ମାର୍ଚ୍ଚ ସୁଦ୍ଧା ଏହା ବୃଦ୍ଧି ପାଇ ୪.୬୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦ ମାର୍ଚ୍ଚ ସୁଦ୍ଧା ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ପକ୍ଷରୁ ସ୍ୱର୍ଣ୍ଣ ବନ୍ଧକ ଋଣର ପରିମାଣ ୭୫୪୫୧ କୋଟି ଟଙ୍କା ଥିଲା କିନ୍ତୁ ୨୦୨୫ ସେପ୍ଟେମ୍ବର ବେଳକୁ ଏହା ବୃଦ୍ଧି ପାଇ ୨.୬୨ ଲକ୍ଷ କୋଟି ଟଙ୍କା ହୋଇଛି। ରିଜର୍ଭ ବ୍ୟାଙ୍କଙ୍କ ବିଶ୍ଳେଷଣ ଅନୁସାରେ ସ୍ୱର୍ଣ୍ଣ ବନ୍ଧକ ଋଣର ଚାହିଦା ବର୍ତ୍ତମାନ ଋଣ ଧାରକ ମାନଙ୍କ ଦ୍ୱାରା ସୃଷ୍ଟି ହୋଇଛି। ଅର୍ଥାତ ସ୍ୱର୍ଣ୍ଣ ଋଣ ଅର୍ଥରେ ଅନ୍ୟ ଛୋଟ ଛୋଟ ଋଣ ପରିଶୋଧ କରାଯାଉଛି।

ମଧ୍ୟବିତ୍ତ ଶ୍ରେଣୀ ଋଣରେ ବୁଡ଼ି ଯାଉଥିବା ବେଳେ ସଞ୍ଚୟ ମଧ୍ୟ ହ୍ରାସ ପାଇଛି। କରୋନା ମହାମାରୀ ପୂର୍ବରୁ ଭାରତୀୟ ପରିବାର ଯେତିକି ସଞ୍ଚୟ କରୁଥିଲା ବର୍ତ୍ତମାନ ଅର୍ଥନୀତି ଭଲ ସ୍ଥିତିରେ ଥିଲେ ମଧ୍ୟ ସଞ୍ଚୟ ସେହି ସ୍ତରକୁ ଯାଇ ପାରୁ ନାହିଁ। ୨୦୧୯-୨୦ ଆର୍ଥିକ ବର୍ଷରେ ଘରୋଇ ସଞ୍ଚୟ ଜିଡ଼ିପିର ୮ ଶତାଂଶ ଥିଲା ଓ ମହାମାରୀ ସମୟରେ ଏହା ୪.୯ ପ୍ରତିଶତକୁ ଖସି ଆସିଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇ ୬ ଶତାଂଶରେ ରହିଛି। ଏହା ସହ ଲୋକ ମାନଙ୍କ ପାଖରେ ଭଲ ଋଣ କରିବାର ମଧ୍ୟ ଆଗ୍ରହ ଓ ସୁଯୋଗ ନାହିଁ। ୨୦୨୬ ମାର୍ଚ୍ଚ ସୁଦ୍ଧା ମୋଟ ୪୪.୪ ଲକ୍ଷ କୋଟି ଟଙ୍କା ଗୃହ ଋଣ ପ୍ରଦାନ କରାଯାଇଛି। ଗୃହ ଋଣ ପରିମାଣରେ ୯.୪ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। ଗୃହ ଋଣ ଆବେଦନରେ ମାତ୍ର ୨.୫ ପ୍ରତିଶତ ବୃଦ୍ଧି ପାଇଛି। ଗୃହ ଋଣର ଆକାର ବୃଦ୍ଧି ପାଇ ଥିଲେ ମଧ୍ୟ ଆବେଦନକାରୀମାନଙ୍କ ସଂଖ୍ୟା ବିଶେଷ ଭାବରେ ବଢ଼ି ନାହିଁ।

ରିଜର୍ଭ ବ୍ୟାଙ୍କର ବିଶ୍ଳେଷଣ ଅନୁସାରେ ଧନୀ ଦେଶ ତୁଳନାରେ ଜିଡ଼ିପି ଓ ଘରୋଇ ଋଣ ଅନୁପାତ ବିଶେଷ ଖରାପ ସ୍ଥିତିରେ ନାହିଁ। କିନ୍ତୁ ବର୍ତ୍ତମାନର ଋଣ ଯଦି ଭବିଷ୍ୟତର ସଞ୍ଚୟକୁ ପ୍ରଭାବିତ କରିବ ତେବେ ବ୍ୟକ୍ତିଗତ ଆର୍ଥିକ ସଙ୍କଟ ଅବଶ୍ୟମ୍ଭାବୀ। ଋଣ କରିବା କିଛି ଖରାପ କାର୍ଯ୍ୟ ନୁହେଁ। କିନ୍ତୁ ଋଣକୁ ସର୍ବଦା ଗଠନମୂଳକ କାର୍ଯ୍ୟରେ କିମ୍ବା ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ବ୍ୟବହାର କରାଯିବା ଆବଶ୍ୟକ। ବିଶେଷ ଭାବରେ ଆଜିର ଯୁବ ବର୍ଗ ନିଜର ମୌଳିକ ଆବଶ୍ୟକତା, ଆୟ ସହିତ ଭବିଷ୍ୟତକୁ ଦୃଷ୍ଟିରେ ରଖି ଋଣ ଆଣିବା ଉଚିତ। ଏହି ଋଣ ଯେପରି ଏକ ନିଶୁଣି ପରି ବ୍ୟକ୍ତିଗତ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ ସେଥିପ୍ରତି ସଚେତନ ରହିବା ଆବଶ୍ୟକ। ଅଯଥା ଖର୍ଚ୍ଚ, ମିଥ୍ୟା ସାମାଜିକ ଆଭିଜାତ୍ୟର ପ୍ରଦର୍ଶନ ପାଇଁ ଯୁବ ବର୍ଗ ଯେପରି ଋଣ ଯନ୍ତାରେ ନ ପଡ଼ନ୍ତି ସେଥି ପ୍ରତି ଯତ୍ନବାନ ରହିବା ଆବଶ୍ୟକ।

ବେଲେଶ୍ୱର, ପୋଷ୍ଟ – ନୟାବଜାର,
ଜିଲ୍ଲା – କଟକ - ୭୫୩୦୦୪
ଦୂରଭାଷ - ୯୪୩୭୧୨୮୪୬୪
Email: msantosh64@yahoo.com

# ବିପର୍ଯ୍ୟସ୍ତ ପ୍ରକୃତିର ପ୍ରତିଶୋଧ

**ଡକ୍ଟର ମାନସ ରଞ୍ଜନ ଶତପଥୀ**

ଏକବିଂଶ ଶତାବ୍ଦୀରେ ଜଳବାୟୁ ପରିବର୍ତ୍ତନ କେବଳ ଏକ ପରିବେଶଗତ ସମସ୍ୟା ହୋଇ ରହିନାହିଁ; ବରଂ ଏହା ଏକ 'ଅଣ-ପାରମ୍ପରିକ ସୁରକ୍ଷା ବିପଦ' ଭାବେ ଉଭା ହୋଇଛି। ପାରମ୍ପରିକ ଯୁଦ୍ଧରେ ସୀମା ବିବାଦ କିମ୍ବା ସାମରିକ ଶକ୍ତିର ପ୍ରୟୋଗ ହେଉଥିବା ବେଳେ, ଏହି ଅଦୃଶ୍ୟ ଯୁଦ୍ଧରେ ପରିବେଶ ଅବକ୍ଷୟ ଏବଂ ସମ୍ପଦର ଅଭାବ ମାନବ ସମାଜରମୌଳିକ ସ୍ଥିରତାକୁ ବିପନ୍ନ କରୁଛି। ଏହା ଏକ 'ଥ୍ରେଟ୍ ମଲ୍ଟିପ୍ଲାୟର୍' ଭାବେ କାର୍ଯ୍ୟ କରୁଛି, ଯାହା ବିଦ୍ୟମାନ ସାମାଜିକ,



ଆର୍ଥିକ ଏବଂ ଶାସନଗତ ଦୁର୍ବଳତାକୁ ଅଧିକ ଜଟିଳ କରିଦେଉଛି। 'ଦକ୍ଷିଣ ଏସିଆ ବିଶ୍ୱର ସବୁଠାରୁ ଜଳବାୟୁ- ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ। ଏଠାକାର ବୃଦ୍ଧି ପାଉଥିବା ତାପମାତ୍ରା, ଅନିୟମିତ ମୌସୁମୀ ଏବଂ ଗ୍ଲାସିୟରର ଦ୍ରୁତ ତରଳିବା କେବଳ ଜଳ ସୁରକ୍ଷାକୁ ବ୍ୟାହତ କରୁନାହିଁ, ବରଂ ଏହା ଆଞ୍ଚଳିକ ସ୍ଥିରତା, ରାଜନୈତିକ ସନ୍ତୁଳନ ଏବଂ ଜନସଂଖ୍ୟାର ବାଧ୍ୟତାମୂଳକ ସ୍ଥାନାନ୍ତରଣ ପାଇଁ ଏକ ମୁଖ୍ୟ କାରକ ସାଜିଛି'। ଏହି ପରିବେଶ ଅବକ୍ଷୟ ଆମର ପାରମ୍ପରିକ ଜୀବନଶୈଳୀକୁ ବିପର୍ଯ୍ୟସ୍ତ କରୁଛି, ଯାହା ଫଳରେ ଖାଦ୍ୟ ସୁରକ୍ଷା ଠାରୁ ଆରମ୍ଭ କରି ଶକ୍ତି ଉତ୍ପାଦନ ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହେଉଛି। ଏହି ସଙ୍କଟର ଗଭୀରତାକୁ ବୁଝିବା ପାଇଁ ଆମକୁ ପ୍ରଥମେ ଋତୁଚକ୍ରରେ ଘଟୁଥିବା ବୈଜ୍ଞାନିକ ପରିବର୍ତ୍ତନ ଗୁଡ଼ିକୁ ଅନୁଧ୍ୟାନ କରିବାକୁ ହେବ।

ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ଦକ୍ଷିଣ ଏସିଆର ମୌସୁମୀ ବାୟୁର ଗତିପଥ ଏବଂ ବୃଷ୍ଟିପାତର ଢାଞ୍ଚାରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ଏହି ପରିବର୍ତ୍ତନ ବିଶେଷ କରି ସିନ୍ଧୁ ,ଗଙ୍ଗା ଏବଂ ବ୍ରହ୍ମପୁତ୍ର ନଦୀ ଅବବାହିକା ଉପରେ ନିର୍ଭର କରୁଥିବା କୋଟି କୋଟି ଜନତାଙ୍କ ଜୀବିକାକୁ ବିପଦରେ ପକାଇଛି। ବାୟୁମଣ୍ଡଳର ତାପମାତ୍ରା ବଢ଼ିବା ଦ୍ୱାରା ବାଷ୍ପୀଭବନ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି, ଯାହା ଭୂପୃଷ୍ଠର ଜଳ ସମ୍ପଦକୁ ଦ୍ରୁତ ଗତିରେ ହ୍ରାସ କରୁଛି। ହିନ୍ଦୁକୁଶ-ହିମାଳୟ ଅଞ୍ଚଳର ଗ୍ଲାସିୟରଗୁଡ଼ିକ ଅତ୍ୟଧିକ ବେଗରେ ତରଳୁଛି। ଏହା ସ୍ୱଳ୍ପ ମିଆଦ ଭିତ୍ତିରେ ଭୟଙ୍କର ବନ୍ୟା ସୃଷ୍ଟି କରୁଥିବା ବେଳେ ଦୀର୍ଘ ମିଆଦି ଭିତ୍ତିରେ ନଦୀଗୁଡ଼ିକୁ ଶୁଷ୍କ କରିଦେବାର ଭୟ ରହିଛି। ସ୍ୱଚ୍ଛ ଜଳର ଅଭାବ ଯୋଗୁଁ ବିଭିନ୍ନରାଷ୍ଟ୍ର ମଧ୍ୟରେ ସମ୍ପଦର ବ୍ୟବହାରକୁ ନେଇ ରଜନୈତିକ ଓ ସାମାଜିକ ଅଶାନ୍ତି ବୃଦ୍ଧି ପାଉଛି। ମେଘ ବିସ୍ଫୋରଣ ଭଳି ଚରମ ପାଣିପାଗ ଘଟଣାଗୁଡ଼ିକ ବୃଦ୍ଧି ପାଇବା ଯୋଗୁଁ ଭିତ୍ତିଭୂମି ଓ ଜନଜୀବନର ଅପୂରଣୀୟ କ୍ଷତି ହେଉଛି। ଏହା କୃଷି ଭିତ୍ତିକ ଅର୍ଥନୀତି ଉପରେ ପ୍ରଚଣ୍ଡ ଆଘାତ ଦେଉଛି, ଯାହା ଆଞ୍ଚଳିକ ସ୍ଥିରତା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ।

ଆଧୁନିକୀକରଣ ଏବଂ ଶିଳ୍ପାୟନ ନାମରେ କଟାଯାଉଥିବା ପୁରାତନ ବୃକ୍ଷମାନେ ପରିବେଶୀୟ ସନ୍ତୁଳନ ରକ୍ଷା କରିବାରେ ଅପରିହାର୍ଯ୍ୟ। ଏହି ବୃକ୍ଷମାନେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରିବାର ଯେଉଁ କ୍ଷମତା ରଖନ୍ତି, ତାହା ନୂତନ ବୃକ୍ଷରୋପଣ ଦ୍ୱାରା ତୁରନ୍ତ ସମ୍ଭବ ନୁହେଁ। ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଅନୁଯାୟୀ, ଗୋଟିଏ ବିଶାଳ ପୁରାତନ ବୃକ୍ଷ ବର୍ଷକ ମଧ୍ୟରେ ବାୟୁମଣ୍ଡଳରୁ ଯେତିକି ଅଙ୍ଗାରକାମ୍ଳ ଶୋଷଣ କରେ, ତାହା ଏକ ସମ୍ପୂର୍ଣ୍ଣ ମଧ୍ୟମ ଧରଣର ବୃକ୍ଷରେ ଥିବା ମୋଟ ଅଙ୍ଗାରକାମ୍ଳ ସହ ସମାନ। ସ୍ୱଚ୍ଛ ଆଣ୍ଡାମାନ ନିକୋବର ଦ୍ୱୀପରେ ଅଧୁନା ୮୧,୦୦୦ କୋଟି ଟଙ୍କାର ବୃହତ ଭିତିଭୂମି ଆଧୁନିକୀକରଣ କାର୍ଯ୍ୟକ୍ରମ, ବୃଦ୍ଧି ପାଉଥିବା ପର୍ଯ୍ୟଟନ ତଥା ବେପରୁଆ ବୃକ୍ଷ ଛେଦନ କାରଣରୁ ଏବେ ଉତ୍ତାପ ବୃଦ୍ଧି ହୋଇ ପରିବେଶଗତ ସମସ୍ୟାରେ ଉପନୀତ । ବୃକ୍ଷ କଟାଯିବା ଦ୍ୱାରା କେବଳ ପରିବେଶ ନୁହେଁ, ବରଂ ମୃତ୍ତିକାର ଜୈବିକ ଗୁଣ ନଷ୍ଟ ହେଉଛି। ଏହି ସବୁଜ ସମ୍ପଦର କ୍ଷତି ଆମକୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକ ଅସୁରକ୍ଷିତ କରିଦେଉଛି।

ଓଡ଼ିଶାର କେନ୍ଦ୍ରୀୟ ଉପକୂଳ ଅଞ୍ଚଳ ବର୍ତ୍ତମାନ ବିଶ୍ୱର ସବୁଠାରୁ ବିପଜ୍ଜନକ ସ୍ଥିତିରେ ରହିଛି। ସୂତ୍ର ଆଧାରିତ ବୈଜ୍ଞାନିକ ବିଶ୍ଳେଷଣରୁ ଜଣାପଡ଼ିଛି ଯେ ସାମୁଦ୍ରିକ ଜଳସ୍ତର ବୃଦ୍ଧି ଏବଂ ପରିବେଶ ଅବକ୍ଷୟ ଯୋଗୁଁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ଅସୁରକ୍ଷିତତା ବହୁ ଗୁଣ ବଢ଼ି ବିପଦଶଙ୍କୁଳ ହୋଇଯାଇଛି। ପରିବେଶ ଅବକ୍ଷୟ କିପରି ବାତ୍ୟାର ପ୍ରଭାବକୁ ଦ୍ୱିଗୁଣିତ କରୁଛି, ତାହାର ଚିତ୍ର ଓଡ଼ିଶାର ବାରମ୍ବାର ଆସୁଥିବା ବାତ୍ୟାରୁ ସ୍ପଷ୍ଟ ହୁଏ। ସମୁଦ୍ର କୂଳରେ ଥିବା ପ୍ରାକୃତିକ ପ୍ରତିରୋଧକ ଯଥା ହେନ୍ତାଳ ବନ ଏବଂ ବାଲୁକା ସ୍ତୂପଗୁଡ଼ିକର କ୍ଷୟ ହେବା ଯୋଗୁଁ ସାମୁଦ୍ରିକ ଜୁଆର ସିଧାସଳଖ ଜନବସତି ଉପରେ ପଡ଼ୁଛି। ଏହା ଆର୍ଥିକ ଏବଂ ଭିତ୍ତିଭୂମିର ଏପରି ଏକ କ୍ଷତି କରୁଛି ଯାହା ଅନେକ ସମୟରେ ଅପୂରଣୀୟ ହୋଇ ରହୁଛି। ପରିବେଶର ଏହି ବିନାଶ କେବଳ ଭୌତିକ ସମ୍ପତ୍ତିକୁ ନୁହେଁ; ବରଂ ସେଠାକାର ଜୈବ ବିବିଧତାକୁ ମଧ୍ୟ ନିଶ୍ଚିହ୍ନ କରିବାରେ ଲାଗିଛି।

ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉଦ୍ଭିଦ ଓ ପ୍ରାଣୀ ଜଗତରେ ଘଟୁଥିବା ଅବକ୍ଷୟ ପରସ୍ପର ସହ ଗଭୀର ଭାବେ ଜଡ଼ିତ। ବିଜ୍ଞାନ ସମ୍ମତ ଭାବେ ଏହି ସଙ୍କଟକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ: ପ୍ରାଥମିକ ବିଲୁପ୍ତି, ଯାହା ଜଳବାୟୁ କିମ୍ବା ବାସସ୍ଥଳୀର ପରିବର୍ତ୍ତନ ଯୋଗୁଁ ହୁଏ, ଏବଂ ଦ୍ୱିତୀୟରେ ସହ-ବିଲୁପ୍ତି। ଗବେଷଣା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ହେଉଥିବା ପ୍ରାଥମିକ ବିଲୁପ୍ତି ଅପେକ୍ଷା ସହ-ବିଲୁପ୍ତିର ପ୍ରଭାବ ପ୍ରାୟ ୧୮୪.୨% ଅଧିକ। ଯେତେବେଳେ ଖାଦ୍ୟ ଶୃଙ୍ଖଳାର ଏକ ମୁଖ୍ୟ ପ୍ରଜାତି ବିଲୁପ୍ତ ହୋଇଯାଏ, ସେତେବେଳେ ତାହା ଉପରେ ନିର୍ଭରଶୀଳ ଥିବା ଅନ୍ୟ ସମସ୍ତ ପ୍ରଜାତି ମଧ୍ୟ ବିଲୁପ୍ତି ପଥରେ ଯାଆନ୍ତି। ଏହା ସମ୍ପୂର୍ଣ୍ଣ ଜୈବିକ ନେଟୱାର୍କକୁ ନଷ୍ଟ କରିଦେବା ସହ ପରିବେଶୀୟ ପ୍ରତିରୋଧ ଶକ୍ତିକୁ ଦୁର୍ବଳ କରିଦିଏ। ଜୈବ ବିବିଧତା ହ୍ରାସ ପାଇବା ଫଳରେ ପରିବେଶର 'ପରିସଂସ୍ଥା ସହନଶୀଳତା' ନଷ୍ଟ ହୁଏ, ଯାହା ଜଳବାୟୁର ଚରମ ପରିସ୍ଥିତିକୁ ସାମ୍ନା କରିବାରେ ଆମକୁ ଅସମର୍ଥ କରିଦିଏ। ବର୍ତ୍ତମାନର ସ୍ଥିତିରେ 'ସ୍ଥାୟୀ ପରିବର୍ତ୍ତନ' ଆଣିବା ଏକ କଷ୍ଟସାଧ୍ୟ କଳ୍ପନା ପରି ମନେହୁଏ। ଯଦି ଆମେ ଆଞ୍ଚଳିକ ସହଯୋଗ ଏବଂ ରଣନୈତିକ ପଦକ୍ଷେପ ଗ୍ରହଣ ନକରିବା, ତେବେ ପ୍ରକୃତିର ଏହି ପ୍ରତିଶୋଧକୁ ରୋକିବା ଅସମ୍ଭବ। ଆଗାମୀ ଭବିଷ୍ୟତ ପାଇଁ ନିମ୍ନଲିଖିତ ଦିଗ ଉପରେ ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ: ଗ୍ଲାସିୟର ହ୍ରଦ ବିସ୍ଫୋରଣ ଜନିତ ବନ୍ୟା ପାଇଁ ପୂର୍ବ ସୂଚନା ପ୍ରଦାନକାରୀ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଏବଂ ଜଳବାୟୁ ପ୍ରତିରୋଧକ ଭିତ୍ତିଭୂମି ପାଇଁ 'ଗ୍ରୀନ୍ ବଣ୍ଡ' ମାଧ୍ୟମରେ ପୁଞ୍ଜି ନିବେଶ। ସୀମା ବାହାରେ ଥିବା ନଦୀଗୁଡ଼ିକର ଜଳ ସମ୍ପଦ ପରିଚାଳନା ପାଇଁ ଡାଟା ଶେୟାରିଂ ଏବଂ ପ୍ରକୃତି ଭିତ୍ତିକ ସମାଧାନ ଯଥା ହେନ୍ତାଳ ବନର ପୁନରୁଦ୍ଧାର। ଯଦି ଆମେ ଆଜି ଏହି ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଏକଜୁଟ ନହେବା, ତେବେ ଆଗାମୀ ପିଢ଼ି କିପରି ଏକ ବିପର୍ଯ୍ୟସ୍ତ ଓ ଅସୁରକ୍ଷିତ ପୃଥିବୀରେ ନିଜକୁ ବଞ୍ଚାଇ ରଖିବେ, ତାହା ଆଜିର ସମୟ ପାଇଁ ସବୁଠାରୁ ବଡ଼ ପ୍ରଶ୍ନବାଚୀ।

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ,
ନୟାଗଡ଼ - ୭୫୨୦୬୯
ମୋ: ୯୪୩୭୪୭୯୦୪୫



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୪୦ ଲକ୍ଷର ହାଟ ପିଣ୍ଡି ପରିତ୍ୟକ୍ତ

## ମଦୁଆ ଓ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି

ଅସୁରାଳି, ୧୮ ।୯ (ସମିସ)

ଧାମନଗର ବ୍ଲକ୍ ଅସୁରାଳି ପଞ୍ଚାୟତ ଅସୁରାଳିସ୍ଥିତ ହାଟର ବିକାଶ ପାଇଁ ନିର୍ମାଣ କରାଯାଇଥିବା ୪୦ ଲକ୍ଷ ଟଙ୍କାର ହାଟ ପିଣ୍ଡି ଏବେ ସମ୍ପୂର୍ଣ୍ଣ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି । ସରକାରୀ ଅର୍ଥର ଅପବ୍ୟୟ ସାଙ୍ଗକୁ ଉଚିତ୍ ଯତ୍ନ ଓ ରକ୍ଷଣାବେକ୍ଷଣ ଅଭାବରୁ ଏହି ପିଣ୍ଡି ଏବେ ବିଭିନ୍ନ ଆବର୍ଜନାରେ ପୂର୍ଣ୍ଣ ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ଅନ୍ୟପଟେ ସଞ୍ଜ ନ ହେଉଣୁ ଏହି ପରିତ୍ୟକ୍ତ ହାଟ ପିଣ୍ଡିରେ ମଦୁଆ ଓ ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଛି । ଏହା ସମ୍ପୂର୍ଣ୍ଣ ଭାବେ ଅସାମାଜିକ କାର୍ଯ୍ୟକଳାପର ମୁଖ୍ୟ ଆଡ୍ଡାସ୍ଥଳୀ ପାଲଟିଥିବାରୁ ସନ୍ଧ୍ୟା



ସମୟରେ ସାଧାରଣ ଲୋକେ ଏବଂ ବ୍ୟବସାୟୀମାନେ ଏହା ମଧ୍ୟକୁ ଯିବାକୁ ଭୟ କରୁଛନ୍ତି । ଖାଲି ସେତିକି ନୁହେଁ, ଅସୁରାଳି ହାଟ ଅଞ୍ଚଳରେ ବିନା ଲାଇସେନ୍ସରେ ବେଆଇନ ଭାବେ ୪ଟି ମଦ ଦୋକାନ ଚାଲୁଥିବା ଅଭିଯୋଗ ହୋଇଛି । ଏହି ବେଆଇନ ମଦ ବ୍ୟବସାୟ ଯୋଗୁଁ ଅଞ୍ଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି, ଯାହା ଶାନ୍ତିପ୍ରିୟ ନାଗରିକ ଓ ମହିଳାମାନଙ୍କ ସୁରକ୍ଷା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବୃଦ୍ଧି ପାଉଥିବା ବେଆଇନ ମଦ କାରବାର ଓ ଅସାମାଜିକ କାର୍ଯ୍ୟକଳାପ ଉପରେ ତୁରନ୍ତ ଅଙ୍କୁଶ ଲଗାଇବା ପାଇଁ ସ୍ଥାନୀୟ ଗ୍ରାମବାସୀ ଅବକାରୀ ବିଭାଗ ମୁଖ୍ୟ ନରୋତ୍ତମ ମିଶ୍ରଙ୍କୁ ନିବେଦନ କରିଛନ୍ତି ।

# ବିନା ଟେଣ୍ଡରରେ ୭ ପ୍ରକଳ୍ପ

## ବିଧାନସଭା ପ୍ରଶ୍ନରେ ଗ୍ରାମ୍ୟ ନିର୍ମାଣ ବିଭାଗର ଉତ୍ତର

ଭଦ୍ରକ,୧୮ ।୯ (ସମିସ): ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକରେ ବିନା ଟେଣ୍ଡରରେ ୭ଟି ମରାମତି କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ନେଇ ବିଧାନସଭାରେ ଉତ୍ତର ରଖିଛି ଗ୍ରାମ୍ୟ ନିର୍ମାଣ ବିଭାଗ । ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ଦ୍ୱାରା ଉତ୍ଥାପିତ ତାରକା ଚିହ୍ନିତ ପ୍ରଶ୍ନ ନଂ-୯୧୨ର ଉତ୍ତରରେ ବିଭାଗ ଏହି ତଥ୍ୟ ଦେଇଛି । ବିଭାଗୀୟ ତଥ୍ୟ ଅନୁଯାୟୀ, ୨୦୨୪-୨୫ ଓ ୨୦୨୫-୨୬ ଆର୍ôଥକ ବର୍ଷରେ ୫ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ୭ଟି କାର୍ଯ୍ୟାଦେଶ ଅନ୍-ଏମ୍ପ୍ଲୟିଡ୍ ଇଞ୍ଜିନିୟର କଣ୍ଟ୍ରାକ୍ଟରଙ୍କୁ ପ୍ରଦାନ କରାଯାଇଥିଲା । ପୂର୍ତ୍ତ ବିଭାଗର ଅଫିସ୍ ମେମୋରାଣ୍ଡମ୍ ନଂ-୧୨୯୧୪, ତାରିଖ ୨୩.୦୮.୨୦୧୮ ଆଧାରରେ ଏହି କାର୍ଯ୍ୟାଦେଶ ଦିଆଯାଇଥିବା ଉତ୍ତରରେ ଦର୍ଶାଯାଇଛି । ପ୍ରକଳ୍ପଗୁଡ଼ିକ ମଧ୍ୟରେ ପୀରହାଟ ଚାରବାଟିଆ ଆର୍. ଡି. ରାସ୍ତାରୁ ନାଉରିଓଖାରି ଦେଇ ନୂଆଗାଁ ରାସ୍ତା ମରାମତି ପାଇଁ କାଳୀପ୍ରସାଦ ପାଣିଗ୍ରାହୀଙ୍କୁ ୪,୨୩,୩୨୪ ଟଙ୍କା, ଗାଦି ଫଚୁଟିକିରି-ନରେନ୍ଦ୍ରପୁର ରାସ୍ତା ମରାମତି ପାଇଁ ରାହୁଦେବ ନାୟକଙ୍କୁ ୪,୨୩,୫୯୧ ଟଙ୍କା ଏବଂ ପୀରହାଟ ପୁଲିସ ଷ୍ଟେସନ ଆପ୍ରୋଚ୍ ରାସ୍ତା ପାଇଁ ସୁମନ୍ତ ମହାକୁଡ଼ଙ୍କୁ ୪,୨୩,୯୪୬ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି । ସେହିପରି ବଡ଼ନାହୁନିପାଳ ଆର.ଡି. ରାସ୍ତା ମରାମତି ପାଇଁ ଶୁଭକାନ୍ତ ବିଶ୍ୱାଳଙ୍କୁ ୩,୧୨,୫୯୮ ଟଙ୍କା ଓ ଦେବାଶିଷ ମହାପାତ୍ରଙ୍କୁ ୩,୫୪,୧୫୦ ଟଙ୍କା, ପୀରହାଟ ଆର.ଆଇ. ଅଫିସ୍ ମରାମତି ପାଇଁ ଭାନୁପ୍ରତାପ ସେଠୀଙ୍କୁ ୪,୧୪,୫୬୪ ଟଙ୍କା ଏବଂ ଗଦି ଆର.ଆଇ. ଅଫିସ୍ ମରାମତି ପାଇଁ ନିରଞ୍ଜନ ବଳଙ୍କୁ ୪,୧୮,୯୫୮ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ବିଭାଗୀୟ ଉତ୍ତରରେ ଏହି ୭ଟି ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବା ଦର୍ଶାଯାଇଛି । ଭଦ୍ରକ ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ସେପଟେମ୍ବର ୧୭, ୨୦୨୬ରେ ଏହି ବିବରଣୀ ଭୁବନେଶ୍ୱରସ୍ଥିତ ଗ୍ରାମ୍ୟ ନିର୍ମାଣ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅବଗତି ନିମନ୍ତେ ପଠାଇଥିବା ଜଣାପଡ଼ିଛି ।

# ଗଣେଶ ପୂଜା ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ

ଦୋବଲ, ୧୮ ।୯ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ପଞ୍ଚାୟତ ସୋଧଠାରେ ମା' ଗଜଲକ୍ଷ୍ମୀ ଯୁବ କଳା ପରିଷଦ ପକ୍ଷରୁ ଚଳିତ ବର୍ଷ ଶ୍ରୀଗଣେଶ ପୂଜା ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

## ୩୦ ୟୁନିଟ୍ ସଂଗ୍ରହ



ହୋଇଯାଇଛି । ପରିଷଦର ସଭାପତି ଦିବାକର କୁଣ୍ଡୁ ଏବଂ ସମ୍ପାଦକ ସୁରେଶ କୁଣ୍ଡୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା । ଶିବିର ପରିଚାଳନାରେ ପରିଷଦର ଉପଦେଷ୍ଟା ତଥା ସଦସ୍ୟ ଯଥା ଅଜିତ କୁଣ୍ଡୁ, ସାଗର ଷଡ଼ଙ୍ଗୀ, ଅନୁପ କୁଣ୍ଡୁ, ରଶ୍ମିତା କୁଣ୍ଡୁ, ଦେବାଶିଷ କୁଣ୍ଡୁ, ମନୋଜ କୁଣ୍ଡୁ, ଅଜୟ ସୂତାର ଏବଂ ଅଶୋକ କୁଣ୍ଡୁ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ସଞ୍ଜୟ ମହାକୁଡ଼, କୃଷ୍ଣଚନ୍ଦ୍ର ପତି, ରବୀନ୍ଦ୍ର ସାହୁ ଏବଂ ପ୍ରଦୀପ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ନିଷ୍ଠାପର ଉଦ୍ୟମ ଏବଂ ଯୁବକମାନଙ୍କ ପ୍ରେରଣା ବଳରେ ଏହି ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇପାରିଛି ।

# ଭଗବାନପୁରରୁ ଅସୁରାଳିକୁ ଜନଶୁଣାଣି ସ୍ଥାନାନ୍ତର

ଧାମନଗର, ୧୮।୯ (ସମିସ): ଜନସାଧାରଣଙ୍କ ଅଭିଯୋଗ ଶୁଣି ସମାଧାନ ପାଇଁ ହେବାକୁ ଥିବା ଯୁଗ୍ମ ଜନଶୁଣାଣିର ସ୍ଥାନ ଶେଷ ମୁହୂର୍ତ୍ତରେ ପରିବର୍ତ୍ତନକୁ ନେଇ ଧାମନଗର ବ୍ଲକରେ ଅସନ୍ତୋଷ ଦେଖାଦେଇଛି । ପ୍ରଶ୍ନ ଉଠିଛି, ପୂର୍ବରୁ ଭଗବାନପୁର ଗ୍ରାମପଞ୍ଚାୟତରେ ଜନଶୁଣାଣି ପାଇଁ ନିଷ୍ପତ୍ତି ହୋଇଥିବାବେଳେ ହଠାତ୍ ତାହାକୁ ଅସୁରାଳିକୁ କାହିଁକି ସ୍ଥାନାନ୍ତର କରାଗଲା ? ଗତ ୧୧ ସେପ୍ଟେମ୍ବର ୨୦୨୬ରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳଙ୍କ ପକ୍ଷରୁ ଜାରି ପତ୍ର ସଂଖ୍ୟା ୧୦୩୯ ଅନୁଯାୟୀ, ଆସନ୍ତା ୨୧ସେପ୍ଟେମ୍ବରରେ ଧାମନଗର ବ୍ଲକର ଯୁଗ୍ମ ଜନଶୁଣାଣି ଭଗବାନପୁର ଗ୍ରାମ ପଞ୍ଚାୟତରେ ହେବାକୁ ସ୍ଥିର ହୋଇଥିଲା । ଏହାକୁ ଆଧାର କରି ଭଗବାନପୁର ପଞ୍ଚାୟତର ୧୫ଟି ୱାର୍ଡର ଲୋକଙ୍କୁ ଆଗୁଆ ସୂଚନା ଦିଆଯାଇଥିଲା । ଅନେକ ଲୋକ ନିଜ ଅଭିଯୋଗ ନେଇ ଜନଶୁଣାଣିରେ

## ଜନଅସନ୍ତୋଷ ବୃଦ୍ଧି

ଯୋଗଦେବାକୁ ପ୍ରସ୍ତୁତ ମଧ୍ୟ ହୋଇଥିଲେ । ତେବେ ୧୮ ସେପ୍ଟେମ୍ବରରେ ଧାମନଗର ବିଡିଓଙ୍କ ପକ୍ଷରୁ ଜାରି ପତ୍ର ସଂଖ୍ୟା ୪୨୧୪ ମାଧ୍ୟମରେ ଜନଶୁଣାଣି ସ୍ଥାନକୁ ଭଗବାନପୁରରୁ ଅସୁରାଳି ଗ୍ରାମପଞ୍ଚାୟତକୁ ବଦଳାଇ ଦିଆଯାଇଛି । ଜନଶୁଣାଣିର ମାତ୍ର ତିନି ଦିନ ପୂର୍ବରୁ ଏଭଳି ପରିବର୍ତ୍ତନକୁ ନେଇ ଏବେ ପ୍ରଶ୍ନ ଉଠିଛି । ବିଶେଷକରି ଭଗବାନପୁରବାସୀଙ୍କ ଅଭିଯୋଗ ହେଉଛି, ପୂର୍ବ ନିଷ୍ପତ୍ତି ଅନୁଯାୟୀ ପ୍ରସ୍ତୁତି ସରିବା ପରେ ଶେଷ ମୁହୂର୍ତ୍ତରେ ସ୍ଥାନ ବଦଳ କରାଯିବା ଯୋଗୁଁ ଅନେକ ଲୋକ ଅସୁବିଧାରେ ପଡ଼ିଛନ୍ତି । ଜନଶୁଣାଣିର ଉଦ୍ଦେଶ୍ୟ ଯଦି ଲୋକଙ୍କ ନିକଟରେ ପ୍ରଶାସନକୁ ପହଞ୍ଚାଇବା, ତେବେ ପୂର୍ବ ନିର୍ଦ୍ଧାରିତ ସ୍ଥାନକୁ ହଠାତ୍ କାହିଁକି ବଦଳାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ପ୍ରଶାସନ ପକ୍ଷରୁ ମଧ୍ୟ ସ୍ଥାନ ପରିବର୍ତ୍ତନର କାରଣ ସମ୍ପର୍କରେ ସ୍ପଷ୍ଟୀକରଣ ମିଳି ନଥିବାରୁ ଏହା ପଛରେ ସନ୍ଦେହ ଆହୁରି ଘନୀଭୂତ ହୋଇଛି । ଜିଲ୍ଲାସ୍ତରରୁ ଭଗବାନପୁରକୁ ନିର୍ଦ୍ଧାରିତ କରାଯାଇଥିବା ଜନଶୁଣାଣି ସ୍ଥାନକୁ ବ୍ଲକସ୍ତରରେ କେଉଁ ପରିସ୍ଥିତିରେ ଏବଂ କାହା ନିଷ୍ପତ୍ତିରେ ବଦଳାଗଲା ? ଏହାର ସ୍ପଷ୍ଟ ଉତ୍ତର ଦାବି କରିଛନ୍ତି ଭଗବାନପୁରବାସୀ ।

# ସନ୍ଧ୍ୟା ହେଲେ ଗଡୁଛି ମାଳ ମାଳ ଡିଜେ ଗାଡ଼ି



ଭଣ୍ଡାରିପୋଖରୀ, ୧୮।୯ (ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ସରସଦା, ରହଣିଆ, ମାଳଦା, ଷୋଳମପୁର, ବିଷ୍ଣୁପୁର ଭଳି ବହୁ ପଞ୍ଚାୟତରେ ସନ୍ଧ୍ୟା ହେଲେ ମାଳ ମାଳ ଡିଜେ ଗାଡ଼ି ଗଡୁଥିବା ଦେଖିବାକୁ ମିଳୁଛି । ପାର୍ବଣ ଋତୁ ଆରମ୍ଭରୁ ଗଣେଶ ପୂଜା ଭସାଣି ଉତ୍ସବ ସମୟରେ ଓଡ଼ିଶା ସମେତ ଅନ୍ୟାନ୍ୟ ବାହାର ରାଜ୍ୟରୁ ହାଇ ସାଉଣ୍ଡ ଡିଜେ ଗାଡ଼ି ପୂଜା କମିଟି ପକ୍ଷରୁ ଅଣାଯାଇ ଭସାଣି ଉତ୍ସବ କରାଯାଉଛି । ଶବ୍ଦ ପ୍ରଦୂଷଣ ସୃଷ୍ଟି ହେବା ଦ୍ୱାରା ଗ୍ରାମରେ ହାର୍ଟ ଏବଂ ହାଇ ବ୍ଲଡ ଥିବା ରୋଗୀମାନେ କିମ୍ବା ବରିଷ୍ଠ ଲୋକଙ୍କ ପାଇଁ ଡିଜେଗୁଡିକର ହାଇ ସାଉଣ୍ଡ ଓ ବେସ୍‌ର କମ୍ପନ ଅନୁଭୂତ ଏତେ ଯନ୍ତ୍ରଣା ଦାୟକ ହୋଇଥାଏ ବୋଲି କିଛି ବରିଷ୍ଠ ନାଗରିକମାନେ ଅଭିଯୋଗ କରିଛନ୍ତି । ଦୁଇରୁ ତିନି ଦିନ ହେଲା କିଛି ବରିଷ୍ଟ ନାଗରିକ ମାନେ ସନ୍ଧ୍ୟା ସମୟରେ ଘରୁ ବାହାରକୁ ବାହାରି ଫାଙ୍କା ଜାଗାକୁ କିଛି ସମୟ ପାଇଁ ଯାତାୟାତ କରୁଥିବା ମଧ୍ୟ ମତ ବ୍ୟକ୍ତ କରିଛନ୍ତି । ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ହାଇ ସାଉଣ୍ଡ ଡିଜେ ଗାଡ଼ିକୁ ନ ବାଜିବା ନିମନ୍ତେ ରୋକ୍ ଲଗାଇଥିବା ବେଳେ କିପରି ଭଣ୍ଡାରିପୋଖରୀ ଥାନାଞ୍ଚଳରେ ଡିଜେ ହାଇ ସାଉଣ୍ଡ ବକ୍ସ ଲଗାଇ ବଜାଉଛନ୍ତି ପୂଜା କମିଟି । ଭଣ୍ଡାରିପୋଖରୀ ପୁଲିସ ଏଥିନିମନ୍ତେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଦେଖିବାକୁ ମିଳିଛି । ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଏଥିପ୍ରତି ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲ୍ଲା ପ୍ରଶାସନକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି ।

# ବେଆଇନ ଗୋରୁ ଚାଲାଣ; ଗାଡ଼ି ଜବତ

ଅସୁରାଳି, ୧୮ ।୯ (ସମିସ): ଧୂଷୁରୀ ଥାନା ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ବେଆଇନ ଗୋରୁ ଚାଲାଣର ଏକ ବଡ଼ ଉଦ୍ୟମ ପଣ୍ଡ ହୋଇଛି । ପୁଲିସ ଗୁଡ଼ପୋଖରୀ ନିକଟରୁ ଗୋରୁ ଚାଲାଣରେ ବ୍ୟବହୃତ ଏକ ଜାଇଲୋ ଗାଡ଼ିକୁ ଜବତ କରିଥିବା ବେଳେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି । ସୂଚନାନୁଯାୟୀ, ଗୁଡ଼ପୋଖରୀ ନିକଟରେ ପୁଲିସ ରାତି ପାଟ୍ରୋଲିଂ

## ଅଭିଯୁକ୍ତ ଫେରାର୍

କରୁଥିବା ସମୟରେ ଏକ ଜାଇଲୋ ଗାଡ଼ିରେ ଗୋରୁଗୁଡ଼ିକୁ ବୋଝେଇ କରି ବେଆଇନ ଭାବେ ଚାଲାଣ ହେଉଥିଲା । ପୁଲିସ ଗାଡ଼ିକୁ ଦେଖିବା ମାତ୍ରେ ଅଭିଯୁକ୍ତମାନେ ଗାଡ଼ିରୁ ଗୋରୁଗୁଡ଼ିକୁ ଫିଟାଇ ଦେଇ ଘଟଣାସ୍ଥଳରୁ ଅନ୍ଧାରର ସୁଯୋଗ ନେଇ ଫେରାର୍ ହୋଇଯାଇଥିଲେ । ପୁଲିସ ଘଟଣାସ୍ଥଳରୁ ଗୋରୁଗୁଡ଼ିକୁ ଉଦ୍ଧାର କରିବା ସହ ବେଆଇନ ଚାଲାଣରେ ବ୍ୟବହୃତ ଜାଇଲୋ ଗାଡ଼ିକୁ ଜବତ କରି ଥାନାକୁ ଆଣିଛି । ଏହି ଘଟଣାରେ ଆଇଆଇସି ସୁଦର୍ଶନ ବାଗେଙ୍କ ତତ୍ତ୍ୱାବଧାନରେ ଏକ ମାମଲା ରୁଜୁ ହୋଇ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

# 'ଶ୍ରୀମଦ ଭାଗବତ ଓଡ଼ିଆ ଚେତନାର ଅନ୍ତଃସ୍ୱର'

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ, ୧୮ ।୯ (ସମିସ): ଆମ ମାତୃଭାଷା ପରିଷଦର କନ୍ୟା ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଅଟଳ ବିହାରୀ ନାୟକଙ୍କ ପୌରୋହିତ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ । 'ଓଡ଼ିଆ ସାରସ୍ୱତ ଅସ୍ମିତା ଅତିବଡ଼ି ଜଗନ୍ନାଥ ଦାସ' ଶୀର୍ଷକ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଶିକ୍ଷାବିତ୍ ଶାନ୍ତନୁ ରାଉତ, ମୁଖ୍ୟବକ୍ତା ପ୍ରବାଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବିଶିଷ୍ଟ ବକ୍ତା ପ୍ରବାଚକ ଦଶରଥ ପଣ୍ଡା, ପଣ୍ଡିତ ନରହରି ଦାଶ, ଶିକ୍ଷାବିତ୍ ଗୟାଧର ପଣ୍ଡା, ଆଖଣ୍ଡଳମଣୀ




ମହାବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର, ପୂର୍ବତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ପ୍ରାକ୍ତନ ପୋଲିସ ଅଧିକାରୀ ରମେଶଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଅତିବଡ଼ି ଶ୍ରୀଜଗନ୍ନାଥ ଦାସଙ୍କ ଜୀବନୀ ଓ ଓଡ଼ିଆ ସାରସ୍ୱତ ଜଗତକୁ ତାଙ୍କର ଦାନ ଅତୁଳନୀୟ ଓ ଭାଗବତ ପ୍ରକୃତ ଓଡ଼ିଆ ଚଳନୀ ଏବଂ ହିନ୍ଦୁ ରୀତିନୀତିର ପ୍ରକୃଷ୍ଟ ଉଦାହରଣ ପ୍ରଦାନ କରିଥାଏ । ଜ୍ଞାନ, ଦାନ ଓ ଶୃଙ୍ଖଳିତ ସତ୍ୟ ଅଭିମୁଖି ଚଳନୀର ପ୍ରକୃତ ଉପଦେଶ ପ୍ରଦାନ କରିଥାଏ ବୋଲି ଅତିଥିବୃନ୍ଦ ମତ ବ୍ୟକ୍ତ କରିଥିଲେ । ଶିକ୍ଷୟିତ୍ରୀ ତଥା କବି ଡ. ଜାନକୀ ପାଢ଼ୀ ଓ ମନୋରମା ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଶିଶୁକବି ଅଂଶୁମାନ ସ୍ୱାଇଁ, ଉମେଶଚନ୍ଦ୍ର ମହାପାତ୍ର, ଅଜୟ କର, ପାର୍ଥସାରଥି ମହାନ୍ତି, ପ୍ରତାପ ଦାସ, ନରେନ ବିଶ୍ୱାଳ, ସୁରେଶ ସାହୁ, ଶିକ୍ଷୟିତ୍ରୀ ସରୋଜିନୀ ନାୟକ, ମାନସୀବାଳା ସୂତାର, ଜଗନ୍ନାଥ ଓଝା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ ଦାଶ ସମ୍ପାଦକୀୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ସଙ୍ଗୀତ ନାଟକ ଆକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଗୌରାଙ୍ଗଚନ୍ଦ୍ର ବାରିକ, ମଞ୍ଚ ଆହ୍ୱାନ, ସବୁ ସମ୍ପାଦିକା ମମତାରାଣୀ ଦାଶମିଶ୍ର ସଭା ପରିଚାଳନା, ନାରାୟଣଚନ୍ଦ୍ର ପାଢ଼ୀ ଅତିଥି ପରିଚୟ, ବୈକୁଣ୍ଠ ବିଶ୍ୱାଳ ମଂଚ ସଂଯୋଜନା କରିଥିଲେ । ଅଧିବକ୍ତା ପ୍ରଦୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୭ରୁ ଚାଲିବ ସ୍ୱଚ୍ଛତା ପକ୍ଷ

ଧାମନଗର, ୧୮ ।୯ (ସମିସ): ଧାମନଗର ବ୍ଲକର ସମସ୍ତ ପଞ୍ଚାୟତରେ ଆସନ୍ତା ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨ ପର୍ଯ୍ୟନ୍ତ 'ସ୍ୱଚ୍ଛତା ହିଁ ସେବା-୨୦୨୬' ପକ୍ଷ ପାଳନ କରାଯିବ । ଚଳିତବର୍ଷର ଥିମ୍ 'ସ୍ୱଚ୍ଛତାରେ ସହଭାଗିତା, ସ୍ୱଚ୍ଛ ଭାରତ ବିକଶିତ ଭାରତ' । ଏନେଇ ଧାମନଗର ପଞ୍ଚାୟତସମିତି ପକ୍ଷରୁ ଚିଠି ନଂ ୪୧୮୩ରେ ନିର୍ଦ୍ଦେଶନାମା ଜାରି ହୋଇଛି । ଅଭିଯାନରେ ଲୋକପ୍ରତିନିଧି, ଶିକ୍ଷକ, ଛାତ୍ରଛାତ୍ରୀ, ସ୍ୱଚ୍ଛତା କର୍ମୀ, ଅଙ୍ଗନବାଡ଼ି କର୍ମୀ, ମିଶନ ଶକ୍ତି ଓ ଓଏଲ୍ଏମ୍ ମହିଳା ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ସାମିଲ କରାଯିବ । ଏହି ଅବସରରେ ସ୍ୱଚ୍ଛତା ସଚେତନତା, ସଫେଇ, ରାଲି, ମାନବ ଶୃଙ୍ଖଳ ଓ ଶ୍ରମଦାନ ଭଳି କାର୍ଯ୍ୟକ୍ରମ ହେବ । ସେପ୍ଟେମ୍ବର ୧୭ ଓ ୧୮ରେ ବିଦ୍ୟାଳୟଗୁଡ଼ିକରେ ସଚେତନତା, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ହେବ । ୧୯ ଓ ୨୦ରେ ଅଳିଆ ଆବର୍ଜନାପୂର୍ଣ୍ଣ ସ୍ଥାନ ଚିହ୍ନଟ କରି ସଫେଇ କରାଯିବ । ୨୧ ଓ ୨୨ରେ ବଜାର, ବସ୍‌ଷ୍ଟାଣ୍ଡ, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ଧର୍ମାନୁଷ୍ଠାନରେ ସଫେଇ ଅଭିଯାନ ହେବ । ସେହିପରି ୨୩ ଓ ୨୪ରେ ଘରକୁ ଘର ସଚେତନତା ସହ ରାଲି ଓ ମାନବଶୃଙ୍ଖଳ, ୨୫ରୁ ୨୭ ପର୍ଯ୍ୟନ୍ତ ନଦୀକୂଳ ସଫେଇ, ଶୂନ୍ୟ-ବର୍ଜ୍ୟବସ୍ତୁ କାର୍ଯ୍ୟକ୍ରମ ଓ ପର୍ଯ୍ୟଟନସ୍ଥଳୀ ସଫେଇ କରାଯିବ । ୨୮ ଓ ୨୯ରେ ବର୍ଜ୍ୟବସ୍ତୁର ପୁନଃବ୍ୟବହାର ଓ ପ୍ଲାଷ୍ଟିକ ରିସାଇକ୍ଲିଂ ଉପରେ ଗୁରୁତ୍ୱ ଦିଆଯିବ । ସେପ୍ଟେମ୍ବର ୩୦ରେ ସଫେଇ ମିତ୍ରମାନଙ୍କ ପାଇଁ ସୁରକ୍ଷା ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଓ ସୁରକ୍ଷା ସାମଗ୍ରୀ ବଣ୍ଟନ କରାଯିବ । ଅକ୍ଟୋବର ୧ରେ 'ଏକ ଦିନ, ଏକ ଘଣ୍ଟା, ଏକ ସାଥ୍' କାର୍ଯ୍ୟକ୍ରମରେ ସାମୂହିକ ଶ୍ରମଦାନ ହେବ । ଅକ୍ଟୋବର ୨ରେ ସ୍ୱଚ୍ଛ ଭାରତ ଦିବସ ଅବସରରେ ସ୍ୱତନ୍ତ୍ର ଗ୍ରାମସଭାରେ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଆଲୋଚନା କରାଯିବ । ଅଭିଯାନକୁ ସଫଳ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗୀୟ କର୍ମକର୍ତ୍ତା, ଲୋକପ୍ରତିନିଧି ଓ ସାଧାରଣ ଲୋକଙ୍କ ସହଯୋଗ ଲୋଡ଼ାଯାଇଛି ।

# ଅସୁରାଳିରେ ନିଆରା ଗଣେଶ ଭସାଣି



ସହିଦନଗର, ୧୮ ।୯ (ସମିସ): ପରମ୍ପରା ଓ ଭାଇଚାରାର ସହର ଅସୁରାଳିରେ ଆଜି ଗଣେଶ ଭସାଣି ମେଳଣ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଛି । ୧୧ଟି ଗଣେଶ ମେଢ଼କୁ ନେଇ ଆୟୋଜିତ ଭସାଣି ଶୋଭାଯାତ୍ରାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ଏଥିପାଇଁ ସମଗ୍ର ଅସୁରାଳି ଉତ୍ସବମୁଖର ହୋଇଉଠିଥିଲା । ଭସାଣି ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ପାଲଟିଥିଲା ବାହାର ରାଜ୍ୟରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ବାଦ୍ୟଦଳ । ଢୋଲ, ତାସା, ଡିଜେ ସହ ବିଭିନ୍ନ ପାରମ୍ପରିକ ବାଦ୍ୟର ତାଳେ ତାଳେ ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ଆଗେଇ ଚାଲିଥିଲେ । ଏହି ନିଆରା ଭସାଣି ମେଳଣ ଦେଖିବାକୁ ଦୂରଦୂରାନ୍ତରୁ ବହୁ ଲୋକଙ୍କ ସମାଗମ ହୋଇଥିଲା । ଅସୁରାଳିର ଗଣେଶ ପୂଜାର ଅନ୍ୟତମ ବିଶେଷତ୍ୱ ହେଉଛି ଏଠାକାର ପୁରୁଣା ମେଢ଼ । ଶାନ୍ତିନଗର (ସାଆନ୍ତାଣୀ ଡିହ)ର ପ୍ରାୟ ୧୫୦ ବର୍ଷର ପୁରାତନ 'ବୁଢ଼ା ଗଣେଶ' ଏହି ପରମ୍ପରାର ଏକ ସ୍ୱତନ୍ତ୍ର ପରିଚୟ । ଏଥିସହ ଅସୁରାଳିର ଅନ୍ୟ ୧୦ଟି ମେଢ଼ ମଧ୍ୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ପରମ୍ପରାକୁ ବହନ କରିଆସୁଛି । ପୁରୁଣା ପରମ୍ପରା, ଆଧୁନିକ ସାଜସଜ୍ଜା ଓ ଭବ୍ୟ ସାଂସ୍କୃତିକ ଆୟୋଜନର ମିଶ୍ରଣରେ ଅସୁରାଳିର ଗଣେଶ ଭସାଣି ମେଳଣ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଶାନ୍ତି ଓ ଶୃଙ୍ଖଳାର ସହ ଭସାଣି ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଅସୁରାଳି ଗଣେଶ କମିଟି ସଭାପତି ସଦାନନ୍ଦ ଦାସ, କମିଟି ସଭ୍ୟ ଦେବରାଜ ଖଟୁଆ ଓ ଅମୂଲ୍ୟ ବେହେରା, କୋଷାଧ୍ୟକ୍ଷ ପ୍ରତାପ ସ୍ୱାଇଁ, ବିଜେପି ଯୁବମୋର୍ଚ୍ଚା ସଭାପତି ସୂରଜ ସାହୁ, ବ୍ୟବସାୟୀ ସନ୍ତୋଷ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣେଶ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ସାହିତ୍ୟିକ ପ୍ରଫୁଲ୍ଲ ପଣ୍ଡାଙ୍କ ସ୍ମୃତିସଭା



ସହିଦନଗର, ୧୮ ।୯ (ସମିସ): ପ୍ରଣମ୍ୟ ପ୍ରଫୁଲ୍ଲ ପଣ୍ଡାଙ୍କର ଆଜି ୬ଷ୍ଠ ସ୍ମୃତିଚାରଣ ସଭା ଆନନ୍ଦ ବଜାରସ୍ଥିତ ଗଞ୍ଜାମାଳଠାରେ ଅନୁଷ୍ଠିତ ହୋଇଯାଇଛି । ଡ.ସାରଥୀ ପଣ୍ଡାଙ୍କ ସଭାପତିତ୍ୱରେ ଓ ସଙ୍ଗୀତ ନିର୍ଦ୍ଦେଶକ ମନୋଜ ପଣ୍ଡାଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡ. ରାମଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଇଂ ଅରୁଣ ପାତ୍ର, ଡ଼. ସୁଦର୍ଶନ ବାରିକ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକଦାର, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଅଧ୍ୟାପିକା ଦେବସ୍ମିତା ମିଶ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ସାମ୍ବାଦିକ ରବିନାରାୟଣ ଖିଲାର, ଡାକ୍ତର ସଞ୍ଜୟ ଦାସ, ନୃତ୍ୟ ନିର୍ଦ୍ଦେଶକା ରିଚିସ୍ମିତା ମହାନ୍ତି, ଖବରଦାତା ସମେତ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଣମ୍ୟ ପ୍ରଫୁଲ୍ଲ ସ୍ମୃତିରେ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ମୃତି କମିଟି ସଦସ୍ୟ ଜଗନ୍ନାଥ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପୁଅ ତାପସ ପଣ୍ଡା, ମାନସ ପଣ୍ଡା, ସଂଜୀବ ପଣ୍ଡା, ଉତ୍କଳମଣି ପଣ୍ଡା ଓ ଲଲାଟେନ୍ଦୁ ପଣ୍ଡା ପ୍ରମୁଖ ଅତିଥିଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ କବି ଗଙ୍ଗାଧର ନାୟକ, ଯୋଗେନ୍ଦ୍ର ପରିଡା, ଲକ୍ଷ୍ମୀକାନ୍ତ ରାଉତ, କାଳନ୍ଦୀ ମଳିକ, ଅମୂଲ୍ୟ ନାଥ, ବଟକୃଷ୍ଣ ଜେନା ପ୍ରମୁଖ କବିତା ପାଠୋତ୍ସବକୁ ସହଯୋଗ କରିଥିଲେ ।

# ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ତିହିଡ଼ି, ୧୮ ।୯ (ସମିସ): ତିହିଡି ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଚନ୍ଦ୍ରଶେଖର ରତ୍ନାକର ସହଯୋଗ (ସିଆରଏସ) ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ତିହିଡ଼ି ପଞ୍ଚାୟତସମିତି , ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ଅବନ୍ତି ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରସରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀନବନ୍ଧୁ ମହାନ୍ତିଙ୍କ ସଂଯୋଜନାରେ ଏକ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଦାସ ଯୋଗ ଦେଇଥିଲେ । ବରେଣ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର

## ୨୫୦ ପଞ୍ଜୀକରଣ

ସେଠୀ ଭତ୍ତାକୁ ଅପେକ୍ଷା କରିଥିବା ଜିଲାର ୨୬, ୨୫୩ ଏବଂ ବ୍ଲକର ୪, ୬୦୦ ନୂତନ ହିତାଧିକାରୀଙ୍କୁ ଆସନ୍ତା ମାସ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଡ଼ିଓ ନିରଞ୍ଜନ ବାରିକ, ଅତିରିକ୍ତ ତହସିଲଦାର ସୌମ୍ୟରଞ୍ଜନ ଜେନା, ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ନିହାରିକା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ସଭାରେ ଏଡ଼ିଇଓ ସତ୍ୟବ୍ରତ ପାଢ଼ୀ ବେଦ ପାଠ କରିଥିଲେ । ଏହି ଅବସରରେ ୩ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ ପ୍ରଦାନ କରାଯାଇଥିଲା । ଶିବିରରେ ମୋଟ ୨୪୫ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ । ଶାରୀରିକ ୮୫, ଦୃଷ୍ଟିବାଧିତ ୪୩, ଶ୍ରବଣ ବାଧିତ ୩୯, ମସ୍ତିଷ୍କ ପକ୍ଷଘାତ ୪୭ ଏବଂ ୧୨ବର୍ଷ ବୟସ ମଧ୍ୟରେ ୩୧ ଜଣ ଥିବା ଜଣାଯାଇଛି । ଏବିଡ଼ିଓ ମିନକେତନ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ବ୍ଲକ ସାମାଜିକ



ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ସେକ୍ସନ ଅଫିସର ରୁନା ସୁନା, ହାଇସ୍କୁଲ ପରିଚାଳନା କମିଟି ସଭାପତି ରତିକାନ୍ତ ଦାସ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସହଯୋଗ କରିଥିଲେ । ଶିବିରରେ ସରପଞ୍ଚ ସଂଜୀବ ବେହେରା, ସମିତିସଭ୍ୟ ଜୟପ୍ରକାଶ ମଲିକ ଓ ଦେବେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ୭୦ତମ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଭଦ୍ରକ,୧୮ ।୯ (ସମିସ)

ପିଏମଶ୍ରୀ ବିଦ୍ୟୁମାଧବ ବାଗୁରାଇ ହାଇସ୍କୁଲରେ ୭୦ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ୨୦୨୬-୨୭ ଜିଲ୍ଲାଶିକ୍ଷାଧିକାରୀ ଡ଼.ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତୃପ୍ତିମୟୀ ପାତ୍ର, ଡ଼.ପ୍ରଫୁଲ୍ଲ ସାହୁ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ ଯୋଗଦାନ କରିଥିଲେ । ପ୍ରଧାନଶିକ୍ଷକ ଶଶିଶେଖର କରଶର୍ମାଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ




ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାଜେନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାରେ ଜିଲ୍ଲାର ୭ଟି ବ୍ଲକରୁ ୭୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦାନ କରିଥିଲେ । ବ୍ୟାଡ଼ମିଣ୍ଟନ, ଯୋଗାସନ, ଟାଏକ୍ୱୋଣ୍ଡୋ, ରଗବି, ଫୁଟବଲ, ହ୍ୟାଣ୍ଡବଲ, ୱେଟଲିଫ୍ଟିଙ୍ଗ୍, ଟେବୁଲ ଟେନିସ୍, ବାସ୍କେଟବଲ, ସ୍କେଟିଙ୍ଗ୍, ଫୁଟବଲ ଓ ଚେସ୍ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁ, ଭୀମଚରଣ ପରିଡ଼ା, ପ୍ରଦୀପ ମହାପାତ୍ର, ଅନିଲ ମିଶ୍ର, ଭଦ୍ରକ ବ୍ଲକ କ୍ରୀଡ଼ା ସମ୍ପାଦକ ମାନସ ନାୟକ, ଧାମନଗର କ୍ରୀଡ଼ା ସମ୍ପାଦକ ମାନସ ରଞ୍ଜନ ନାୟକ, ଭଣ୍ଡାରୀପୋଖରି ବ୍ଲକ କ୍ରୀଡ଼ା ସମ୍ପାଦକ ଜିତେନ୍ଦ୍ର ସାହୁ, ତିହିଡ଼ି ବ୍ଲକ ସମ୍ପାଦକ ପ୍ରଭାତ ଜେନା, ବାସୁଦେବପୁର ବ୍ଲକ ସମ୍ପାଦକ ସୁକାନ୍ତ ଜେନା, ଚାନ୍ଦବାଲି ବ୍ଲକ ସମ୍ପାଦକ ବିଜୁଦ ପଣ୍ଡା, ବନ୍ତ ବ୍ଲକ କ୍ରୀଡ଼ା ସମ୍ପାଦକ ମନୋଜ ଶଙ୍ଖୁଆ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତାରେ ସହାୟତା କରିଥିଲେ । ବିଭିନ୍ନ କ୍ରୀଡ଼ାର କୋଚ୍ ଓ ବିଚାରକ ଭାବରେ ଅଶୋକ କୁମାର ପଣ୍ଡା, ପବିତ୍ର ମୋହନ ଦାସ, ସୁପ୍ରଭା ରାଉତ, ବିକଶି ସାହୁ, ତପନ ମିଶ୍ର, ଡ଼ଲିରାଣୀ ଦାସ, ସଂଗୀତା ବେହେରା, ସ୍ୱର୍ଣ୍ଣଲତା ବେହେରା, ମାନସ ଜେନା କ୍ରୀଡ଼ା ପରିଚାଳନା କରିଥିଲେ । ଶିବ ନାରାୟଣ ପତି ବେଦପାଠ କରିଥିଲେ । ଲିନାରାଣୀ ଦାସ, ରୁବିନା ଖାତୁନ୍, ଅକ୍ଷୟ ସେଠୀ ଓ ଅରୁଣ କୁମାର ବାରିକ୍ କ୍ରୀଡ଼ା ପ୍ରତିଯୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିଥିଲେ ।

## ଗୃହ ବିବାଦରୁ ଗଣ୍ଡଗୋଳ; ଜଣେ ଆହତ

ବାରିକପୁର, ୧୮।୯ (ସମିସ): ଭଣ୍ଡାରିପୋଖରୀ ଥାନା ଷୋଳମପୁର ପଞ୍ଚାୟତ ମଣୀନାଥପୁରଠାରେ ଗଣ୍ଡଗୋଳ ଘଟି ଜଣେ ଆହତ ହୋଇଛନ୍ତି। ଗ୍ରାମର ଜଗନ୍ନାଥ ସାମଲ ତାଙ୍କ ଦୁଇ ଭାଇଙ୍କ ସହିତ ଦାଣ୍ଡ ପିଣ୍ଡାରେ ବସି କଥା ହେଉଥିଲେ। ସାପ ବାହିରିବା କାରଣରୁ ଘର କାନ୍ଥ ଭାଙ୍ଗିବା ପାଇଁ ପରସ୍ପର କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ପାଡ଼ୋଶୀ ପରିବାରର ବ୍ୟକ୍ତିମାନେ ଜଗନ୍ନାଥଙ୍କୁ ଆକ୍ରମଣ କରିଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି। ଆକ୍ରମଣ ଯୋଗୁଁ ଜଗନ୍ନାଥଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଆହତଙ୍କ ସ୍ତ୍ରୀ ଲକ୍ଷ୍ମୀ ସାମଲଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

## ପାଲସାରେ ଜମୁଛି ଗଣେଶ ପୂଜା



ଅସୁରାଳି, ୧୮।୯ (ସମିସ): ଧାମନଗର ବ୍ଲକ ସରେଇ ଚୁଡାକୁଟି ପଞ୍ଚାୟତ ପଲସା ଗାଁରେ ଚଳିତ ବର୍ଷ ଗଣେଶ ପୂଜା ମହୋତ୍ସବ ବେଶ୍ ଜମୁଛି। ଗଣେଶ ପୂଜା କମିଟି ନିଜର ଗୌରବମୟ ୨୦ ବର୍ଷରେ ପଦାର୍ପଣ କରିଥିବାରୁ ସମ୍ପୂର୍ଣ୍ଣ ଅଞ୍ଚଳରେ ଏକ ନୂତନ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଛି। ଏହି ବର୍ଷର ବିଶେଷ ଆକର୍ଷଣ ପାଲଟିଛି ସୁଦୃଶ୍ୟ ଆକର୍ଷଣୀୟ ମେଢ଼। ଆଲୋକମାଳାରେ ପ୍ରଭୁ ବିଘ୍ନବିନାଶକଙ୍କ ପୂଜା ମଣ୍ଡପ ଅତ୍ୟନ୍ତ ମନୋରମ ହୋଇଉଠିଛି। ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ସତ୍ୟନାରାୟଣ ଯୁବକ ସଂଘ ତରଫରୁ ଏହି କାର୍ଯ୍ୟକୁ ସୁଚାରୁରୂପେ ସମାପନ କରୁଛନ୍ତି ପ୍ରଶାନ୍ତ କୁମାର ପରିଡା ଆଶିଷ ପାତ୍ର ରଞ୍ଜନ ବେହେରା ମୁରଲୀ ସାହୁ ସତ୍ୟ ପାଢ଼ି ବିଶ୍ୱଜିତ ପାଢ଼ି ବିକାଶ ବେହେରା ଅଜୟ ସାମଲ ବୀରେନ୍ଦ୍ର ପୁହାଣ ଅଙ୍କିତ ସାହୁ ସଞ୍ଜୟ ସାମଲ, ମାନଶ ବିଶ୍ୱଳ ଅଭିଜିତ ପତ୍ର ପପୁ ରାଉତ ସାଇ ଜେନା ଆଶିଷ ନାୟକ ପାପି ନାୟକ ହାପି ନାୟକ ପ୍ରମୁଖ। ପୂଜାକୁ ସଫଳ ଓ ଶୃଙ୍ଖଳିତ କରିବା ପାଇଁ ସାହିର ମାନ୍ୟଗଣ୍ୟ ବ୍ୟକ୍ତି ଓ ଯୁବ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି।

## ଅଧାରୁ ଅଟକିଛି ପାଦଚଲା ପୋଲ କାମ



ବାରିକପୁର, ୧୮।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ଛକଠାରେ ନିର୍ମିତ ହେଉଥିବା ପାଦ ଚଲା ପୋଲ ନିର୍ମାଣ କାର୍ଯ୍ୟ ଅଧାରୁ ଅଟକିଛି। ଜାତୀୟ ରାଜପଥ ଉପରେ ଦୁର୍ଘଟଣା ଏଡାଇବା ପାଇଁ ଏଠାରେ ପ୍ରାୟ ୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଚଳିତ ବର୍ଷ ମାର୍ଚ୍ଚ ମାସରେ ଏକ ପାଦ ଚଲା ପୋଲ କାମ ଆରମ୍ଭ ହୋଇଥିଲା। ପାଖାପାଖି ମାସେ କାମ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ କାମଟି ଆଉ ଆଗେଇ ପାରିନାହିଁ। ଚାରି ମାସ ହେଲା କାମ ବନ୍ଦ ହୋଇ ରହିଛି। ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର କାର୍ଯ୍ୟ ପାଇଁ ବାଧକ ସାଜିଛି। ବିଦ୍ୟୁତ ଖୁଣ୍ଟ ଓ ତାର ସ୍ଥାନାନ୍ତର ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ବିଦ୍ୟୁତ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ପାଦ ଚଲା ପୋଲ କାମ ଅସମ୍ପୂର୍ଣ୍ଣ ଭାବେ ପଡି ରହିଛି। ତେଣୁ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ସରପଂଚ ଅମୂଲ୍ୟ ନାୟକ ଦାବି କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ମାନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଭତ୍ତାରୁ ବଞ୍ଚିତ ହିତାଧିକାରୀ



ବାରିକପୁର, ୧୮।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗାଁର ବୟସ୍କ ବୃଦ୍ଧ ବୃଦ୍ଧା ଦୀର୍ଘଦିନ ହେବ ଭତ୍ତା ପାଉନାହାନ୍ତି। ଯେଉଁ ହିତାଧିକାରୀମାନେ ଇନ୍ଦିରାଗାନ୍ଧୀ ଯୋଜନାରେ କେନ୍ଦ୍ରୀୟ ଭତ୍ତା ପାଉଥିଲେ ସେମାନଙ୍କ ମଧ୍ୟରୁ ଅନେକ ଏଥିରୁ ବଞ୍ଚିତ ହୋଇଛନ୍ତି। ୨୩ଟି ପଞ୍ଚାୟତର ପ୍ରାୟ ୬ହଜାର ହିତାଧିକାରୀ ଭତ୍ତା ପାଉଥିବା ବେଳେ ସେମାନଙ୍କ ମଧ୍ୟରୁ ଶତକଡା ୧୦ ଭାଗ ହିତାଧିକାରୀଙ୍କ ଖାତାକୁ ୩ରୁ ୪ମାସ ହେବ ଟଙ୍କା ଆସୁନାହିଁ। ଆଧାର ଡାଟା ବେସ ସହିତ ଅନ୍ୟାନ୍ୟ ବ୍ୟାଙ୍କ ଟ୍ରାନଜାକ୍ସନ ବାବଦରେ କାମ ହେଉଥିବା କାରଣରୁ ହିତାଧିକାରୀ ଭତାରୁ ବଞ୍ଚିତ ହେଉଛନ୍ତି ବୋଲି ପ୍ରଶାସନ କହୁଛି। ଏପଟେ ଗରିବ ଅସହାୟ ହିତାଧିକାରୀ ମାନେ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହୋଇ ଫେରୁଛନ୍ତି। ସୂଚନା ମୁତାବକ, ରହଣିଆ ପଞ୍ଚାୟତ ଦେଉଳପଦି ଗ୍ରାମର ରଘୁନାଥ ସାମଲ ୮୫ବର୍ଷୀୟ ଭତ୍ତା ହିତାଧିକାରୀ ହୋଇଥିବା ବେଳେ ସେ ଖରା ବର୍ଷାରେ ବାରମ୍ବାର ବ୍ଲକକୁ ଦୌଡୁଛନ୍ତି। ଚାରିମାସ ହେବ ଭତ୍ତା ପାଇ ନଥିବା ବେଳେ ନିଜ ଗୁଜୁରାଣ କେମିତି ମେଣ୍ଟାଇବେ ତାକୁ ନେଇ ଏବେ ଚିନ୍ତିତ ହୋଇଛନ୍ତି। ଏହିଭଳି ଆହୁରି ୫ଶହରୁ ୬ଶହ ହିତାଧିକାରୀଙ୍କ ଅବସ୍ଥା ସମାନ ହୋଇଥିବା ବେଳେ ସରକାର ଜାଣିଶୁଣି ବୁଢାବୁଢ଼ୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି।

# ଦୀପ ଜଳାଇବାକୁ ଆସି ଲୋକହସା ହେଲେ ମନ୍ତ୍ରୀ

ବାରିକପୁର, ୧୮।୯ (ସମିସ)



ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତଟି ବନ୍ୟା ପ୍ରବଣ ଅଞ୍ଚଳ ଭାବେ ପରିଗଣିତ ହୋଇଛି। ଚଳିତ ବର୍ଷ ବାରମ୍ବାର ବନ୍ୟା ଆସିବା ଫଳରେ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି। ପଞ୍ଚାୟତବାସୀ ଖାଦ୍ୟ ପଦାର୍ଥ, ପାନୀୟ ଜଳ, ଔଷଧ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଥିଲେ। ବନ୍ୟା ବେଳେ ଘରଦ୍ୱାର ଛାଡି ଅନେକ ଲୋକ ସୁରକ୍ଷିତ ସ୍ଥାନକୁ ଚାଲି ଯାଇଥିଲେ। ତିଖିଲିଆ ଓ ମୁଢ଼ାପଦା ପୋଲ ଭାସିଯାଇଥିବା ବେଳେ ଶହ ଶହ ଲୋକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିଲେ। ଏପରିକି ଦାଣ୍ଡକୁଳ ନିକଟସ୍ଥ କୂଳସାହି ଜନବସତି ଗେଙ୍ଗୁଟି ପାଣି ଦ୍ୱାରା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ସୁଦ୍ଧା ବାସିନ୍ଦାମାନେ ସଂକଟାପନ୍ନ ଭାବେ କାଳାତିପାତ କରୁଛନ୍ତି। ରିଲିଫ ସାମଗ୍ରୀ ଓ ପଲିଥିନ ଖଣ୍ଡେରୁ ଲୋକେ ବଞ୍ଚିତ ହୋଇଛନ୍ତି। ଏଭଳି ବିପଦ ସମୟରେ ଜନପ୍ରତିନିଧି ଭାବେ ମନ୍ତ୍ରୀ ସେମାନଙ୍କ ନିକଟରେ ପହଞ୍ଚି ନଥିବା ବେଳେ ଏବେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ବୌଦ୍ଧ ବିହାରକୁ ଦୀପ ଜଳିବାକୁ ଆସି ଲୋକ ହସା ହୋଇଛନ୍ତି।

ସୂଚନା ଯୋଗ୍ୟ, ଗତ ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସାଂସଦ ଅଭିମନ୍ୟୁ ସେଠୀଙ୍କ ସମେତ ଅନ୍ୟାନ୍ୟ ନେତୃମଣ୍ଡଳୀ ବୌଦ୍ଧ ବିହାରକୁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ପାଇଁ ଆସିଥିବା ବେଳେ ସ୍ଥାନୀୟ ବାସିନ୍ଦା ଏହାକୁ ତୀବ୍ର ବିରୋଧ କରିଥିଲେ। ମନ୍ତ୍ରୀଙ୍କ ମାମୁ ଘର ଭଣ୍ଡାରିପୋଖରୀ ଅଞ୍ଚଳ ହୋଇଥିବା ବେଳେ ଧାମନଗର ନିର୍ବାଚନମଣ୍ଡଳୀକୁ ଲାଗି ଷୋଳମପୁର ପଞ୍ଚାୟତ ରହିଛି। ଏପରି ସ୍ଥଳେ ବନ୍ୟା ବିପତି ସମୟରେ ସବୁ ଜାଣି ସୁଦ୍ଧା ମନ୍ତ୍ରୀ ଲୋକଙ୍କ ପାଖକୁ ଆସି ନଥିଲେ। ଏବେ କ'ଣ ପାଇଁ ଆମ ଅଞ୍ଚଳକୁ ଆସିଛନ୍ତି ବୋଲି ପ୍ରଶ୍ନ କରି ଶହ ଶହ ଲୋକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦୀର୍ଘ ସମୟ ଧରି ହୋହାଲ୍ଲା ମଧ୍ୟ କରିଥିଲେ। ଏଥିପାଇଁ ମନ୍ତ୍ରୀ ଆୟୋଜନ ସ୍ଥାନରେ ପହଞ୍ଚିବା ପୂର୍ବରୁ କିଛି ସମୟ ପାଇଁ ଜଳହରିଠାରେ ଅଟକି ରହିଥିଲେ। କିଛିସମୟ ମଧ୍ୟରେ ପରିସ୍ଥିତି ଶାନ୍ତ ହେବାରୁ ବୌଦ୍ଧ ବିହାରକୁ ଯାଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଲୋକଙ୍କ କହିବା କଥା ହେଲା, ଦୁଃଖ ଦୁର୍ଦ୍ଦଶା ବେଳେ କ୍ଷେତ୍ରକୁ ଆସି ସ୍ଥିତି ଅନୁଧ୍ୟାନ କରିବା ଓ ଜରୁରୀ ସହାୟତା ଯୋଗାଇବା ଜନପ୍ରତିନିଧିଙ୍କ ପ୍ରଥମ କାମ ହୋଇଥାଏ। ବିପତ୍ତି ସମୟରେ ଅଞ୍ଚଳର ସମସ୍ୟା ପ୍ରତି ଧ୍ୟାନ ନଦେଇ କେବଳ ଦୀପ ଜାଳିବାକୁ କାହିଁକି ଆସିଥିଲେ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଥିବା ବେଳେ ଏଥିପାଇଁ ମନ୍ତ୍ରୀ ଲୋକହସା ହୋଇଛନ୍ତି।

## ଡ. ନରହରି ବେହେରା ଟ୍ରଷ୍ଟ ତରଫରୁ ବିଭିନ୍ନ ପ୍ରତିଯୋଗିତା



ଭଦ୍ରକ, ୧୮।୯ (ସମିସ): ଭଦ୍ରକର ଅଗ୍ରଣୀ ସାହିତ୍ୟ, ସଂସ୍କୃତି, ସେବାଟ୍ରଷ୍ଟ କରୋନା ଯୋଦ୍ଧା ଡ ନରହରି ବେହେରା ଟ୍ରଷ୍ଟ ତରଫରୁ ବାଇପାସସ୍ଥିତ ଡ୍ରିମ ଇଣ୍ଡିଆ ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଇଂ ଅଭୟ ସୁତାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଓଡ଼ିଆ ପ୍ରବନ୍ଧ, ସାଧାରଣଜ୍ଞାନ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ପିଲା ଭାଗ ନେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ ସାହୁ, ଉପାଧ୍ୟକ୍ଷ ଜୟନ୍ତ ସ୍ୱାଇଁ, ଶିକ୍ଷକ ଜୟଦେବ ପାତ୍ର, ସେଣ୍ଟ ଜାଭିୟର୍ସ ଶିକ୍ଷକ ମହେଶ୍ୱର ନାୟକ, ରାଣୀତାଲ ହାଇସ୍କୁଲର ଶିକ୍ଷୟିତ୍ରୀ ମନୋରମା ରାୟ, ହମୀରବିନ୍ଧା ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ସାଳନ୍ଦୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଣତି ମଲ୍ଲିକ, ନମିତା ପଣ୍ଡା, ସିଆରସିସି ଶ୍ରଦ୍ଧାଞ୍ଜଳି କର, ସମାଜସେବୀ ସରୋଜ ବିଶ୍ୱାଳ, ତପନ କୁମାର ପଣ୍ଡା ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ଏଠାରେ ସ୍ମରଣଯୋଗ୍ୟ, ଭଦ୍ରକର ସୁନାମଧନ୍ୟ ସ୍ତମ୍ଭକାର, ସାହିତ୍ୟିକ ପ୍ରଶାସନିକ ଅଧିକାରୀ କରୋନା ଯୋଦ୍ଧା ଡ ନରହରି ବେହେରାଙ୍କ ଶ୍ରାଦ୍ଧ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପ୍ରତିବର୍ଷ ପୁରସ୍କୃତ କରାଯାଏ। ସମସ୍ତଙ୍କ ସହଯୋଗ ପାଇଁ ଟ୍ରଷ୍ଟର ଉପଦେଷ୍ଟା ଛବିଲତା ବିଶ୍ୱାଳ ସାଧୁବାଦ ଜଣାଇଥିଲେ।

## ଜମିଦାତା ହେଲେ ନିରାଶ; ପ୍ରଶାସନିକ ବୈଠକ ବିଫଳ

ତିହିଡି, ୧୮।୯ (ସମିସ): ଆଦାନୀ ରେଳପଥ ପାଇଁ ନିଜର ମୂଲ୍ୟବାନ ଜମି ଦାନ କରିଥିବା ହିତାଧିକାରୀମାନେ ଆଜି ଗଭୀର ନିରାଶା ଓ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି। ମିଥ୍ୟା ପ୍ରଲୋଭନ ଦେଇ ଅତ୍ୟନ୍ତ କମ୍ ମୂଲ୍ୟରେ ଜମି ଅଧିଗ୍ରହଣ କରାଯାଇଥିବା ଅଭିଯୋଗ ହୋଇଥିବାବେଳେ, ପ୍ରତ୍ୟେକ ପ୍ରଭାବିତ ପରିବାରର ଜଣକୁ ନିଯୁକ୍ତି ମିଳିବାର ପ୍ରତିଶ୍ରୁତି କେବଳ କାଗଜପତ୍ରରେ ସୀମିତ ରହିଛି। ନିକଟ ଅତୀତରେ ହୋଇଥିବା ବନ୍ୟା ସମୟରେ ଏହି ରେଳପଥର ତ୍ରୁଟିପୂର୍ଣ୍ଣ କଲଭର୍ଟ ନିର୍ମାଣର ପ୍ରକୃତ ଚିତ୍ର ସାମ୍ନାକୁ ଆସିଥିଲା। ରେଳପଥ ବନ୍ଧ ଯାତାୟାତ ପାଇଁ ବାଧକ ସାଜିବାରୁ




ବନ୍ୟାଜଳ ନିଷ୍କାସିତ ନହୋଇ ଆରପାଖକୁ ପ୍ରବେଶ କରିପାରି ନଥିଲା। ଫଳରେ ହଜାର ହଜାର ଏକର ଚାଷଜମି ଧାନଫସଲ ଜଳମଗ୍ନ ହୋଇ ନଷ୍ଟ ହୋଇଯାଇଛି। ଏହାର ପ୍ରତିବାଦରେ ପୂର୍ବରୁ ଚାଷୀମାନେ ରେଳରୋକ ମଧ୍ୟ କରିଥିଲେ। ଏହି ଜନସମସ୍ୟାର ସମାଧାନ ପାଇଁ ଭଦ୍ରକ ଜିଲ୍ଲା ବିକାଶ ପରିଷଦର ସଭାପତି ଶୁଭେନ୍ଦୁ ମହାପାତ୍ର, ସମାଜସେବୀ ସତ୍ୟାନନ୍ଦ ରାଉତ ଏବଂ ନୂଆନନ୍ଦ ସରପଞ୍ଚ ନିହାରିକା ବିଶ୍ୱାଳ, ଅଚକ ସରପଞ୍ଚ ପ୍ରେମଲତା ବିଶ୍ୱାଳ ଏବଂ ସମାଜସେବୀ ଗଣେଶ ବିଶ୍ୱାଳ ପ୍ରମୁଖ ପ୍ରଶାସନ ସାମ୍ନାରେ ଚାଷୀଙ୍କ ହକ୍ ପାଇଁ ବଳିଷ୍ଠ ଦାବି ଉପସ୍ଥାପନ କରିଥିଲେ। ପ୍ରଶାସନିକ ଅଧିକାରୀମାନଙ୍କର ଏହି ପ୍ରସଙ୍ଗରେ ଉଦାସୀନତା ଓ ଆନ୍ତରିକତାର ଅଭାବ ଯୋଗୁଁ କୌଣସି ସକାରାତ୍ମକ ନିଷ୍ପତ୍ତି ହୋଇପାରି ନାହିଁ। ଫଳରେ ଆହୂତ ବୈଠକ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଆଜି ୪୭ଟି ପଞ୍ଚାୟତର ଚାଷୀମାନେ ନା ପାଇଛନ୍ତି କ୍ଷତିପୂରଣ, ନା ପରିବାରକୁ ମିଳିଛି ନିଯୁକ୍ତି। ଗୋଟିଏ ପଟେ ଆଦାନୀ ଗ୍ରୁପ୍ ପ୍ରକଳ୍ପ ଜରିଆରେ ମାଲାମାଲ ହେଉଥିବାବେଳେ ଅନ୍ୟପଟେ ପ୍ରକୃତ ହିତାଧିକାରୀମାନେ ଅତି ଦୟନୀୟ ଅବସ୍ଥାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଏଭଳି ନିଷ୍କ୍ରିୟତା ବିରୁଦ୍ଧରେ ବୁଦ୍ଧିଜୀବୀ ଓ ରାଜନେତାମାନେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଯଦି ପ୍ରଶାସନ ଚାଷୀମାନଙ୍କୁ ଉଚିତ୍ ନ୍ୟାୟ ଏବଂ ପ୍ରାପ୍ତ ଅଧିକାର ପ୍ରଦାନ ନକରେ, ତେବେ ଅଞ୍ଚଳରେ ଏକ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବ ବୋଲି ଚେତାବନୀ ଦିଆଯାଇଛି।

## ସଫ୍ଟୱେର ତାଲିମ ପାଇଁ ୧୪ ଅଧିକାରୀ ମନୋନୀତ

ଭଦ୍ରକ, ୧୮।୯ (ସମିସ): ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମରେ ସିକ୍ୟୁଆ ସଫ୍ଟୱେରର ବ୍ୟବହାର ସମ୍ପର୍କିତ ଏକଦିବସୀୟ ରିଫ୍ରେସର ତାଲିମ ପାଇଁ ଭଦ୍ରକ ଜିଲ୍ଲାର ୧୪ ଜଣ ଅଧିକାରୀଙ୍କୁ ମନୋନୀତ କରାଯାଇଛି। ଆସନ୍ତା ୧୯ ତାରିଖରେ ଭୁବନେଶ୍ୱର ୟୁନିଟ୍-୮ ଗୋପବନ୍ଧୁ ନଗରସ୍ଥିତ ଏସ୍ଆଇଆରଡି ଆଣ୍ଡ ପିଆର ପରିସରରେ ଏହି ତାଲିମ ଅନୁଷ୍ଠିତ ହେବ। ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କ ପତ୍ର ସଂଖ୍ୟା ୨୧୬୯, ତାରିଖ ୧୮.୯.୨୬ ଅନୁସାରେ, ଜିଲ୍ଲାର ୭ଟି ବ୍ଲକରୁ ୭ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଓ ୭ ଜଣ ଅତିରିକ୍ତ ପ୍ରକଳ୍ପ ଅଧିକାରୀ (ଏପିଓ)ଙ୍କୁ ତାଲିମ ପାଇଁ ଚୟନ କରାଯାଇଛି। ମନୋନୀତ ଏଇଇ ମାନେ ହେଲେ-ବାସୁଦେବପୁରର ଦୀପିକା ଜେନା, ଭଦ୍ରକର ଗୋବିନ୍ଦଚନ୍ଦ୍ର ବେହେରା, ଭଣ୍ଡାରୀପୋଖରୀର ହୃଦାନନ୍ଦ ଜେନା, ବନ୍ତର ଶ୍ରଦ୍ଧାସୁମନ ନାଥ, ଚାନ୍ଦବାଲିର ସ୍ମୃତିରଞ୍ଜନ ତରାଇ, ଧାମନଗରର ରାଜୀବ କୁମାର ସେଠୀ ଓ ତିହିଡ଼ିର ସୁକାନ୍ତ ମିଶ୍ର। ସେହିପରି ଏପିଓ ଭାବେ ବାସୁଦେବପୁରର ସ୍ନିଗ୍ଧାରାଣୀ ବେହେରା, ଭଦ୍ରକର ଅନୀତା ପାତ୍ର, ଭଣ୍ଡାରୀପୋଖରୀର ସୁଧାଂଶୁ ଶେଖର ସାହୁ, ବନ୍ତର ତୃପ୍ତିମୟୀ ବେହେରା, ଚାନ୍ଦବାଲିର ଦୀପକ କୁମାର ଭଞ୍ଜ, ଧାମନଗରର ପୀୟୂଷ ରଞ୍ଜନ ରାଉତ ଓ ତିହିଡ଼ିର କାମିନୀରାଣୀ ଓଝାଙ୍କୁ ମନୋନୀତ କରାଯାଇଛି। ମନୋନୀତ ଅଧିକାରୀମାନେ ୧୯ ତାରିଖ ସକାଳ ୯ଟା ୩୦ ମିନିଟ୍‌ରେ ଏସଆଇଆରଡି ଏବଂ ପିଆର୍ ପରିସରରେ ଉପସ୍ଥିତ ହେବେ। ସିକ୍ୟୁଅର ସଫ୍ଟୱେରର ବ୍ୟବହାର, କାର୍ଯ୍ୟ ପ୍ରକ୍ରିୟା ଓ ଏହାର ପ୍ରୟୋଗ ସମ୍ପର୍କରେ ତାଲିମ ଦିଆଯିବ। କାର୍ଯ୍ୟକ୍ରମର ସୁଚାରୁ ସମ୍ପାଦନ ପାଇଁ ଜିଲ୍ଲାର ସମସ୍ତ ବିଡିଓଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲ୍ଲା ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ସରପଞ୍ଚଙ୍କୁ ସ୍ୱଚ୍ଛତା ସମ୍ମାନ



ବାରିକପୁର, ୧୮।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡ଼ିଶୁଣି ପୀଠରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମକୁ ନେଇ ଚାରି ସୂତ୍ରୀ ରଙ୍ଗୋଲି ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ଏସଏଚଜି ମହିଳାଙ୍କ ଦ୍ୱାରା ଆୟୋଜିତ ରଙ୍ଗୋଲି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ, ବ୍ଲକ କନିଷ୍ଠ ଯନ୍ତ୍ରୀ ଦିବାକର ସାହୁ, ସ୍ୱଚ୍ଛତା ସହାୟକ ଉଦୟନାଥ ବେଜ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସରପଞ୍ଚ ଶ୍ରୀ ନାୟକଙ୍କୁ ସ୍ୱଚ୍ଛତା ପତ୍ରରେ ସମ୍ମାନିତ କରାଯାଇଥିଲା। ଅନୁରୂପ ଭାବେ କାର୍ଯ୍ୟକ୍ରମ ଆଧାରରେ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ପୋଷଣ ମାସ-୨୦୨୬ କାର୍ଯ୍ୟାନ୍ୱୟନ ଓ ସମନ୍ୱୟ ବୈଠକ



ଭଦ୍ରକ, ୧୮।୯ (ସମିସ): ଭଦ୍ରକ ଜିଲ୍ଲାରେ ପୋଷଣ ମାସ-୨୦୨୬ର ପ୍ରଭାବଶାଳୀ ଯୋଜନା, ସମନ୍ୱୟ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ୍ତଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉପଜିଲ୍ଲାପାଳ ଭଦ୍ରକ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ, ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମିଶନ ଶକ୍ତି, ସମସ୍ତ ପ୍ରୋଗ୍ରାମ ଅଫିସର ଯୋଗଦାନ କରିଥିଲେ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତି, ଜନସାଧାରଣଙ୍କ ସହଭାଗିତା, ସଚେତନତା ସୃଷ୍ଟି ଏବଂ ପୋଷଣ ମାସ-୨୦୨୬ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକର୍ତ୍ତାମାନଙ୍କ ସହ ସମନ୍ୱୟ ରକ୍ଷା କରି ଜିଲ୍ଲା, ବ୍ଲକ୍ ଓ ତୃଣମୂଳ ସ୍ତରରେ ପୋଷଣ ମାସର କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଭାବଶାଳୀ ଭାବେ ପହଞ୍ଚାଇବା ପାଇଁ ଅନୁରୋଧ କରାଯାଇଥିଲା। ପୋଷଣ ମାସ-୨୦୨୬କୁ ଅଧିକ ପ୍ରଭାବଶାଳୀ ଓ ସଫଳ କରିବା ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଜିଲ୍ଲାବ୍ୟାପୀ ସଫଳତାର ସହ ପୂରଣ କରିବା ନିମନ୍ତେ ସମସ୍ତ ବିଭାଗର ସକ୍ରିୟ ସହଭାଗିତା ଓ ପାରସ୍ପରିକ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇ ବୈଠକ ସମାପ୍ତ ହୋଇଥିଲା।

### ରାଜ୍ୟସ୍ତରୀୟ କନିଷ୍ଠ ଟେନିକଏଟ୍ ପ୍ରତିଯୋଗିତା

## ଭଦ୍ରକ ଜିଲ୍ଲାର ବାଳକ ଓ ବାଳିକା ଦଳ ଘୋଷିତ




ଭଦ୍ରକ, ୧୮।୯ (ସମିସ): ଆସନ୍ତା ୧୯ ସେପ୍ଟେମ୍ବରରୁ ଯାଜପୁର ଜିଲ୍ଲା ଛତିଆ ମିନି ଷ୍ଟାଡିୟମଠାରେ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ କନିଷ୍ଠ ଟେନିକଏଟ୍ ପ୍ରତିଯୋଗିତା ୨୦ ସେପ୍ଟେମ୍ବର ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଜିଲ୍ଲା ଟେନିକଏଟ୍ ସଂଘ ୬ ଜଣ ଲେଖାଏଁ ବାଳକ ଓ ବାଳିକା ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳକୁ ଭଦ୍ରକ ଜିଲ୍ଲା ଟେନିକଏଟ୍ ଆସୋସିଏସନ୍ ସଭାପତି ସଂପାଦକ, ଉପସଭାପତି, କୋଷାଧ୍ୟକ୍ଷ, କାର୍ଯ୍ୟକାରୀ ସଂପାଦକଙ୍କ ଓ ସମସ୍ତ ସଦସ୍ୟଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସହକାରୀ ଜିଲ୍ଲାପାଳ ସାଗରିକା ସାହୁ, ବାସୁଦେବପୁର ବିଡିଓ ତନ୍ମିତା କର, ଓଏସ୍‌ଡି ସ୍ପୋର୍ଟସ ରମେଶ ମହାନ୍ତି ପ୍ରମୁଖ ଏବଂ ସଂଘର ମୁଖ୍ୟ ଉପଦେଷ୍ଟା ଓ ପ୍ରତିଷ୍ଠାତା ସଦସ୍ୟ ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଦଳ ସହିତ ମଧୁସ୍ମିତା ନାୟକ ଓ ରାଜେଶ ନାୟକ କୋଚ୍ ଭାବେ ଯାତ୍ରା କରୁଛନ୍ତି। ବାଳକ ଖେଳାଳିମାନେ ହେଲେ: ପୀୟୁଷ ପ୍ରିତମ ଦୀକ୍ଷିତ୍, ତନ୍ମୟ ବଳ, ସଞ୍ଜୀବ ମହାନ୍ତି, ଦିବ୍ୟାଂଶୁ ସିଂହ, ଆୟୁଷ କବି ଓ ବିକାଶ ମୁର୍ମୁ। ସେହିପରି ବାଳିକା ଦଳରେ ଖୁସି କୁମାରୀ ସାହାଣୀ, ଅର୍ପିତା ମହାନ୍ତି, ଆକୃତି ବେହେରା, ଅଙ୍କିତା ବେହେରା, ଜସ୍ମିନ୍ ମହାପାତ୍ର ଓ ଉର୍ମୀ ଦାସ ପ୍ରମୁଖ ଦଳ ସହିତ ଯାତ୍ରା କରୁଛନ୍ତି।

## ଖୁବଶୀଘ୍ର ସରିବ ଅଧପନ୍ତରିଆ କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟ

'ସକାଳ' ପ୍ରଭାବ



ବନ୍ତ/ଆଗରପଡ଼ା, ୧୮।୯ (ସମିସ): 'ସକାଳ'ରେ ଏକ ଖବର ପ୍ରକାଶ ପାଇବା ପରେ ବନ୍ତ ବ୍ଲକ ପୁରୁଷଣ୍ଡ ପଞ୍ଚାୟତର ସାମାଜିକ କର୍ମୀ ପ୍ରକାଶ ମହାକୁଡ଼ ଉକ୍ତ ଖବରକୁ 'ଏକ୍ସ'ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ବିଭାଗ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଇ-ମେଲ ମଧ୍ୟ କରିଥିଲେ। ଉକ୍ତ ଅଭିଯୋଗ ଜନଶୁଣାଣି ପୋର୍ଟାଲରେ ପଞ୍ଜିକୃତ ହେବା ପରେ ଅଭିଯୋଗ ଉପରେ ବନ୍ତ ବିଡ଼ିଓ ଜିଲ୍ଲାପାଳଙ୍କଠାରେ ତାଙ୍କ ଉତ୍ତର ରଖିଥିଲେ। ବନ୍ତ ବିଡ଼ିଓ ପୁରୁଷଣ୍ଡ ପଞ୍ଚାୟତରେ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା କଲ୍ୟାଣମଣ୍ଡପ ନିର୍ମାଣ ସଂପୂର୍ଣ୍ଣ ହେବା ନିମନ୍ତେ ୨ୟ ପର୍ଯ୍ୟାୟ ଅର୍ଥ ମଂଜୁର ହୋଇନଥିବା କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୬୨/୧୮.୦୪.୨୬ରେ ଉଲ୍ଲେଖ କରିବା ସହ ଅର୍ଥ ମଂଜୁର ହେବାପରେ ଯଥାଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବାର ସୂଚନା ପ୍ରଦାନ କରିଥିଲେ। ସେତେବେଳେ ବିଡ଼ିଓଙ୍କ ଏହିପରି ଉତ୍ତର ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହିତ କଲ୍ୟାଣମଣ୍ଡପର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ବର୍ତ୍ତମାନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତିଙ୍କ ସୂଚନା ଅନୁଯାୟୀ ଗ୍ରାଣ୍ଟ-ଇନ୍-ଏଡ୍ କିମ୍ବା ଗ୍ଲୋବାଲ୍ ଇମ୍ପାକ୍ଟ ଆସେଟ୍ସ ପ୍ରୋଜେକ୍ଟ ରି-ଫାଇନାନ୍ସ ଯୋଜନା ମାଧ୍ୟମରେ ୧୦ଲକ୍ଷ ଟଙ୍କା ମଂଜୁର ହୋଇଛି। ଉକ୍ତ ଅର୍ଥରେ ଅଧପନ୍ତରିଆ ଅବସ୍ଥାରେ ଥିବା କଲ୍ୟାଣମଣ୍ଡପର ଛାତ ଖୁବଶୀଘ୍ର ପଡ଼ିବ ଏବଂ ପ୍ରକଳ୍ପର ସ୍ଥାୟିତ୍ୱକୁ ଦୃଷ୍ଟିରେ ରଖି ସେଥି ପାଇଁ ପୂର୍ବରୁ ପଡ଼ିଥିବା ସେ ଟିଂକୁ ଖୋଲାଯାଇ ନୂତନ ସେଣ୍ଟ୍ରିଂ କାର୍ଯ୍ୟ ଚାଲିଥିବା ପ୍ରକାଶ କରିଥିଲେ। ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମାଣାଧୀନ କଲ୍ୟାଣମଣ୍ଡପ ସବୁ କାର୍ଯ୍ୟକ୍ଷମ ହୋଇପାରୁନି। ଯୋଜନା ମୁତାବକ, ପ୍ରତି କଲ୍ୟାଣମଣ୍ଡପ ନିର୍ମାଣରେ ପାଖାପାଖି ୩୫ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ସମପରିମାଣର ଅର୍ଥ ମଂଜୁର ହୋଇପାରୁ ନଥିବାରୁ ଉକ୍ତ ମଣ୍ଡପ ଗୁଡ଼ିକ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ପୁରୁଷଣ୍ଡ ପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ଅର୍ଥ କମିସନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଂଜୁର କରାଯାଇଥିଲା। ପରେ ବିଭିନ୍ନ ଯୋଜନାରେ ଆଉ ୧୦ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା ଏହାର ନିର୍ମାଣରେ କିନ୍ତୁ ୮ ବର୍ଷ ପରେ ମଧ୍ୟ ପ୍ରକଳ୍ପଟି ଅଧପନ୍ତରିଆ ଅବସ୍ଥାରେ ରହିଥିଲା। ଏହା ସମ୍ପୂର୍ଣ୍ଣ ହେବାକୁ ଆହୁରି ୧୫ ଲକ୍ଷ ଟଙ୍କାର ଆବଶ୍ୟକ କରୁଥିଲା। ସମସ୍ୟାକୁ ନେଇ ଦୈନିକ 'ସକାଳ'ରେ ବାରମ୍ବାର ଖବର ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ଉକ୍ତ ମଣ୍ଡପର ଛାତ ପଡ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା ଏବଂ ଅର୍ଥାଭାବରୁ ବହୁ ମାସ ଧରି ଅଟକି ରହିଥିଲା କାମ। ବର୍ତ୍ତମାନ ମଂଜୁର ଅର୍ଥରେ ଉକ୍ତ ପ୍ରକଳ୍ପର ଛାତ ପଡ଼ିବା କାର୍ଯ୍ୟ ଆରମ୍ଭ ହେବ ତେଣୁ ପରେ ଉକ୍ତ କଲ୍ୟାଣମଣ୍ଡପର ନିର୍ମାଣ ଶୀଘ୍ର ସମ୍ପୂର୍ଣ୍ଣ କିପରି ହେବ ଏବଂ ଜନକଲ୍ୟାଣରେ ଏହା କିପରି ଲାଗି ପାରିବ ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ସମତେ ସରକାର ଦୃଷ୍ଟି ଦେବାକୁ ପଞ୍ଚାୟତବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ମୟୂରଭଞ୍ଜରେ ଅମୁନି ଭେଜାଲ କାରବାର

# କ୍ଷୀର, ପନିରଠୁ ଖାଇବା ତେଲ ସବୁଠି ଅପମିଶ୍ରଣ ଅଭିଯୋଗ

### ନିଦ୍ରାରେ ଖାଦ୍ୟ ଯୋଗାଣ ଓ ସୁରକ୍ଷା ବିଭାଗ

### ଉପରଠାଉରିଆ ଯାଞ୍ଚକୁ ନେଇ ଜନଅସନ୍ତୋଷ

ବାରିପଦା, ୧୮ ।୯ (ସମିସ)

ମୟୂରଭଞ୍ଜ ଜିଲ୍ଲାରେ ଅପମିଶ୍ରିତ ଖାଦ୍ୟ ସାମଗ୍ରୀର କଳା କାରବାର ଏବେ ଚରମ ସୀମାରେ ପହଞ୍ଚିଛି। ଜିଲ୍ଲା ସଦର ମହକୁମା ବାରିପଦା ସହରଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ଖୋଲାଖୋଲି ଭେଜାଲ ଖାଦ୍ୟ ବିକ୍ରି ହେଉଥିବାବେଳେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ କେବଳ ଉପରଠାଉରିଆ ହୋଇ ରହିଯାଇଛି। ସହରର ପ୍ରାୟ ଅଧିକାଂଶ ହୋଟେଲ ଓ ଜଳଖିଆ ଦୋକାନ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ପରିଚାଳିତ ହେଉଛି। ଲୋକଙ୍କ ନିତ୍ୟବ୍ୟବହାର୍ଯ୍ୟ କ୍ଷୀର, ପନିରଠାରୁ ଆରମ୍ଭ କରି ଖାଇବା ତେଲ, ବେସନ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ଓ ଶିଶୁ ଖାଦ୍ୟ ପର୍ଯ୍ୟନ୍ତ ସବୁଥିରେ ଅପମିଶ୍ରଣ ଚାଲିଛି। ରାତି ପାହିଲେ ହିଁ ସହରର ବିଭିନ୍ନ ସ୍ଥାନରେ କେମିକାଲ ଓ ପାଉଡର ମିଶା କ୍ଷୀର ଖୋଲାରେ ବିକ୍ରି ହେଉଛି।

କେବଳ ବାରିପଦା ନୁହେଁ, ରାଇରଙ୍ଗପୁର, ଉଦଳା, କରଞ୍ଜିଆ ଓ ବେତନଟୀ, ବାଙ୍ଗିରିପୋଷି, ଯଶିପୁର, ଚିତ୍ରଡା, ରାସଗୋବିନ୍ଦପୁର ଭଳି ଅଞ୍ଚଳରେ ମଧ୍ୟ ସମାନ ପରିସ୍ଥିତି। ଏପରିକି ବିଭିନ୍ନ ଧର୍ମାନୁଷ୍ଠାନ ଓ ମନ୍ଦିରରେ ବ୍ୟବହାର ହେଉଥିବା ଘିଅ ଓ ପ୍ରସାଦର ମାନ ମଧ୍ୟ ଯାଞ୍ଚ ହେଉନାହିଁ। ଗତ ଫେବୃଆରୀ ମାସରେ ବିଧାନସଭାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତର ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ କହିଥିଲେ ଯେ, ରାଜ୍ୟରେ ୭୩ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀ କାର୍ଯ୍ୟରତ ଅଛନ୍ତି ଓ ଖାଦ୍ୟ ନିରାପତ୍ତା ଆଇନ-୨୦୦୬ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବାସ୍ତବରେ ମୟୂରଭଞ୍ଜ ଜିଲ୍ଲାରେ ଏହି ନିୟମ ଓ ଯାଞ୍ଚ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରହସନ ପାଲଟିଛି। ମୟୂରଭଞ୍ଜ ଜିଲ୍ଲା ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟ ସୀମାନ୍ତବର୍ତ୍ତୀ ଜିଲ୍ଲା ହେତୁ ପ୍ରାୟତଃ ବିଭିନ୍ନ ସାମଗ୍ରୀ ନାମୀଦାମୀ ବ୍ରାଣ୍ଡ ନାମରେ ଆଦିବାସୀ ବହୁଳ ଜିଲ୍ଲାରେ ବିକ୍ରି ହେଉଛି। ଏସବୁ ସାମଗ୍ରୀ ବ୍ୟବହାର ପରେ ପୂର୍ବ ବର୍ଷ ତୁଳନାରେ ଦିନକୁ ଦିନ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଦୁରାରୋଗରେ ଆକ୍ରାନ୍ତ ହୋଇ ଜୀବନ ଯାଉଛି। ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ଜିଲ୍ଲାପାଳ ଓ ଏସପି ନିଜେ ତଦାରଖ କରି କଠୋର ପଦକ୍ଷେପ ନେଉଥିବାବେଳେ ମୟୂରଭଞ୍ଜରେ ପ୍ରଶାସନ ସବୁ ଜାଣିଶୁଣି ଆଖି ବୁଜି ବସିଛି ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏହି ଘଟଣା ସମ୍ପର୍କରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ କହିଛନ୍ତି, ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ନିୟମିତ ଚଢଉ ଓ ଯାଞ୍ଚ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ନିର୍ଦ୍ଦେଶ ଦିଆଯିବ।

## ଘରୋଇ କଳହରୁ ଆତ୍ମହତ୍ୟା କଲେ ଅଧ୍ୟାପକଙ୍କ ପତ୍ନୀ

କେନ୍ଦୁଝର, ୧୮।୯ (ସମିସ): କେନ୍ଦୁଝର ସଦର ଥାନା ରାଇସୁଆଁରେ ରହୁଥିବା କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ଅଧ୍ୟାପକଙ୍କର ପତ୍ନୀ ଆତ୍ମହତ୍ୟା କରିଥିବା ଜଣାପଡିଛି। ଆତ୍ମହତ୍ୟାର କାରଣ ଘରୋଇ କଳହ ବୋଲି ପ୍ରାଥମିକ ସ୍ତରରେ କୁହାଯାଉଥିବା ବେଳେ ସଦର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସବୁଦିଗକୁ ଅନୁଧ୍ୟାନ ପୂର୍ବକ ତଦନ୍ତ ଚଲାଇଥିବା ସଦର ଥାନାଧିକାରୀ ଅମିତ ଭୂୟାଁ କହିଛନ୍ତି। ସୂଚନା ଅନୁସାରେ, କେନ୍ଦ୍ରାପଡା ରାଜନଗର ଅଞ୍ଚଳରୁ ଆସି ସଦର ବ୍ଲକର ପଦ୍ମପୁରଠାରେ ଥିବା ମହାବିଦ୍ୟାଳୟର ଏଜୁକେସନ ବିଭାଗର ଅଧ୍ୟାପକ ଭାବେ ଦେବେନ୍ଦ୍ରନାଥ ପଡ଼ିଆରୀ କାର୍ଯ୍ୟ କରୁଛନ୍ତି। ସେ ତାଙ୍କର ପତ୍ନୀ ଏବଂ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ପୁଅକୁ ନେଇ ରାଇସୁଆଁଠାରେ ଘର ଭଡା ନେଇ ରହୁଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, ଅନେକ ସମୟରେ ଅଧ୍ୟାପକଙ୍କ ପରିବାରରେ କଳହ ଶୁଣାଯାଉଥିଲା। ଏଭଳି ପରିସ୍ଥିତିରେ ଅଧ୍ୟାପକ ଜଣଙ୍କ କଳହ ସମାଧାନ ପାଇଁ ତାଙ୍କର ଶାଶୂ ଏବଂ ଶଶୁରଙ୍କୁ ଡ଼କାଇଥିଲେ। ଶାଶୂ ଶଶୁର ଦୁଇଜଣ କିଛିଦିନ ହେଲା ରାଇସୁଆଁକୁ ଆସି ଝିଅଜ୍ୱାଇଁଙ୍କୁ ବୁଝାସୁଝା କରିଥିଲେ। ଶୁକ୍ରବାର ସକାଳୁ କେନ୍ଦ୍ରାପଡାକୁ ଯିବାକୁ ରାଇସୁଆଁରୁ କେନ୍ଦୁଝର ସହରକୁ ବାହାରିଥିଲେ। ତାଙ୍କୁ ବସ୍‌ରେ ଛାଡିବାକୁ ଅଧ୍ୟାପକ ଜ୍ୱାଇଁ ସାଙ୍ଗରେ ଯାଇଥିଲେ। ପୁଅ ମଧ୍ୟ ସ୍କୁଲ ବାହାରିଯାଇଥିଲେ। ଏହି ସମୟ ମଧ୍ୟରେ ଅଧ୍ୟାପକଙ୍କ ପତ୍ନୀ ସୁଷମା ରାଉଳ ଭଡ଼ା ଘରେ ନିଜ ଓଢ଼ଣୀକୁ ବେକରେ ଲଗାଇ ଝୁଲି ପଡ଼ିଥିଲେ। କୌଣସି କାରଣରୁ ଏକଥା ଜଣାପଡିବା ପରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ କେନ୍ଦୁଝର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏପଟେ ରାଇସୁଆଁ ଅଞ୍ଚଳରେ ବିଶ୍ୱକର୍ମା ପୂଜାର ମାହୋଲ ଉତ୍ସବ ମୁଖର ଥିବାବେଳେ ଘଟଣାଟି ଚର୍ଚ୍ଚାର ବିଷୟ ହୋଇଛି।

## ବ୍ରାହ୍ମଣଗାଁ ସ୍କୁଲର ଫେରାର ଛାତ୍ର ରାତିରେ ଉଦ୍ଧାର

ବାରିପଦା, ୧୮ ।୯ (ସମିସ): ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବ୍ରାହ୍ମଣଗାଁ ପଞ୍ଚାୟତରେ ଥିବା ଆଶ୍ରମ ବିଦ୍ୟାଳୟର ୬ ଜଣ ଛାତ୍ର ସାଇକଲ ଯୋଗେ ବିଳମ୍ବିତ ରାତିରେ ସ୍କୁଲଠାରୁ ୩୦/୩୫କିମି ଦୂର ରାସ୍ତାରେ ବୁଲୁଥିବାବେଳେ ବାଙ୍ଗିରିପୋଷି ପୁଲିସ ପାଟ୍ରୋଲିଂ ଟିମ୍ ସେମାନଙ୍କୁ ଉଦ୍ଧାର



କରିଛି। ହଷ୍ଟେଲରୁ ଛାତ୍ରମାନେ ପଳାଇଯାଇଥିବା ଖବର ପାଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀବତ୍ସ ବେହେରା ଓ ଚେୟାରମ୍ୟାନ ବ୍ରଜମୋହନ ହାଁସଦା ଥାନାରେ ପହଞ୍ଚିଥିଲେ। ବୁଧବାର କିଛି ଛାତ୍ର ହଷ୍ଟେଲ ନିକଟସ୍ଥ ନାଳରୁ ମାଛ ଧରି ରାତିଅଧରେ ଭାଜି ଖାଇବାକୁ ନେଇ ଗୁରୁବାର ପ୍ରଧାନଶିକ୍ଷକ ଛାତ୍ରଙ୍କୁ ତାଗିଦ୍ କରିଥିଲେ। ଏଥିରେ ରାଗିଯାଇ ଷଷ୍ଠ ଶ୍ରେଣୀର ୫ ଜଣ ଓ ସପ୍ତମ ଶ୍ରେଣୀର ଜଣେ ଛାତ୍ର ଗୁରୁବାର ରାତିରେ ସାଇକଲ ନେଇ ବାଙ୍ଗିରିପୋଷି ଅଭିମୁଖେ ଆସୁଥିବାବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲେ। ପୁଲିସ ଓ ପ୍ରଧାନଶିକ୍ଷକଙ୍କଠାରୁ ସୂଚନା ପାଇ ଆଦିବାସୀ ସମନ୍ୱିତ ବିଭାଗର ଅତିରିକ୍ତ ଜିଲ୍ଲା ମୁଖ୍ୟ ଅଧିକାରୀ ସ୍ମୃତିଲିପି ସାହୁ ଓ ବ୍ଲକ ମଙ୍ଗଳ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସିଂ ଥାନାରେ ପହଞ୍ଚି ଅଭିଭାବକ ଓ ଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ଅଭିଭାବକମାନେ ନିଜ ପିଲାଙ୍କୁ ଘରକୁ ନେବା ସହ ଭବିଷ୍ୟତରେ ଏପରି ଭୁଲ ହେବ ନାହିଁ ବୋଲି ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାକୁ ନେଇ ବାଙ୍ଗିରିପୋଷି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

## ଶିକ୍ଷକଙ୍କ ଘରୁ ଚୋରି, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ବୈଶିଙ୍ଗା, ୧୮ ।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ରଙ୍ଗାମାଟିଆ ଗ୍ରାମରେ ଜଣେ ଶିକ୍ଷକଙ୍କ ଭଡ଼ାଘରୁ ଚୋରି ଘଟଣାରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ଖୁଣ୍ଟା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗିରିଜା ପ୍ରସାଦ ଦାଶ ଗଣେଶ ପୂଜା ଛୁଟିରେ କଟକସ୍ଥ ନିଜ ଘରକୁ ଯାଇଥିଲେ। ଗୁରୁବାର ସକାଳେ ଫେରି ମୁଖ୍ୟଦ୍ୱାରର ତାଲା ଭଙ୍ଗାଥିବା ଦେଖିଥିଲେ। ଘର ଭିତରେ ଲୁଗାପଟା ଓ କାଗଜପତ୍ର ଏଣେତେଣେ ପଡ଼ିଥିବାବେଳେ ମୋବାଇଲ, ସ୍ମାର୍ଟୱାଚ୍ ଓ ନଗଦ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ବିଭିନ୍ନ ପ୍ରମାଣ ସଂଗ୍ରହ କରିଛି। ଏହି ଘଟଣା ସହ ଅଞ୍ଚଳର ଅନ୍ୟଏକ ଘରୁ ଚୋରିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବୈଶିଙ୍ଗା ପୁଲିସର ତଦନ୍ତ ଜାରି ରହିଛି।

## ବିସ୍କୁଟ ଦେଇ ଶିଶୁକନ୍ୟାକୁ ଦୁଷ୍କର୍ମ ଅଭିଯୋଗ

ତୁରୁମୁଙ୍ଗା, ୧୮।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳରେ ଜଣେ ୬ ବର୍ଷର ଶିଶୁକନ୍ୟାକୁ କାକା ଦୁଷ୍କର୍ମ କରିଥିବା ନେଇ ପାଟଣା ଥାନାରେ ଅଭିଯୋଗ ପରେ ପୁଲିସ ଶିଶୁକନ୍ୟାକୁ ଡାକ୍ତର ମାଇନା କରାଇ କକାକୁ ଅଟକ ରଖି ତଦନ୍ତ କରାଯାଉଛି। ଅଭିଯୋଗ ଅନୁସାରେ, ଶିଶୁକନ୍ୟାଟିର ବାପାମାଆ କାମ କରିବାକୁ ବାହାରକୁ ଯାଇଥିବା ସମୟରେ ସେ ବଡ଼ ମା' ପାଖରେ ରହୁଥିଲା। ଗତ ମଙ୍ଗଳବାର ୨୧ ବର୍ଷୀୟ ଅଭିଯୁକ୍ତ କାକା ତାକୁ ଏକୁଟିଆ ପାଇ ବିସ୍କୁଟ ଦେବି କହି ବାଡ଼ି ପଛପଟକୁ ନେଇ ଦୁଷ୍କର୍ମ କରିଥିବା ନେଇ ଶିଶୁକନ୍ୟାର ବାପା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପାଟଣା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରରୁଆଁରେ ସବୁଜ ସଂକଳ୍ପ: ଗୋଟିଏ ଦିନରେ ୧୦୦୦ ଚାରାରୋପଣ



ଚମ୍ପୁଆ, ୧୮।୯(ସମିସ): ସୁରକ୍ଷା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅଧୀନ ଅଙ୍ଗାରପଦା ରେଞ୍ଜ ଅଞ୍ଚଳରେ ପରିବେଶ ସୁରକ୍ଷାକୁ ନେଇ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଛି। ଠଇ-ଏ ଜଇଗ-ଏ ଝମଷରଙ୍କର ଅଧୀନରେ 'ଏକ ପେଡ୍ ମା' କେ ନାମ୍ ୨.୦' ଅଭିଯାନକୁ ଆଧାର କରି ରରୁଆଁ ବ୍ଲକ ପ୍ରଶାସନ ପକ୍ଷରୁ ଏହି ବୃକ୍ଷରୋପଣ କରାଯାଇଥିଲା। ଅଙ୍ଗାରପଦା ଗ୍ରାମପଞ୍ଚାୟତର ବାଉଁଶପୁର ଏବଂ ବୈଦ୍ୟନାଥ ଗ୍ରାମପଞ୍ଚାୟତର ଯାମୁନ୍ତି (ମୁଣ୍ଡାସାହି) ସରକାରୀ ପଡ଼ିଆରେ ୧୦୦୦ରୁ ଅଧିକ ଚାରା ରୋପଣ କରାଯାଇଥିଲା। ଏଥିରେ ଶାଗୁଆନ, ଗମ୍ଭାରୀ, ଇୟୁକାଲିପଟାସ ସମେତ ବିଭିନ୍ନ ଜଙ୍ଗଲଜାତୀୟ ବୃକ୍ଷ ସହ ପିଜୁଳି, ବେଲ ଓ ଅଁଳା ଭଳି ଫଳ ଗଛ ରହିଛି।କାର୍ଯ୍ୟକ୍ରମରେ ରରୁଆଁ ବିଡିଓ ପ୍ରେମାନନ୍ଦ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀରାମ ମାରାଣ୍ଡି, ସହକାରୀ ଯନ୍ତ୍ରୀ ହାମ୍ବିରାମ ମାରାଣ୍ଡି, ଭାରପ୍ରାପ୍ତ ସହାୟକ କାର୍ଯ୍ୟକ୍ରମ ଅଧିକାରୀ ଶକ୍ତି ସିହ୍ନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବାସୁଦେବ ପାତ୍ର ଓ ଦେବବ୍ରତ ମହାନ୍ତଙ୍କ ସମେତ ଅଙ୍ଗାରପଦା ସରପଞ୍ଚ ମେନକା ପିଙ୍ଗୁଆ, ବୈଦ୍ୟନାଥ ସରପଞ୍ଚ ଚିତ୍ତରଞ୍ଜନ ନାୟକ, ପଞ୍ଚାୟତ ସମିତି ସଭ୍ୟସଭ୍ୟା, ୱାର୍ଡ ସଭ୍ୟସଭ୍ୟା, ରରୁଆଁ ବ୍ଲକ ମଣ୍ଡଳ ସଭାପତି ରଞ୍ଜନ ଦଳେଇ, ତରିଣୀସେନ ଦଳେଇଙ୍କ ସମେତ ବହୁ ପ୍ରକୃତିପ୍ରେମୀ ଯୋଗଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ବୃକ୍ଷରୋପଣ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ; ଏହା ପରିବେଶ ସୁରକ୍ଷା ଓ ଆଗାମୀ ପିଢ଼ି ପ୍ରତି ସମସ୍ତଙ୍କ ସାମୂହିକ ଦାୟିତ୍ୱ। ରାଜ୍ୟର ପ୍ରତ୍ୟେକ ନାଗରିକ ଅନ୍ତତଃ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ଆହ୍ୱାନ ଦିଆଯାଇଥିଲା। ସବୁଜ ଓଡ଼ିଶା ଗଠନ ଲକ୍ଷ୍ୟରେ ଆଗାମୀ ଦିନରେ ମଧ୍ୟ ବ୍ୟାପକ ବୃକ୍ଷରୋପଣ ସହ ଚାରାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲା। ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ସରକାରୀ ପ୍ରୟାସ ସହ ଜନସାଧାରଣଙ୍କ ସହଯୋଗ ହିଁ ଏହି ଅଭିଯାନକୁ ସଫଳ କରିପାରିବ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ।

## ଚର୍ଚ୍ଚାରେ ବଦ୍ରୀନାଥ ଧାମ ଢାଞ୍ଚା ତୋରଣ

ଉଦଳା,୧୮।୯(ସମିସ): ବିଶ୍ୱକର୍ମା ପୂଜା ଉଦଳାରେ ଧୂମଧାମରେ ପାଳିତ ହେଉଛି। ଏ ଅବସରରେ ବଦ୍ରୀନାଥ ଧାମ ଢାଞ୍ଚା ତୋରଣ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଉଦଳା ହାଇସ୍କୁଲ ପଡିଆରେ ଉପଖଣ୍ଡ ଠିକାଦାର ସଂଘ ପକ୍ଷରୁ ଆୟୋଜିତ ବିଶ୍ୱକର୍ମା ପୂଜାରେ ଏହି ତୋରଣ ନିର୍ମାଣ କରାଯାଇଛି। ଅଜନ୍ତା ଡେକରେଟର ସଦସ୍ୟ ଦୀର୍ଘ ୨୫ ଦିନ



ପରିଶ୍ରମ ପରେ ଏହି ବଦ୍ରୀନାଥ ଧାମର ତୋରଣ ନିର୍ମାଣ କରିଥିବାବେଳେ ଚଳିତ ବର୍ଷ ଠିକାଦାର ସଂଘର ପୂଜା ୨୧ତମ ବର୍ଷ ହୋଇଥିବାରୁ ଏଭଳି ତୋରଣ ତିଆରି କରାଯାଇଥିବା କହିଛନ୍ତି ସଂଘ ସଦସ୍ୟ। ବଦ୍ରୀନାଥ ଧାମର ଅବିକଳ ନକଲ ତୋରଣ ସହିତ ଧାମ ଭିତରେ ବିଶ୍ୱକର୍ମାଙ୍କ ସହିତ ବିଷ୍ଣୁଙ୍କ ମୂର୍ତ୍ତି ପୂଜା ପାଉଛି। ପୂର୍ବରୁ ଜଗନ୍ନାଥ ଧାମ ତୋରଣ କରି ସଂଘର ନିଆରା ପ୍ରୟାସ ଚର୍ଚ୍ଚାରେ ରହିଥିବାବେଳେ ଚଳିତବର୍ଷ ବଦ୍ରୀନାଥ ଧାମ ତୋରଣ କରାଯାଇଛି। ଆଗାମୀ ଦିନରେ ଅନ୍ୟ ଦୁଇ ଧାମର ତୋରଣ ତିଆରି କରାଯିବ ବୋଲି ସଂଘ କହିଛି। ଏହି ତୋରଣ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ହଜାର ହଜାର ଲୋକଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି।

## ଡେଣ୍ଡୁଆ ଗଣପତି କମିଟିର ଗଣେଶ ପୂଜା ଉତ୍ସବ ଉଦ୍‌ଯାପିତ

ତୁରୁମୁଙ୍ଗା, ୧୮।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡେଣ୍ଡୁଆ ଗ୍ରାମରେ ୨୭ତମ ଗଣେଶ ପୂଜା ଉତ୍ସବ ଗୁରୁବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଡମ୍ବୁରୁଧର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ମହେଶ୍ୱର ପୃଷ୍ଟି, ସମ୍ମାନିତ ଅତିଥି ଭାବରେ ସମାଜସେବୀ ମିତ୍ରଭାନୁ ମହାନ୍ତ ସାମ୍ବାଦିକ ସନ୍ତୋଷ କୁମାର ପତି, ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ମହାନ୍ତ, କପିଳଚନ୍ଦ୍ର ମହାନ୍ତ ଓ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଅଯୋଧ୍ୟା ମାଟିଆ ପ୍ରମୁଖ ଯୋଗ ଦେଇଥିଲେ। ପୂଜା କମିଟିର ସଭାପତି ଭକ୍ତବନ୍ଧୁ ସାହୁ, ସମ୍ପାଦକ ବିଶ୍ୱରଞ୍ଜନ ସାହୁ ଓ ସହସମ୍ପାଦକ ଦିବ୍ୟଲୋଚନ ସାହୁଙ୍କ ନେତୃତ୍ୱରେ ଉତ୍ସବ ପରିଚାଳିତ ହେଉଥିବା ବେଳେ କମିଟିର ସଦସ୍ୟ ରାଜକୁମାର ସାହୁ, ତପନ କୁମାର ସାହୁ, ଜଗତବନ୍ଧୁ ସାହୁ, ସୁଭେନ କୁମାର ସାହୁ, ଅକ୍ଷୟ ନାଏକ, ଶରତଚନ୍ଦ୍ର ସାହୁ, ସୁରଥ ସାହୁ, ଟଙ୍କଧର ମହାରଣା, ମିଥୁନ ସାହୁ, ଲିପୁ ନାଏକ ଓ ବଦ୍ରିଲୋଚନ ମହାନ୍ତ, ଚନ୍ଦନ ସାହୁ, ଅମରଜିତ୍ ସାହୁ, ସମୀର ସାହୁ ସହଯୋଗ କରିଥିଲେ। ଗଣେଶ ପୂଜା ଉତ୍ସବ ଅବସରରେ ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଦିନ ଭଜନ ସନ୍ଧ୍ୟା, ଦ୍ୱିତୀୟ ଦିନ ନୃତ୍ୟ ପ୍ରତିଯୋଗିତା ଓ ଶେଷ ଦିନରେ ଝୁମର ନୃତ୍ୟ ପରିବେଶ କରାଯାଇଥିଲା।



## ବକେୟା ବିଲ୍ ପାଇଁ ବିଦ୍ୟୁତ୍ କାଟ୍

# ଦୁଇଦିନ ହେଲା ପାଣି ଯୋଗାଣ ବାଧାପ୍ରାପ୍ତ

- ନୋଟିସ ନ ଦେଇ ବିଦ୍ୟୁତ୍ କାଟ୍ ଅଭିଯୋଗ
- ପାଣି ପାଇଁ ୪ ଗାଁର ଲୋକେ ହୀନସ୍ତା

ରାଇରଙ୍ଗପୁର,୧୮।୯(ସମିସ): ବକେୟା ବିଦ୍ୟୁତ ବିଲ୍ ପରିଶୋଧ ନ ହେବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ବିନା ପୂର୍ବ ସୂଚନାରେ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାର ପ୍ରଭାବରେ ପାଣି ଯୋଗାଣରେ ଲାଗିଥିବା ମଟର ଚାଲୁ ହୋଇପାରୁ ନ ଥିବାରୁ ବିଜାତଲା ବ୍ଲକ ଅନ୍ତର୍ଗତ ମାଣିକପୁର ପଞ୍ଚାୟତର ମାଣିକପୁର, ଆମଦାବେଡା, ନୂଆଗାଁ ଓ ନୂଆଗାଁର ହୁଟୁବ ସାହିରେ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଗତ ଦୁଇଦିନ ହେଲା ଏହି ଅଞ୍ଚଳରେ ପାଣି ଯୋଗାଣ ବନ୍ଦ ରହିଛି। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିବାରୁ ପାଣି ଯୋଗାଣ ବ୍ୟବସ୍ଥାର ମଟର ଚାଲୁ ହୋଇପାରୁନଥିବା ଜଣାପଡ଼ିଛି। ଫଳରେ ୪ଟି ଅଞ୍ଚଳର ଲୋକେ ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ କୌଣସି ପୂର୍ବ ସୂଚନା କିମ୍ବା ନୋଟିସ ନ ଦେଇ ବିଦ୍ୟୁତ ସଂଯୋଗ କିପରି ବିଚ୍ଛିନ୍ନ କରାଗଲା ବୋଲି ପ୍ରଶ୍ନ ଉଠାଇଛନ୍ତି ମାଣିକପୁର ସରପଞ୍ଚ ସୁଶାନ୍ତ କୁମାର ମୁଣ୍ଡା ଓ ପିଇଓ ରାଧେଶ୍ୟାମ ପାତ୍ର। ପାଣି ଏକ ମୌଳିକ ଆବଶ୍ୟକତା ହୋଇଥିବାରୁ ତୁରନ୍ତ ବିଦ୍ୟୁତ ସଂଯୋଗ ପୁନଃସ୍ଥାପନ କରାଯାଇ ପାଣି ଯୋଗାଣ ସ୍ୱାଭାବିକ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଅନ୍ଧାରରେ ତଳସାହି ପ୍ରାଥମିକ ବିଦ୍ୟାଳୟ

### ଅନ୍ତେବାସୀ ହନ୍ତସନ୍ତ

ତେଲକୋଇ, ୧୮।୯(ସମିସ): ତେଲକୋଇ ବ୍ଲକ ସଦର ମହକୁମାସ୍ଥିତ ତଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ୨୪ ଘଣ୍ଟା ହେବ ଅନ୍ଧାର ମଧ୍ୟରେ ରହିଛି। ବିଦ୍ୟାଳୟ ପରିସରରେ ୪୦ ଶଯ୍ୟା ବିଶିଷ୍ଟ ସ୍ୱଳ୍ପ ଦେୟ ଛାତ୍ରାବାସ ରହିଥିବା ବେଳେ ବିଦ୍ୟୁତ୍ ନଥିବାରୁ ଅନ୍ତେବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ବିତରଣ ସଂସ୍ଥା ଟାଟା ପାୱାର ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଏହା ସରକାରୀ ବିଦ୍ୟାଳୟ ହୋଇଥିବା ବେଳେ ଏଠାରେ ୪୦ ଜଣ କୋମଳମତି ଅନ୍ତେବାସୀ ରହି ପାଠ ପଢୁଛନ୍ତି। ମାତ୍ର ବିଦ୍ୟୁତ୍ ବିତରଣ ସଂସ୍ଥାର ମନମୁଖୀ କାର୍ଯ୍ୟକୁ ନେଇ ଅଭିଭାବକ ଓ ବିଦ୍ୟାଳୟ କମିଟି ସଦସ୍ୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କହିବା ମୁତାବକ, ବିଦ୍ୟାଳୟର ଅନୁଦାନ ଅର୍ଥରୁ ବିଦ୍ୟୁତ୍ ବିଲ ବାବଦକୁ ଚେକ୍ ପ୍ରଦାନ କରାଯାଇଥାଏ; ମାତ୍ର କିଛି ମାସ ହେବ ବିଦ୍ୟୁତ୍ ବିଭାଗ କର୍ମଚାରୀ ଚେକ୍ ଗ୍ରହଣ କରୁନାହାନ୍ତି। ଫଳରେ ବିଦ୍ୟୁତ୍ ବିଲ ବକେୟା ରହୁଥିବା କହିଛନ୍ତି। ଅନ୍ୟପଟେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଏଭଳି ସମସ୍ୟା ଦେଖା ଦେଇଥିବା ଅଭିଭାବକ ମହଲରୁ ଅଭିଯୋଗ ହୋଇଛି। ତେବେ କେବଳ ତଳସାହି ପ୍ରାଥମିକ ବିଦ୍ୟାଳୟ ନୁହେଁ; ବ୍ଲକର ଆହୁରି ଅନେକ ସରକାରୀ ବିଦ୍ୟାଳୟ, ସ୍ୱଳ୍ପ ବେୟ ଛାତ୍ରାବାସ ସମେତ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ସୂଚନା ରହିଛି।

## ସ୍କ୍ରାପ୍ ସାମଗ୍ରୀ ଚାଲାଣ ଘଟଣାରେ ୨ ଗିରଫ

ବିଶୋଇ,୧୮ ।୯ (ସମିସ): ୪୯ ନଂ ଜାତୀୟ ରାଜପଥ ଦେଇ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଘରୋଇ ବସ୍ ଯୋଗେ ମୂଲ୍ୟବାନ ସ୍କ୍ରାପ୍ ସାମଗ୍ରୀର ଚୋରା ଚାଲାଣ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ବିଶୋଇ ଥାନାରେ ଆଜି ରାଇରଙ୍ଗପୁର ଏସ୍‌ଡିପିଓ ବିରେନ୍ଦ୍ର ସେନାପତି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ଗିରଫ ଦୁଇ ଅଭିଯୁକ୍ତ ହେଲେ କେନ୍ଦୁଝର ଟାଉନ ଥାନା ଅଧୀନ ବାବୁଲାଲ କୋଲନି ସାହିର ଗୋବିନ୍ଦ ସାହା ଓ ଧୋବାଡ଼ିହା ଗ୍ରାମର ସୋହନ ପଣ୍ଡିତ। ଅଗଷ୍ଟ ୮ରେ କେନ୍ଦୁଝରରୁ କୋଲକାତା ଯାଉଥିବା ବୃନ୍ଦାବନବିହାରୀ ନାମକ ଏକ ଘରୋଇ ବସ୍ ଯୋଗେ ଚୋରା ସ୍କ୍ରାପ୍ ସାମଗ୍ରୀ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ନେଇ ବିଶୋଇ ପୁଲିସକୁ ଖବର ମିଳିଥିଲା। ବିଶୋଇ ପୁଲିସର ପାଟ୍ରୋଲିଂ ସମୟରେ ବିଶୋଇ ବାଇପାସ ରୋଡ୍‌ସ୍ଥ ଫୁଟ ଓଭରବ୍ରିଜ ନିକଟରେ ଉକ୍ତ ବସ୍‌କୁ ବିଶୋଇ ପୁଲିସ ଅଟକ ରଖିଥିଲା। ବସ୍ ଡିକିରୁ ଦୁଇଟି ପ୍ଲାଷ୍ଟିକ ଅଖାରେ ଭର୍ତ୍ତି ହୋଇଥିବା ଭାରୀଯାନର ଯନ୍ତ୍ରାଂଶ, ତମ୍ବା ନଟ୍ ଓ ବୋଲ୍ଟ, ତମ୍ବା ତାର ପୁଲିସ ଜବତ କରିବା ସହିତ ସମ୍ପୃକ୍ତ ବସ୍ ଡ୍ରାଇଭର, ହେଲ୍ପରକୁ ଅଟକ ରଖି ଥାନାରେ ପଚାରାଉଚରା କରି ସବିଶେଷ ତଥ୍ୟ ପାଇବା ପରେ ପୁଲିସ ବିଶୋଇ ଥାନାରେ ମାମଲା ରୁଜୁ କରିଥିଲା। ବିଶୋଇ ଥାନା ଅଧିକାରିଣୀ ସୁବର୍ଣ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ପୁଲିସ ଟିମ କେନ୍ଦୁଝର ଅଞ୍ଚଳରେ ଚଢ଼ଉ କରି ଦୁଇଜଣ ଦୁର୍ବୃତ୍ତଙ୍କୁ ଗିରଫ କରିବା ସହିତ ପ୍ରାୟ ୫ ଲକ୍ଷ ଟଙ୍କାର ଚୋରା ସ୍କ୍ରାପ୍ ସାମଗ୍ରୀ ଜବତ କରି ଥାନାକୁ ଆଣିଥିଲେ।

## ଏଲ୍ ଏଣ୍ଡ ଟି କମ୍ପାନୀର ଶ୍ରମିକମାରଣ ନୀତିକୁ ବିରୋଧ | ରାଇରଙ୍ଗପୁର ଶ୍ରମ ଅଧିକାରୀଙ୍କୁ ଶ୍ରମିକଙ୍କ ଦାବିପତ୍ର

ରାଇରଙ୍ଗପୁର,୧୮।୯(ସମିସ): ରାଇରଙ୍ଗପୁର ଅଞ୍ଚଳରେ ଚାଲିଥିବା ଆରଡବ୍ଲ୍ୟୁଏସଏସ ଜଳଯୋଗାଣ ପ୍ରକଳ୍ପରେ କାର୍ଯ୍ୟରତ ତଥା ଏଲ ଏଣ୍ଡ ଟି କମ୍ପାନୀ ଦ୍ୱାରା ପରିଚାଳିତ ପ୍ରକଳ୍ପର କିଛି ଶ୍ରମିକ ଶ୍ରମ ସମ୍ପର୍କିତ ସମସ୍ୟା ନେଇ ରାଇରଙ୍ଗପୁର ଶ୍ରମ ଅଧିକାରୀଙ୍କ ନିକଟରେ ମିଳିତ ଅଭିଯୋଗପତ୍ର ଦାଖଲ କରିଛନ୍ତି। ୧୨ ଘଣ୍ଟିଆ କାମ, ସାପ୍ତାହିକ ଛୁଟି ନ ମିଳିବା, ବିଳମ୍ବିତ ଦରମା ଓ ଓଭରଟାଇମ୍ ବକେୟା ନେଇ ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ର ଅନୁଯାୟୀ,



ପ୍ରକଳ୍ପରେ କାର୍ଯ୍ୟରତ ପମ୍ପ ଅପରେଟର ଓ ଇକ୍ୟୁପମେଣ୍ଟ ଅପରେଟର ପ୍ରତିଦିନ ପ୍ରାୟ ୧୨ ଘଣ୍ଟା କାମ କରୁଛନ୍ତି। ସାପ୍ତାହିକ ଛୁଟି, ଓଭରଟାଇମ୍ ଦେୟ ଓ ଅନ୍ୟାନ୍ୟ ବକେୟା ରାଶି ପ୍ରଦାନରେ ସମସ୍ୟା ଥିବା ଶ୍ରମିକମାନେ ଦର୍ଶାଇଛନ୍ତି। କିଛି ଶ୍ରମିକଙ୍କ ଅଭିଯୋଗ ଅନୁସାରେ, ଦରମା ପ୍ରଦାନରେ ୨ରୁ ୩ ମାସ ପର୍ଯ୍ୟନ୍ତ ବିଳମ୍ବ ହେଉଛି। ବାରମ୍ବାର ଦାବି ସତ୍ତ୍ୱେ ଦରମା ସ୍ଲିପ୍ କିମ୍ବା ପେମେଣ୍ଟ ଷ୍ଟେଟମେଣ୍ଟ ମିଳୁ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଶ୍ରମିକମାନେ ଯୋଗ୍ୟତା ଓ ଲାଇସେନ୍ସ ଅନୁଯାୟୀ ପ୍ରଯୁଜ୍ୟ ଦରମା ହାର ଓ ଦେୟର ହିସାବ ସ୍ପଷ୍ଟ କରିବାକୁ ଦାବି କରିଛନ୍ତି। ଏଥିସହ ଉପସ୍ଥାନ ରେକର୍ଡ, ଡ୍ୟୁଟି ରେଜିଷ୍ଟର, ଦରମା ଓ ବ୍ୟାଙ୍କ ପେମେଣ୍ଟ ରେକର୍ଡ ଯାଞ୍ଚ କରି ଆଇନ ଅନୁଯାୟୀ ଉପଯୁକ୍ତ ଦରମା, ଓଭରଟାଇମ୍, ସାପ୍ତାହିକ ଛୁଟି ଓ ବକେୟା ରାଶି ପ୍ରଦାନ ପାଇଁ ଶ୍ରମ ବିଭାଗକୁ ଅନୁରୋଧ କରିଛନ୍ତି।

## ଏମ୍‌ସିଏଏମ୍‌ର ନିଶାମୁକ୍ତ ଯୁବ, ବିକଶିତ ଭାରତ ଅଭିଯାନ

# 'ନିଶାମୁକ୍ତ ଯୁବସମାଜ ଗଠନ ହିଁ ବିକଶିତ ଭାରତର ଆଧାର'

ବାରିପଦା, ୧୮ ।୯ (ସମିସ)




ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ) ପରିସରରେ ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ନିଶାମୁକ୍ତ ଯୁବ, ବିକଶିତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିକୁ ନିଶାଦ୍ରବ୍ୟ ଓ ମଦ୍ୟପାନରୁ ଦୂରେଇ ରଖି ଏକ ସୁସ୍ଥ, ସଚେତନ ଓ ଦାୟିତ୍ୱବାନ ଯୁବସମାଜ ଗଠନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କଲେଜର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କୁ ନିଶାଦ୍ରବ୍ୟ ଓ ମଦ୍ୟପାନଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ଜଣେ ଯୁବକର ନିଶାମୁକ୍ତ ଜୀବନ କେବଳ ତା'ର ନିଜ ଭବିଷ୍ୟତକୁ ସୁରକ୍ଷିତ କରେ ନାହିଁ, ଏହା ଏକ ସୁସ୍ଥ ପରିବାର ଓ ସୁସ୍ଥ ସମାଜ ଗଠନର ମୂଳଦୁଆ ପକାଏ। ମୟୂରଭଞ୍ଜ ଜିଲ୍ଲା ପାଇଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆୟୋଜନ ନିମନ୍ତେ ଜାତୀୟ ସେବା ଯୋଜନା ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ସେ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଏମସିଏଏମକୁ ଚୟନ କରାଯାଇଥିବାରୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ଯୋଗଦେଇ ଯୁବପିଢ଼ିକୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରାଇଥିଲେ। ମୁଖ୍ୟବକ୍ତା ଭାବେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଡ ପୁଷ୍ପରାଣୀ ପାତ୍ର ଯୋଗଦେଇ ନିଶା ବିରୋଧରେ ଯୁବ ସମାଜକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

ଜିଲ୍ଲା ଜାତୀୟ ସେବା ଯୋଜନା ନୋଡାଲ ଅଧିକାରୀ ପ୍ରଫେସର ଡ ଅନାମ ଚରଣ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ମେରା ଯୁବ ଭାରତର ଜାତୀୟ ସ୍ତରର ସ୍ୱେଚ୍ଛାସେବୀ ସାଇରଞ୍ଜନ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବକଙ୍କୁ ନିଶାରୁ ଦୂରେଇ ରହି ସକାରାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ ପ୍ରମୋଦ କୁମାର କର ଓ ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଯମୁନା ମାଝୀ ନିଶାମୁକ୍ତ ଯୁବ ସମାଜର ଆବଶ୍ୟକତା ଓ ଏଥିରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ମୂଲ୍ୟବାନ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଏମସିଏଏମର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ନିଶା ବିରୋଧୀ ବାର୍ତ୍ତା ନେଇ ଏକ ସଚେତନତାମୂଳକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଏହା ଉପସ୍ଥିତ ଯୁବ ସମାଜ ମଧ୍ୟରେ ନିଶାର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା। ଏହି ଜିଲ୍ଲାସ୍ତରୀୟ ଅଭିଯାନରେ ଏମସିଏଏମ ସମେତ ଶ୍ରୀମା ମହିଳା ମହାବିଦ୍ୟାଳୟ, ବାରିପଦା ଡିଗ୍ରୀ କଲେଜ, ସରକାରୀ ମହିଳା ମହାବିଦ୍ୟାଳୟ ଓ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଜିଲ୍ଲା ଜାତୀୟ ସେବା ଯୋଜନା ନୋଡାଲ ଅଧିକାରୀ ପ୍ରଫେସର ଡ ଅନାମ ଚରଣ ରାଉଳ ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଭାରତ ଗଠନ ପାଇଁ ଶପଥ ପାଠ କରାଇଥିଲେ। ସଭାକୁ ଏମସିଏଏମର ପ୍ରଶାସନିକ ଅଧିକାରୀ ପ୍ରଫେସର ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିବାବେଳେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ଆର୍ଥିକ ସମସ୍ୟା ଦେଖାଦେଇ ପାରେ ।

**ବୃଷ:** ବିଦ୍ୟାର୍ଥୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି । ପାରିବାରିକ ସୁଖ ଶାନ୍ତି ମିଳିପାରେ । ଯାନବାହନ କ୍ରୟ କରିପାରନ୍ତି । ଚକ୍ଷୁ ସମସ୍ୟା ହୋଇପାରେ । ପିଲାଙ୍କ ଭବିଷ୍ୟତ ପାଇଁ ପିତାମାତା ଚିନ୍ତା କରିବେ ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ । ଲୋକ ସମ୍ପର୍କ ବୃଦ୍ଧି ପାଇପାରେ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଆଶା କରିଥିବା ଦିଗରୁ ଧନ ମିଳିପାରେ ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଅତିଥି ସତ୍କାର କରିପାରନ୍ତି । ବ୍ୟବସାୟରୁ ଲାଭ ମିଳିପାରେ । ମାନ ସମ୍ମାନ ବୃଦ୍ଧି ପାଇବ ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ଲୋକ ସମ୍ପର୍କ ବୃଦ୍ଧି ପାଇବ । ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିପାରେ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି । ସଙ୍ଗୀତ ପ୍ରତି ରୁଚି ବଢ଼ିବ ।

**ଧନୁ:** ନୂତନ ବ୍ୟବସାୟ ଆରମ୍ଭ କରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ଯାତାୟାତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି । ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ । ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି । ଧୈର୍ଯ୍ୟ ରଖି ଚାଲନ୍ତୁ । ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ସୁଖମୟ ହେବ । ମହିଳାଙ୍କ ଦାୟିତ୍ୱ ବଢ଼ିପାରେ । କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ । ପୁରୁଣା ନିବେଶରୁ ଲାଭ ମିଳିପାରେ ।

## ଆଜିର ଇତିହାସ

- ୧୮ ୯୧- ୱିଲିୟମ୍ ସେକ୍ସପିଅର୍‌ଙ୍କ ବିଶ୍ୱ ପ୍ରସିଦ୍ଧ ନାଟକ 'ମର୍ଚାଣ୍ଟ ଅଫ୍ ଭେନିସ୍'କୁ ପ୍ରଥମ ଥର ମାଞ୍ଚେଷ୍ଟର୍‌ରେ ମଞ୍ଚସ୍ଥ କରାଗଲା ।
- ୧୮ ୯୩- ସ୍ୱାମୀ ବିବେକାନନ୍ଦ ଆମେରିକାର ସିକାଗୋରେ ଆୟୋଜିତ ବିଶ୍ୱ ଧର୍ମ ମହାସଭାରେ ଐତିହାସିକ ଭାଷଣ ଦେଇଥିଲେ ।
- ୧୯ ୬୨- ଭାରତର ଉତ୍ତର ସୀମାରେ ଚୀନ୍‌ର ଆକ୍ରମଣ ।
- ୨୦୦୦- କର୍ଣ୍ଣମ୍ ମାଲେଶ୍ୱରୀ ଅଲିମ୍ପିକ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଲେ ।

## ମେସିନ୍ ଲଗାଉଛି ମେହେନ୍ଦି



ଭାରତୀୟ ମହିଳାମାନେ ବିବାହ ତଥା ପର୍ବପର୍ବାଣିଗୁଡ଼ିକରେ ହାତରେ ମେହେନ୍ଦି ଲଗାଇଥାନ୍ତି । ସେହିଭଳି କିଛି ବିଶେଷ ଅବସରରେ ମେହେନ୍ଦି ଆର୍ଟିଷ୍ଟଙ୍କୁ ଡକାଯାଏ । ଯିଏ ଘଣ୍ଟା ଘଣ୍ଟା ଧରି ହାତରେ ସୁନ୍ଦର ସୁନ୍ଦର ମେହେନ୍ଦି ଡିଜାଇନ୍ କରନ୍ତି । ଗ୍ରାହକଙ୍କ ରୁଚିକୁ ଦେଖି ସେମାନେ ଡିଜାଇନ୍‌ଗୁଡ଼ିକ କରନ୍ତି । ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓ ଏବେ ଏହାକୁ ଜୀବିକା କରି ଚଳୁଥିବା ଲୋକଙ୍କ ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିକଟରେ ଆର୍‌ପିଜି ଗ୍ରୁପର ଅଧ୍ୟକ୍ଷ ହର୍ଷ ଗୋଏଙ୍କା ନିଜ 'ଏକ୍ସ' ଆକାଉଣ୍ଟରେ ଏକ ଭିଡିଓ ସେୟାର କରିଛନ୍ତି । ଯେଉଁଥିରେ "ଧାରା ମେହେନ୍ଦି ଡିଜାଇନ୍" ନାମକ ଏକ ସୂକ୍ଷ୍ମ ଯନ୍ତ୍ର ଅତି କମ୍ ସମୟରେ ଅତି ସୁନ୍ଦର ଭାବେ ମେହେନ୍ଦି ଲଗାଉଥିବାର ଦେଖିବାକୁ ମିଳୁଛି । ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବା ସହ "ଆଉ କିଛି ଚାକିରି ଚାଲିଗଲା" ବୋଲି ହର୍ଷ ଲେଖିବା ପରେ ପ୍ରଯୁକ୍ତିବିଦ୍ୟା ଓ ଜୀବିକାକୁ ନେଇ ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଛି । ମେସିନ୍‌ରେ ଥିବା ସ୍ମାର୍ଟ ସ୍କ୍ରିନ୍‌ରୁ ଜଣେ ନିଜ ପସନ୍ଦର ମେହେନ୍ଦି ଡିଜାଇନ୍ ବାଛିପାରିବେ । ସାଧାରଣତଃ ହାତରେ ମେହେନ୍ଦି ଲଗାଇବାକୁ ୪୫ ମିନିଟ୍‌ରୁ ଅଧିକ ସମୟ ଲାଗୁଥିବା ବେଳେ ଏହି ମେସିନ୍ ମାତ୍ର କିଛି ସେକେଣ୍ଡ ମଧ୍ୟରେ ସମ୍ପୂର୍ଣ୍ଣ ଡିଜାଇନ୍ ତିଆରି କରିଦିଏ । ଏଥିରେ ଥିବା ରୋବୋଟିକ୍ ନୋଜଲ୍ ଏବଂ ସେନ୍ସର ସାହାଯ୍ୟରେ ବିନା କୌଣସି ଭୁଲରେ ଅତି ସୂକ୍ଷ୍ମ ଡିଜାଇନ୍ ପ୍ରସ୍ତୁତ କରାଯାଏ । ଏହି ଅଟୋମେଟିକ୍ ମେହେନ୍ଦି ମେସିନ୍ ସୋସିଆଲ ମିଡିଆରେ ଚହଳ ପକାଇଥିଲେ ମଧ୍ୟ, ବ୍ୟବସାୟିକ ଭାବେ ଏହା ସବୁ ସ୍ଥାନରେ ସହଜରେ ଉପଲବ୍ଧ ହୋଇନାହିଁ । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି । କିଛି ଲୋକ ଏହାର ସ୍ପିଡ୍ ଏବଂ ଟେକ୍ନୋଲୋଜିକୁ ପସନ୍ଦ କରୁଥିବାବେଳେ ଅନେକେ ଏହାଦ୍ୱାରା ପାରମ୍ପରିକ ମେହେନ୍ଦି କଳାକାରମାନଙ୍କ ରୋଜଗାର ଉପରେ ପ୍ରଭାବ ପଡ଼ିପାରେ ବୋଲି ଚିନ୍ତା ପ୍ରକଟ କରିଛନ୍ତି ।

## ଡିସେମ୍ବରରେ 'ରାକା'ର ପ୍ରଥମ ଝଲକ୍



ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଅଲ୍ଲୁ ଅର୍ଜୁନ ଏବଂ ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏଟ୍‌ଲିଙ୍କ ଆଗାମୀ ଫିଲ୍ମ 'ରାକା'କୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି । ନିକଟରେ ଫିଲ୍ମର ଅଫିସିଆଲ୍ 'ଏକ୍ସ' ହ୍ୟାଣ୍ଡେଲରେ ଏକ ବଡ଼ ଘୋଷଣା କରାଯାଇଛି, ଯାହା ସୋସିଆଲ ମିଡିଆରେ ହଲଚଲ ସୃଷ୍ଟି କରିଛି । ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'ରାକା'ର ଏକ ଆକର୍ଷଣୀୟ ଟାଇଟଲ୍ ପୋଷ୍ଟର୍ ସେୟାର୍ କରାଯାଇଛି । ଏହା ସହିତ ଟ୍ୱିଟ୍ କରାଯାଇଛି ଯେ, ପ୍ରାୟ ତିନି ମାସ ପରେ ଅର୍ଥାତ୍ ଚଳିତ ବର୍ଷ ଡିସେମ୍ବର ୨୦୨୬ରେ 'ରାକା' ଦୁନିଆର ପ୍ରଥମ ଝଲକ୍ ଦେଖିବାକୁ ମିଳିବ । ତେବେ ଏହି ପ୍ରଥମ ଝଲକ୍‌ରେ ଚଳଚ୍ଚିତ୍ରର ଟିଜର୍ ଆସିବ ନା କୌଣସି ସ୍ପେଶାଲ ପ୍ରୋମୋ ଭିଡିଓ, ସେନେଇ ନିର୍ମାତା କିଛି ସ୍ପଷ୍ଟ କରିନାହାନ୍ତି । ଏହି ସାଇନ୍ସ-ଫିକସନ୍ ଆକ୍ସନ ଥ୍ରିଲରରେ ଅଲ୍ଲୁଙ୍କ ସହ ପ୍ରଥମ ଥର ପାଇଁ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ ନଜର ଆସିବେ । ରଶ୍ମିକା ମନ୍ଦାନା ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ । ସନ୍ ପିକ୍ଚର୍ସ ଦ୍ୱାରା ନିର୍ମିତ ଏହି ଫିଲ୍ମରେ ହଲିଉଡ୍ ସ୍ତରର ଭିଏଫ୍‌ଏକ୍ସ ବ୍ୟବହାର କରାଯାଉଛି । ଚର୍ଚ୍ଚା ହେଉଛି ଯେ, ଏହି ଫିଲ୍ମରେ ଅଲ୍ଲୁ ତିନୋଟି ଭିନ୍ନ ଚରିତ୍ରରେ ଅଭିନୟ କରୁଛନ୍ତି, ଯାହା ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ଚ୍ୟାଲେଞ୍ଜିଂ ରୋଲ୍ ହେବ । ତେବେ ଅଫିସିଆଲ୍ ଟାଇଟଲ୍ ପୋଷ୍ଟର୍ ଆସିବା ପରେ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି । ଦର୍ଶକେ ଏବେ ଡିସେମ୍ବର ମାସକୁ ଅପେକ୍ଷା କରି ରହିଛନ୍ତି, ଯେତେବେଳେ ବଡ଼ ପରଦାରେ ଏଟ୍‌ଲି ଏବଂ ଅଲ୍ଲୁଙ୍କ ଏହି କାଳ୍ପନିକ ଦୁନିଆର ପ୍ରଥମ ଔପଚାରିକ ଝଲକ୍ ସାମ୍ନାକୁ ଆସିବ । 'ରାକା'କୁ ଭାରତୀୟ ସିନେମା ଇତିହାସର ସବୁଠାରୁ ବଡ଼ ପ୍ରୋଜେକ୍ଟ ବୋଲି କୁହାଯାଉଛି । ପ୍ରାୟ ୭୦୦ ରୁ ୮୦୦ କୋଟି ଟଙ୍କାର ବଜେଟ୍‌ରେ ଏହା ନିର୍ମାଣ ହେଉଛି ।

## ହଜିଥିବା ପାର୍ସଲର ବଜାର





ଲୋକେ ଜିନିଷକୁ ଦେଖି, ପରଖି ଏବଂ ତାର ଦାମ୍ ଜାଣି କିଣିଥାନ୍ତି । ସୋସିଆଲ ମିଡିଆରେ ଏବେ ନେଦରଲ୍ୟାଣ୍ଡର ରାଜଧାନୀ ଆମଷ୍ଟରଡ୍ୟାମ୍‌ରୁ ଏମିତି ଏକ ଅନନ୍ୟ ଷ୍ଟ୍ରିଟ୍ ମାର୍କେଟ୍‌ର ଭିଡିଓ ଭାଇରାଲ ହେଉଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ଏହି ପ୍ରସିଦ୍ଧ ବଜାରର ଏକ ଷ୍ଟଲରେ ଛୋଟ-ବଡ଼ ଆକାରର ଅସଂଖ୍ୟ ସିପିଂ ପ୍ୟାକେଟ୍ ବିକ୍ରି ପାଇଁ ରଖାଯାଇଛି । ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପାର୍ସଲଗୁଡ଼ିକୁ ଆଜି ପର୍ଯ୍ୟନ୍ତ କେହି ଖୋଲିନାହାନ୍ତି । ପ୍ରକୃତରେ, ଏଗୁଡ଼ିକ ହେଉଛି ସେହିସବୁ ପାର୍ସଲ ଯାହା ଅନଲାଇନ୍ ସପିଂ ସମୟରେ କୋରିୟର କମ୍ପାନିଗୁଡ଼ିକରୁ ହଜିଯାଇଥିଲା କିମ୍ବା ଏୟାରପୋର୍ଟରେ ଯାତ୍ରୀମାନଙ୍କ ଦ୍ୱାରା ଭୁଲରେ ଛାଡ଼ିହୋଇ ଯାଇଥିଲା । ଅନେକ ସମୟ ଧରି କେହି ଏହାର ଦାବିଦାର ନ ହେବାରୁ, ଏବେ ଏହି ବନ୍ଦ ଅବସ୍ଥାରେ ଥିବା ପ୍ୟାକେଟ୍‌ଗୁଡ଼ିକୁ ବଜାରରେ ବିକ୍ରି କରାଯାଉଛି । ଏହି ଦୋକାନର ନିୟମ ଅତି ରୋମାଞ୍ଚକର । ପାର୍ସଲ ଭିତରେ କ'ଣ ଅଛି ତାହା ନା ଦୋକାନୀ ଜାଣିଛନ୍ତି ନା ଗ୍ରାହକ । ଏଗୁଡ଼ିକୁ ଜିନିଷର ଦାମ୍ ଅନୁସାରେ ନୁହେଁ, ବରଂ ଓଜନ ହିସାବରେ ବିକ୍ରି କରାଯାଉଛି । ଲୋକେ କେବଳ ଅନୁମାନ ଲଗାଇ ପ୍ୟାକେଟ୍ ବାଛନ୍ତି । ଭାଗ୍ୟ ଯଦି ସାଥ୍ ଦିଏ, ତେବେ ଅଳ୍ପ କିଛି ଟଙ୍କାରେ ମହଙ୍ଗା ଆଇଫୋନ୍, ବ୍ରାଣ୍ଡେଡ୍ କ୍ୟାମେରା, ଦାମୀ ପୋଷାକ କିମ୍ବା ମୂଲ୍ୟବାନ ଅଳଙ୍କାର ମିଳିଯାଇପାରେ । ଆଉ ଯଦି ଭାଗ୍ୟ ଖରାପ ଥାଏ, ତେବେ ହୁଏତ ପ୍ୟାକେଟ୍ ଭିତରୁ କେବଳ କିଛି ସାଧାରଣ ବହି କିମ୍ବା ପ୍ଲାଷ୍ଟିକ୍ ଖେଳନା ମଧ୍ୟ ବାହାରିପାରେ । ଅନିଶ୍ଚିତତା ହିଁ ଏହି ବଜାରର ସବୁଠାରୁ ବଡ଼ ଆକର୍ଷଣ । ବର୍ତ୍ତମାନ ଏହି ଷ୍ଟଲ୍‌ରେ ସ୍ଥାନୀୟ ଲୋକଙ୍କ ସହ ବିଦେଶୀ ପର୍ଯ୍ୟଟକଙ୍କର ମଧ୍ୟ ପ୍ରବଳ ଭିଡ଼ ଜମୁଛି । ମନସ୍ତତ୍ତ୍ୱବିତ୍‌ଙ୍କ ଅନୁସାରେ, ମଣିଷର 'କୌତୂହଳ ଏବଂ ସସପେନ୍ସ' ପ୍ରତି ଥିବା ଦୁର୍ବଳତା ହିଁ ଏହି ବଜାରର ସଫଳତାର ରହସ୍ୟ । ଲୋକେ ଏଠାକୁ କେବଳ ଜିନିଷ କିଣିବାକୁ ଆସୁନାହାନ୍ତି, ବରଂ ସେହି ବନ୍ଦ ପ୍ୟାକେଟ୍ ଖୋଲିବା ସମୟରେ ମିଳୁଥିବା ରୋମାଞ୍ଚ ଏବଂ ଆନନ୍ଦକୁ ଅନୁଭବ କରିବାକୁ ଏଠାକୁ ଧାଇଁ ଆସୁଛନ୍ତି । ଅନେକ ଲୋକ ଏହି ପ୍ୟାକେଟ୍‌ଗୁଡ଼ିକୁ କିଣି ସୋସିଆଲ ମିଡିଆରେ 'ଅନ୍‌ବକ୍ସିଂ' ଭିଡିଓ ମଧ୍ୟ ପ୍ରସ୍ତୁତ କରୁଛନ୍ତି, ଯାହାକୁ ଲକ୍ଷ ଲକ୍ଷ ଭିୟୁଜ୍ ମିଳୁଛି । ଏହି ଭିଡିଓ ସାମ୍ନାକୁ ଆସିବା ପରେ ଡିଜିଟାଲ ଦୁନିଆରେ ଏକ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି । କେହି କେହି ଏହାକୁ ଏକ ବେଷ୍ଟ ବିଜନେସ୍ ଆଇଡିଆ କହୁଥିବା ବେଳେ, କିଛିଜଣ ଏହାକୁ ଭାଗ୍ୟର ଖେଳ ବୋଲି କହୁଛନ୍ତି ।

## ପ୍ରହେଳିକା

- ବର୍ଷା କାଳ ଗଲେ ସେ ଋତୁ ଆସେ
  ନୀଳ ଆକାଶରେ ଚନ୍ଦ୍ରମା ହସେ
  କଇଁ ପଦୁଅଁରେ ହସେ ପୋଖରୀ
  ଜହ୍ନି ଫୁଲ ଫୁଟେ ହେଲେ ଗୋଧୂଳି
  ନଈ ପାଣି ଦିଶେ ଭାରି ନିର୍ମଳ
  ଦୁର୍ବାଦଳ ଶିରେ ହସେ ଶିଶିର
  ଅତି ମନୋହର ସିଏ
  କାଶତଣ୍ଡୀ ଖେଳେ ପବନରେ ଦୋଳି
  କୁହତ ତା'ନାମ କିଏ ।

  ଉତ୍ତର-ଶରତ ଋତୁ

- ପ୍ରତି ରବିବାର ଭାଦ୍ରବ ମାସେ
  ଭକ୍ତିଭାବ ନେଇ ସେ ପୂଜା ଆସେ
  ଝିଅ ବୋହୂମାନେ ହୁଅନ୍ତି ମେଳି
  ମାତାଙ୍କୁ ପୂଜନ୍ତି ପ୍ରଣତି ଢାଳି
  ଶଙ୍ଖ ହୁଳହୁଳି ଭାସି ଆସଇ
  ଧୂପ ନୈବେଦ୍ୟର ବାସ ଛୁଟଇ
  ସନ୍ଧ୍ୟାରେ ସେ ପୂଜା ହୁଏ
  ତଅପୋଇ ଗୀତ ଗାଆନ୍ତି କୁଆଁରୀ
  କୁହତ ତା'ନାମ କିଏ ।

  ଉତ୍ତର-ଖୁଦୁରୁକୁଣୀ ପୂଜା

- ଭାଦ୍ରବେ ଆସଇ ପବିତ୍ର ବ୍ରତ
  ପାଳନ୍ତି ଗୃହିଣୀ ହୋଇ ଏକତ୍ର
  ପାଞ୍ଚ ବୁଧବାରେ ହୁଏ ସେ ପୂଜା
  ହଳଦୀ କଉଡ଼ି ହୁଅଇ ଖୋଜା
  ନିଜ ସନ୍ତାନଙ୍କ ମଙ୍ଗଳ ପାଇଁ
  ମାଆ ରଖେ ବ୍ରତ ଉପାସ ରହି
  ଓଷା ମଧ୍ୟେ ସାର ସିଏ
  ଶିଳ ଶିଳପୁଆ ପ୍ରତିମା ସାଜନ୍ତି
  କୁହତ ତା' ନାମ କିଏ ।

  ଉତ୍ତର-ବୁଧିବାମନ ଓଷା

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ମାଆ ପାଖେ ଛାଡ଼ିଦିଅ



**ପ୍ରଶାନ୍ତ କୁମାର ସାହୁ**

ଆମେ ପାଞ୍ଚ ଛୁଆ ଓରାଙ୍ଗଉଟାନ
ଖୋଜୁଛୁ ମାଆର ମୁହଁ,
ତୁମର ଜଙ୍ଗଲ ଭଲ ଲାଗୁନାହିଁ
ମାଆ ପାଖେ ଛାଡ଼ିଦିଅ ।
କେଉଁ ସୁଖ ପାଇଁ ଆଣିଲ ଆମଙ୍କୁ
କୁହ ଆହେ ଜୀବଶ୍ରେଷ୍ଠ,
ତୁମ ପିଲାଛୁଆ ରହିଲେ ଦୂରରେ
ଲାଗେନାହିଁ କିବା କଷ୍ଟ?
ମାଆ କୋଳ ପରା ପିଲାଙ୍କ ଝୁଲଣା
ହସଖୁସିର ସଂସାର,
ମାଆ ବିନା ନାହିଁ ଶିଶୁର ଅସ୍ତିତ୍ୱ
ଆଶା ନାହିଁ ବଞ୍ଚିବାର ।
ମାଆ ଥିଲେ ପାଶେ ସ୍ୱର୍ଗ ସୁଖ ମିଳେ
ମାଆ ବିନା ନର୍କ ଭୋଗ,
ଚାଲିଲେ, ବୁଲିଲେ ମାଆ ମନେପଡ଼େ
ଆଣିଲ ଏକି ଦୁର୍ଯୋଗ ।
ଯେତେ ଫଳମୂଳ ଖାଇଲେ କି ହେବ
ମାଆ ପାଶେ ଆମ ମନ,
ମାଆ ବିନା ନାହିଁ ସୁଖ ଏ ଜୀବନେ
ଝୁରୁଅଛୁ ରାତିଦିନ । ■

ଇନ୍ଦିପୁର, ଚନ୍ଦନମଣ୍ଡପ ସାହି,
ଢେଙ୍କାନାଳ

## ଶରତ ଆସିଛି



**ରମାକାନ୍ତ ଦାସ**

ଶରତ ଆସିଛି ମରତ ହସୁଛି
କାଶତଣ୍ଡି ଫୁଟି ହସେ
ଧରଣୀ ରାଣୀର ଅପରୂପ ବେଶ
କେଡ଼େ ମନୋହର ଦିଶେ ॥
ଶରତର ଶୁଭ୍ର ନିର୍ମଳ ଆକାଶେ
ଶୋଭା ବଢ଼ାଏ ବାଦଲ
ମନ କିଣିନିଏ ଇନ୍ଦ୍ରଧନୁ ସାତରଙ୍ଗ
ଫୁଟି ହସେ ନାନା ଜାତି ଫୁଲ ॥
ଶରତ ସକାଳେ ଝରା କାକରରେ
ଶେଫାଳୀ ଫୁଟି ହସଇ
ତା' ମଧୁ ସୁଗନ୍ଧ ମନ ମୋହିନିଏ
ତନୁ ମନ ଯାଏ ଛୁଇଁ ॥
ଶରତ ଇନ୍ଦୁର କିରଣେ ଝଲସେ
ସରୋବରେ ଶୁଭ୍ର କଇଁ
ନିର୍ମଳ ଶୋଭାରେ ଧରା ହସୁଥାଏ
ପୁଲକେ ପ୍ରାଣ ଜଗାଇ ॥
ଶରତ ପରଶେ ହସିଉଠେ ଧରା
ଚତୁର୍ଦ୍ଦିଗେ ଶୋଭା ଛୁଟେ
ଭାରି ମନୋଲୋଭା ଶରତର ଶୋଭା
ପ୍ରକୃତି ରାଣୀ ଓଠେ ହସ ଫୁଟେ ॥■

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ । ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ ।

# ସୁମନ

## ଉପଯୁକ୍ତ ମନ୍ତ୍ରୀ





**ଶିବ ପ୍ରସାଦ ରାଉତ**

କାମଣପୁରର ରାଜା ଚମ୍ପତି ରାୟଙ୍କର ରାଜସଭା ଚାଲିଥାଏ । ବିଭିନ୍ନ ସମସ୍ୟାର ସମାଧାନ ହେଉଥାଏ । ଏହି ସମୟରେ ଜଣେ କୋଡ଼ିଏ, ପଚିଶି ବର୍ଷର ଯୁବକ ଆସି ରାଜାଙ୍କ ଆଗରେ ଗୁହାରୀ ଜଣେଇଲେ । ରାଜା ପଚାରିଲେ, "ତୁମର କ'ଣ ଗୁହାରୀ ? ଯୁବକ ଜଣକ ହାତଯୋଡି କହିଲେ,"ମଣିମା ! ମୁଁ ମୃତ୍ୟୁଦଣ୍ଡ ଚାହୁଁଛି ।" ଯୁବକ ଜଣଙ୍କର ଏତାଦୃଶ କଥା ଶୁଣି ଚମକି ପଡ଼ିଲେ ରାଜା, ମନ୍ତ୍ରୀ ଓ ସଭାସଦ୍ ବର୍ଗ । କେହି ବାଧ୍ୟ କରିନାହାନ୍ତି, ନିଜକୁ ନିଜେ କହୁଛି ମରିବାକୁ ଚାହେଁ । ରାଜା ଯୁବକଙ୍କୁ ତୀକ୍ଷ୍ଣ ନଜରରେ ଚାହିଁ କହିଲେ," କଥା କ'ଣ, ସମସ୍ତେ ତ ଦୋଷ କରି ମଧ୍ୟ ଦୋଷ ଢାଙ୍କି ନିରପରାଧି କହନ୍ତି, ବଞ୍ଚିବାକୁ ଚାହାଁନ୍ତି । ତୁମର ଦୋଷ କ'ଣ ? ମରିବାକୁ କାହିଁକି ଚାହୁଁଛ? ତହୁଁ ଯୁବକ ଜଣକ ଉତ୍ତର ଦେଲେ, "ମଣିମା ! ମୁଁ ଏକ ଗରିବ ଯୁବକ, ଶିକ୍ଷା ଗ୍ରହଣ କରିଛି, ଚାକିରି ନାହିଁ କି କିଛି କାମ କରିବାକୁ ମିଳୁନି । ଚାଷ କରିବାକୁ କ୍ଷେତ ନାହିଁ କି ବେଉସା କରିବାକୁ ଧନ ନାହିଁ । ପିତା ମୋର ବୃଦ୍ଧ, ଶଯ୍ୟାଶାୟୀ । ମୁଁ ଦେଖିଛି ବାପା ଯେତେ ପରିଶ୍ରମ କଲେ ମଧ୍ୟ ଆମେ ଚଳିପାରୁନଥିଲୁ, ଦୁଃଖରେ ଥାଉ । ଏବେ ବାପାଙ୍କ ପରେ ମୋର ପରିବାର ଚଳେଇବାରେ ମଧ୍ୟ ସେଇ ଅବସ୍ଥା ହେବ । ଫଳରେ ଚଳି ନ ପାରିଲେ, ବିଭିନ୍ନ ଚିନ୍ତା ମନକୁ ଆସିବ । ଅନ୍ୟାୟ ଉପାୟରେ ଅର୍ଥ ରୋଜଗାର କରିବି । ଚୋରି କରିବି, ମଣିଷ ବି ମାରିପାରେ । ଏମିତି କରି ତ ଦିନେ ଧରାପଡିବି, ଆଉ ସେତେବେଳେ ଆପଣଙ୍କ ଦ୍ୱାରା ଶୂଳୀ ପାଇବି । ଏଣୁ ପରେ ମରିବା ଅପେକ୍ଷା ଏବେ ମରିଯିବା ଶ୍ରେୟସ୍କର ହେବ ।" ଯୁବକର ଯୁକ୍ତି ରାଜାଙ୍କ ମନକୁ ପାଉଥାଏ । ରାଜା ନୀରବରେ ଶୁଣୁଥାନ୍ତି । ଯୁବକ ଜଣକ ପୁଣି କହିଲେ," ହେ ମଣିମା, ମୋର ପ୍ରାର୍ଥନା ଯଦି ଶୁଣାଯିବ, ମୁଁ ଆପଣଙ୍କ ଠାରେ ମୃତ୍ୟୁ ପରେ ବି କୃତଜ୍ଞ ରହିବି । ମୋ ସହିତ ମୋ ବାପା,ମା',ସାନଭାଇ,ଭଉଣୀ ଓ ଜେଜେମା'ଙ୍କୁ ମଧ୍ୟ ମୃତ୍ୟୁଦଣ୍ଡ ଦେଇଦେଲେ, ଛାମୁଙ୍କର ମଙ୍ଗଳ ହେବ । ଆମେ ସବୁ ଭୋକ ଦାଉରୁ ଓ ଦୁଃଖରୁ ରକ୍ଷା ପାଇଯିବୁ ।" ଯୁବକଙ୍କର ଦୁଃଖଭରା କଥାରେ ରାଜା ପ୍ରଭାବିତ ହେଲେ, ତାଙ୍କୁ ଦୁଃଖରୁ ମୁକ୍ତି ଦେବାପାଇଁ, ତାଙ୍କ ଅନୁରୋଧରେ ସେ ସପରିବାରଙ୍କୁ ମୃତ୍ୟୁଦଣ୍ଡର ଅନୁମତି ଦେବାକୁ ଯାଉଥିଲେ ।

ହଠାତ୍ ମନ୍ତ୍ରୀ ରାଜାଙ୍କ ମନକଥା ଜାଣିପାରି କଥା ମଝିରେ ପଶି କହିଲେ,"ହେ ଯୁବକ, ତୁମ ଗୁହାରୀ ମଣିମା ଶୁଣିଛନ୍ତି, ତୁମକୁ ରାଜ ଦରବାରରେ ରତ୍ନଭଣ୍ଡାର ଦାୟିତ୍ୱରେ ଚାକିରି ଦିଆଗଲା । ଯାଅ, ପରିବାରକୁ ଏକଥା ଜଣେଇଦିଅ । ଆସନ୍ତାକାଲି ଆସି ଚାକିରି ସେବାରେ ଯୋଗଦିଅ ।" ଯୁବକ ଜଣକ କୃତ୍ୟ କୃତ୍ୟ ହୋଇ ରାଜାଙ୍କର ମଙ୍ଗଳକାମନା କରି ଖୁସିରେ ଲେଉଟିଗଲେ । ମନ୍ତ୍ରୀଙ୍କର ଏପରି କଥା ଶୁଣି ମହାରାଜ ଚମ୍ପତିରାୟ ଗମ୍ଭୀର ଗଳାରେ ପଚାରିଲେ,"ମହାମନ୍ତ୍ରୀ, ତୁମର ମୁଣ୍ଡ ଖରାପ ହୋଇଯାଇଛି । ତୁମେ ସେ ଯୁବକକୁ ଭଣ୍ଡାରଘର ରକ୍ଷଣ ଦାୟିତ୍ୱ ଦେଇଦେଲ; ଶୁଣିଲନି, ସେ କହୁଥିଲା ଚୋରୀ କରିବି, ମଣିଷ ମାରିବି, ତଥାପି.. ।" ମନ୍ତ୍ରୀ କହିଲେ," ହେ ମଣିମା, ମୁଁ ତା'ର ସବୁ କଥା ଶୁଣିଲି । ଆଉ ଅଧିକାର ଅଛି ବୋଲି କହୁଛି । ଆପଣ କ'ଣ କରିବାକୁ ଯାଉଥିଲେ? ତାକୁ ମୃତ୍ୟୁଦଣ୍ଡ ପୁଣି ସପରିବାରେ ! କାଲି ପୁଣି ଏକ ଦୁଇ ପରିବାର ମୃତ୍ୟୁଦଣ୍ଡ ଚାହିଁବେ, ତା'ପରଦିନ ଆହୁରି, ଆହୁରି ଏମିତି ଅନେକ । କ'ଣ ଆପଣ ସମସ୍ତଙ୍କୁ ମୃତ୍ୟୁଦଣ୍ଡ ଦେଇପାରିବେ! ଆଉ ଆପଣ ରାଜା ହେବେ କାହା ପାଇଁ? କିଏ ରହିବ ଏ ରାଜ୍ୟରେ? ମୋର କହିବାର ତାତ୍ପର୍ଯ୍ୟ ଆପଣ କେବେ ବୁଝିବାକୁ ଚେଷ୍ଟା କରିନାହାନ୍ତି ଯେ, ଲୋକମାନେ କିପରି ଅଛନ୍ତି । ଯୁବକଙ୍କ କଥାରୁ ଶୁଣିଲେ ସେ ତାଙ୍କ ପିତା,ମାତାଙ୍କ ସହ ଅଭାବ ଦୁଃଖରେ ଅଛି, ତେଣୁ ଦୁଃଖର କରାଳ ଛାୟାରୁ ମୁକ୍ତି ପାଇଁ ମୃତ୍ୟୁଦଣ୍ଡ ଚାହୁଁଛି । ଏହି ଚିତ୍ର କ'ଣ ଗୋଟିଏ? " ମନ୍ତ୍ରୀ ଭାବବିହ୍ୱଳ ହୋଇ ପୁଣି କହିଲେ,"ଏହି ଦୁଃଖର ଚିତ୍ର ଆଜି ରାଜ୍ୟର କୋଣ ଅନୁକୋଣରେ । ଆପଣ କେବେ ରାଜ୍ୟ ଭ୍ରମଣ କଲେ ନାହିଁ । ପ୍ରଜାର ଦୁଃଖକୁ ବୁଝିଲେ ନାହିଁ । ଆମେ ପ୍ରଜାହିତ ପାଇଁ କିଛି କାମ କଲେ ନାହିଁ । ଏଣୁ ରାଜ୍ୟସାରା ସମସ୍ତେ ଦୁଃଖୀ । ଏହା ଫଳରେ ପ୍ରଜା ଅସନ୍ତୋଷ ଓ ପ୍ରଜାମେଳି ବା ପ୍ରଜାବିଦ୍ରୋହ ହେବ । ନା' ଆପଣ ରହିବେ ନା' ଆମେ ପାରିଷଦ କେହି ରହିବୁ । ପ୍ରଜାମେଳି ନିକଟରେ କି ସୈନ୍ୟବାହାନୀ ! ଆପଣ ଇତିହାସ ଦେଖନ୍ତୁ ଆଜ୍ଞା କେତେ ରାଜ୍ୟ ଛାରଖାର ହୋଇଯାଇଛି ପ୍ରଜାଙ୍କ ଆକ୍ରୋଶରେ ।" ଏଥର ମହାମନ୍ତ୍ରୀ କ୍ଷାନ୍ତ ହୋଇ କହିଲେ," ମଣିମା, ନ କହିବା କଥା ହୁଏତ କହିଦେଲି । ଯେହେତୁ ମୁଁ ମନ୍ତ୍ରୀ, କେତେଦିନ ଆଉ ନୀରବ ରହିଥାନ୍ତି । ଏଣୁ ଆପଣଙ୍କ ମୁହଁ ଉପରେ କଥା କହିଦେଲି । ଆପଣ ସେ ଯୁବକ ପ୍ରତି ବଦଳରେ ମୋତେ ମୃତ୍ୟୁଦଣ୍ଡ ଦେଇପାରିବେ ।" ସିଂହାସନରୁ ଉଠିପଡ଼ି ରାଜା ମନ୍ତ୍ରୀଙ୍କ ନିକଟକୁ ଓହ୍ଲେଇ ଆସି,କୁଣ୍ଢାଇ ପକାଇଲେ ଓ କହିଲେ,"ମୋ ଚେତନା ଜାଗ୍ରତ କରିଦେଲ ମନ୍ତ୍ରୀ, ଭୁଲ୍ ହୋଇ ଗଲାଣି । ଏବେ କେବଳ ପ୍ରଜାଙ୍କ ସୁଖ । ଆହା ! ତୁମେ ଉପଯୁକ୍ତ ମନ୍ତ୍ରୀ । ■

ବଛଦା, ଭଦ୍ରକ

## ଛୋଟ ହାତର ଛବି





**ଅଦ୍‌ଭିକା ହୋତା**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ବଲାଙ୍ଗିର





**ବିଦ୍ୟା ବିଶେଶ୍ୱରୀ ପଣ୍ଡା**
ତୃତୀୟ ଶ୍ରେଣୀ
ବ୍ରିଜୱେଲ ଗ୍ଲୋବାଲ ସ୍କୁଲ
ସରକଣା, ଖୋର୍ଦ୍ଧା





**ଦିବ୍ୟାଂଶ ଶତପଥୀ**
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପାରାଦ୍ୱୀପ





**ଶାଶ୍ୱତ ସାଇ ଶୁଭମ**
ଚତୁର୍ଥ ଶ୍ରେଣୀ
ଡି. ଏ. ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

# ଉଦ୍‌ଘାଟନୀ ଉତ୍ସବରେ ମନୁ-ତାଜିନ୍ଦର ଧ୍ୱଜାବାହକ

ନାଗୋୟା, ୧୮ ।୯ (ଏଜେନ୍ସି): ବିଂଶତମ ଏସୀୟ କ୍ରୀଡ଼ାର ଆନୁଷ୍ଠାନିକ ଉଦ୍‌ଘାଟନ ଉତ୍ସବ ଶନିବାର ଅନୁଷ୍ଠିତ ହେବ । ଜାପାନର ଆଇଚି-ନାଗୋୟାସ୍ଥିତ ପାଲୋମା ମିଜୁହୋ ଷ୍ଟାଡିୟମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଏସୀୟ ମହାଦେଶର ଏହି ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବ । ଭାରତୀୟ ସମୟ ଅପରାହ୍ନ ୨:୩୦ରୁ ୪:୩୦ ମଧ୍ୟରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଛି । ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଡବଲ୍ ପଦକ ବିଜୟିନୀ ମନୁ ଭାକର ଏବଂ ଦୁଇଥର ସଟ୍ ପୁଟ୍ ଚାମ୍ପିଅନ୍ ତାଜିନ୍ଦରପାଲ ସିଂହ ତୁର ଉଦଘାଟନୀ ସମାରୋହରେ ଭାରତୀୟ କ୍ରୀଡ଼ାବିତ୍ ଦଳର ପତାକାବାହକ ରହିବେ । ଭାରତର ଚେଫ୍-ଡି-ମିଶନ ସହଦେବ ଯାଦବ ଓ ଆଥ୍‌ଲେଟିକ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି ।

''ହାରମୋନିକ୍ ହାର୍ଟ ବିଟ୍' ଉଦଘାଟନୀ ଉତ୍ସବର ଥିମ ଅର୍ଥାତ୍ ବିଷୟବସ୍ତୁ ରହିଛି । ଏହାର ଅର୍ଥ ହେଉଛି ସମଗ୍ର ଏସିଆର ଖେଳାଳିମାନଙ୍କୁ ହୃଦୟରୁ ହୃଦୟ ସହିତ ସଂଯୋଗ କରିବାର ପ୍ରତୀକ । ନାଗୋୟାରେ ଜନ୍ମିତ ଚଳଚ୍ଚିତ୍ର ନିର୍ମାତା ୟୁକିହିକୋ ସୁତସୁମି ଉଦଘାଟନୀ ଉତ୍ସବକୁ ନିର୍ଦ୍ଦେଶନା ଦେଉଛନ୍ତି । ଆକ୍ସନ ଫିଲ୍ମ 'ଟୋଣ୍ଟିଥ୍ ସେଞ୍ଚୁରୀ ବଏଜ' ପାଇଁ ସେ ବେଶ୍ ଜଣାଶୁଣା । ସୁତସୁମି ଏଥିପୂର୍ବରୁ ୨୦୨୩ ଏସୀୟ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ମଧ୍ୟ ନିର୍ଦ୍ଦେଶନା ଦେଇଥିଲେ ।

**ଆରମ୍ଭ: ଅପରାହ୍ଣ ୨ଟା ୩୦**

**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ/ସୋନି ଲିଭ୍ ଆପ୍**

## ମହିଳା କ୍ରିକେଟ: ଭାରତ-ବାଂଲା ସେମିଫାଇନାଲ

ନିଶିନ୍,୧୮ ।୯ (ଏଜେନ୍ସି): ଏଠାରେ ଆଜି ଅନୁଷ୍ଠିତ ଏସିଆନ ଗେମ୍ସ ମହିଳା କ୍ରିକେଟ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ମୁକାବିଲାରେ ଶ୍ରୀଲଙ୍କା ୮୬ ରନ୍‌ରେ ମାଲେସିଆକୁ ଓ ଭାରତ ୮ ୱିକେଟରେ ଆୟୋଜକ ଜାପାନକୁ ପରାସ୍ତ କରିଛି । ଏହି ମ୍ୟାଚ୍ ପରେ ସେମିଫାଇନାଲରେ କିଏ କାହା ସହ ଖେଳିବେ ତାହା ସ୍ଥିର ହୋଇଯାଇଛି । ସେମିଫାଇନାଲ ମୁକାବିଲା ସେପ୍ଟେମ୍ବର ୨୦ ବା ରବିବାର ଖେଳାଯିବ । ଏହା ମଧ୍ୟରୁ ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ପ୍ରଥମ ଏବଂ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ । ସେପ୍ଟେମ୍ବର ୨୨ ବା ମଙ୍ଗଳବାର ଉଭୟ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ଲାଗି ମୁକାବିଲା ହେବ । ଆଜି ଏଠାରେ ଖେଳାଯାଇଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ଚାମରି ଆଟାପାଟୁଙ୍କ ୬୩ ଓ କାଭିଶା ଦିଲହାରୀଙ୍କ ଅପରାଜିତ ୪୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୪ ୱିକେଟରେ ୧୬୦ ରନ୍ କରିଥିଲା । ଜବାବରେ ମାଲେସିଆ ସମାନ ସଂଖ୍ୟକ ବା ୨୦ ଓଭର ଖେଳି ୭ ୱିକେଟରେ ୭୪ ରନ୍ କରିବାକୁ ସମର୍ଥ ହୋଇଥିଲା । ଚାମରି, ମିତାଲି ଆୟୋଧା ଓ କାଭିଶା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ସେହିପରି ଚତୁର୍ଥ ତଥା ଶେଷ କ୍ୱାର୍ଟର ଫାଇନାଲକୁ ଭାରତ ୫ ଓଭରରେ ୨ ୱିକେଟ ହରାଇ ଜିତିନେଇଥିଲା । ଏହି ମ୍ୟାଚ୍‌ରେ ଶ୍ରୀଚରଣି ୧୦ରନ୍‌ରେ ୪ଟି, ଶେଫାଳି ବର୍ମା ୧୩ରନ୍‌ରେ ୨ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଜାପାନ ୧୯.୫ ଓଭରରେ ୫୭ ରନ୍ କରିଥିଲା । ଜବାବରେ ଭାରତ ୫ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟୀ ହୋଇଥିଲା । ଦଳ ପକ୍ଷରୁ ଶେଫାଳି ବର୍ମା ୧୫ବଲ୍‌ରେ ୪୦ ଓ ରିଚା ଘୋଷଣ ୬ ବଲ୍‌ରେ ୧୨ ରନ୍ କରି ଅପରାଜିତ ରହିଥିଲେ ।

| ସେମିଫାଇନାଲ କାର୍ଯ୍ୟସୂଚୀ | | | |
|---|---|---|---|
| | ୨୨।୯ | ଶ୍ରୀଲଙ୍କା-ପାକିସ୍ତାନ | ସକାଳ ୯ଟା |
| | ୨୨।୯ | ଭାରତ-ବାଂଲାଦେଶ | ଅପରାହ୍ଣ ୨ଟା |

# ଅବ୍ୟବସ୍ଥା ମଧ୍ୟରେ ୨୦ତମ ଏସିଆନ୍ ଗେମ୍ସ



ଟୋକିଓ,୧୮ ।୯ (ଏଜେନ୍ସି)

ଅବ୍ୟବସ୍ଥା ଓ ଅରାଜକତା ମଧ୍ୟରେ ଜାପାନର ଆଇଚି-ନାଗୋୟାଠାରୁ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଏସିଆ ମହାଦେଶର ସର୍ବବୃହତ୍ ତଥା ବିଶ୍ୱର ଦ୍ୱିତୀୟ ବୃହତ୍ତମ କ୍ରୀଡ଼ା ପ୍ରତିଯୋଗିତା । ଆସନ୍ତାକାଲି ଏହି ପ୍ରତିଯୋଗିତାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । କିନ୍ତୁ ଏହା ସଫଳତାର ସହ ଆୟୋଜିତ ହେବ କି ନ ହେବ ତାହା କାର୍ଯ୍ୟକ୍ରମ ପରେ ଜଣାପଡ଼ିବ । କିନ୍ତୁ ଯେଉଁଭଳି ଭାବରେ ଆୟୋଜକ ମାନେ ଖେଳାଳିଙ୍କ ଯିବାଆସିବା, ରହିବା ଓ ଅଭ୍ୟାସର ବ୍ୟବସ୍ଥା କରୁଛନ୍ତି ସେଥିରୁ ଏହି ପ୍ରତିଯୋଗିତା ଅରାଜକତା ମଧ୍ୟରେ ଶେଷ ହେବାର ଆଶଙ୍କା ପ୍ରକାଶ ପାଇଛି । ଅନେକ ଦେଶ ସେମାନଙ୍କ ଅସନ୍ତୋଷ ଖୋଲା ଖୋଲି ପ୍ରକାଶ କରିସାରିଛନ୍ତି । ବିଶେଷ କରି ମହିଳା ପ୍ରତିଯୋଗୀଙ୍କ ସହ ପୁରୁଷଙ୍କୁ ରଖିବା ଲାଗି ସ୍ଥାନ ଦେବା, ସମସ୍ତଙ୍କୁ ରୁମ୍ ଯୋଗାଇ ନ ପାରିବା ଆଦି ଘଟଣା ସମାଲୋଚନାକୁ ନିମନ୍ତ୍ରଣ କରିଛି । ଏହା ମଧ୍ୟରେ ମଧ୍ୟ ପ୍ରତିଯୋଗୀ ସଫଳତାର ଶୀର୍ଷକୁ ଛୁଇଁବେ ବୋଲି ସ୍ୱପ୍ନ ଦେଖୁଛନ୍ତି ।

### ୪୬ ଦେଶ, ୧୧୦୦୦ ପ୍ରତିଯୋଗୀ

ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ଅର୍ଥାତ ୧୬ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଏସିଆ ମହାଦେଶର ମୋଟ ୪୬ଟି ଦେଶ ଅଂଶଗ୍ରହଣ କରୁଛନ୍ତି । ପଦକ ତାଲିକାରେ ପ୍ରଥମ ଦୁଇଟି ସ୍ଥାନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଚୀନ୍ ଓ ଜାପାନ ବ୍ୟତୀତ ଦକ୍ଷିଣ କୋରିଆ, ଭାରତ, ଯୁଦ୍ଧରେ ଲିପ୍ତ ଇରାନ, କାଜାଖସ୍ଥାନ, ଉତ୍ତରକୋରିଆ ଆଦି ଦେଶ ଏହି ପ୍ରତିଯୋଗିତା ଲାଗି ସର୍ବବୃହତ୍ ପ୍ରତିଯୋଗୀ ଦଳକୁ ପଠାଇଛନ୍ତି । ଏଥିରେ ମୋଟ ୧୧,୦୦୦ କ୍ରୀଡ଼ାବିତ ଓ କର୍ମକର୍ତ୍ତା ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି । ଏଥର ଆୟୋଜକ ଦେଶ ଜାପାନ ସର୍ବାଧିକ ୯୧୯ ଜଣ ପ୍ରତିଯୋଗୀଙ୍କୁ ଭାଗନେବାକୁ ଯୋଗ୍ୟ ବିବେଚିତ କରିଛି । ଚୀନ୍ ଦ୍ୱିତୀୟ ସର୍ବାଧିକ ୮୦୩, ଦକ୍ଷିଣ କୋରିଆ ୭୮୦, ଛୋଟିଆ ଦେଶ ହଂକଂ ୫୬୯, କାଜାଖସ୍ତାନ ୫୫୯, ଭାରତ ୪୯୬, ଫିଲିପାଇନ୍ସ ୪୪୭ ଓ ମାଲେସିଆ ୩୫୨ଜଣ ଆଥଲେଟଙ୍କୁ ଭାଗନେବାକୁ ସୁଯୋଗ ଦେଇଛି ।

### ୪୩ ଖେଳ, ୪୬୯ ପଦକ

ପ୍ୟାରିସ୍ ଅଲିମ୍ପିକ୍ସରେ ଖେଳାଯାଇଥିବା ଖେଳରୁ ୩ଟିକୁ ବାଦ୍ ଦେଇ ଏସିଆନ ଗେମ୍ସରେ ସମସ୍ତ ଖେଳକୁ ସାମିଲ କରାଯାଇଛି । ଏଥର ମୋଟ ୪୩ଟି ଖେଳରେ ପ୍ରତିଦ୍ୱନ୍ଦ୍ୱିତା ହେବ । ଏଥିରେ ୭୧ଟି ବିଭାଗ ରହିଛି, ଯେଉଁଥିରେ ମୋଟ ୪୬୯ଟି ପଦକ ପ୍ରଦାନର ବ୍ୟବସ୍ଥା ଅଛି । ୨୦୨୨ ହାଙ୍ଗଝୋଉ ଏସିଆନ ଗେମ୍ସରେ ଖେଳାଯାଇଥିବା ଖେଳରୁ ୧୨ଟି ଇଭେଣ୍ଟ କମ୍ ଏଠାରେ ଆୟୋଜିତ ହେବ । ଏଥର ଅଲିମ୍ପିକ୍ କାଉନ୍ସିଲ ଏସିଆ ୭ଟି, ଆଞ୍ଚଳିକ ଖେଳ ୫ଟି, ଆୟୋଜକ କମିଟି ୩ଟି ଖେଳକୁ ସାମିଲ କରିବାକୁ ସୁପାରିସ୍ କରିଥିଲା । ଏଗୁଡିକରେ ଏଥର ପ୍ରତିଯୋଗିତା ହେବ ।

### କ୍ରୀଡ଼ା ଗ୍ରାମ ଓ ଭେନ୍ୟୁ

ଏଠାରେ ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି କ୍ରୀଡ଼ା ଗ୍ରାମ । ଜାପାନରେ ଘର ତିଆରି ଲାଗି ବ୍ୟବହାର କରାଯାଉଥିବା ଉପକରଣର ମୂଲ୍ୟ ବିଶ୍ୱରେ ସର୍ବାଧିକ । ଏଥିଲାଗି ଆୟୋଜକମାନେ କ୍ରୀଡ଼ାଗ୍ରାମ ନିର୍ମାଣ ନ କରିବାକୁ ନିଷ୍ପତ୍ତି ନେଇଥିଲେ । କ୍ରୀଡ଼ାବିତ ଓ କର୍ମକର୍ତ୍ତାଙ୍କ ମଧ୍ୟରୁ ସର୍ବାଧିକ ସମୁଦ୍ର ମଧ୍ୟରେ ଥିବା ଯୁଦ୍ଧ ଜାହାଜ, ବିଭିନ୍ନ ଅତିଥିଗୃହ, ହୋଟେଲ ଆଦିରେ ରଖିବାକୁ ଯୋଜନା କରିବାକୁ ଅବ୍ୟବସ୍ଥା ସୃଷ୍ଟି ହୋଇଛି ।

ଅନ୍ୟ ପକ୍ଷରେ ଆଇଚି-ନାଗୋୟା ଟୋକିଓ କିମ୍ବା ଅନ୍ୟ ସହର ପରି ଏତେ ଉନ୍ନତ ନୁହେଁ । ଯାହା ଫଳରେ ସମସ୍ତ ଖେଳ ସେଠାରେ ଆୟୋଜକ କରିବା କଷ୍ଟକର ହୋଇପଡ଼ିଛି । ଏଣୁ କିଛି ଖେଳ ଗ୍ରେଟର ଟୋକିଓ ଏରିଆରେ ଆୟୋଜନ କରାଯାଉଛି । ସାଇକଲ ଚାଳନା ସିଜୁଓକାର ଇଜୁ ଭେଲୋଡ୍ରମ୍‌ରେ ଜଳକ୍ରୀଡ଼ା ଟୋକିଓର ରେନ୍‌ବୋ ପୁଲ୍‌ରେ ଓ ଟୋକିଓ ଆକ୍ୱାଟିକ୍ ସେଣ୍ଟରରେ, ଘୋଡ଼ାଦୌଡ଼ ଟୋକିଓ ଇକ୍ୱେଷ୍ଟ୍ରିଆନ୍ ପାର୍କରେ, ୱାଟର ପୋଲୋ ନିପନ ଗାଇସି ହଲ୍‌ରେ ଖେଳାଯିବାର ବ୍ୟବସ୍ଥାନ ହୋଇଛି । କ୍ରିକେଟ ଖେଳ ନିଶିନ୍‌ରେ କ୍ରିକେଟ ଖେଳାଯାଉଛି । ନାଗୋୟାର ପାଲୋମା ମିଜୁହୋ ସ୍ପୋର୍ଟ୍ସ ପାର୍କରେ ସବୁଠାରୁ ବଡ଼ ଇଭେଣ୍ଟ ଆଥଲେଟିକ୍ସ, ରଗ୍‌ବୀ ଓ ସିପଟାକ୍ର ଇଭେଣ୍ଟ ଖେଳାଯିବ । ଏଠାରେ ମଧ୍ୟ ବାସ୍କେଟବଲ, ଫୁଟବଲ, ଟେନିସ, ମାର୍ଶିଆଲ ଆର୍ଟ୍ସ, ରେସଲିଂ, ୱେଟଲିଫ୍ଟିଙ୍ଗ୍ ଜିମ୍ନାଷ୍ଟିକ୍ସ, ସାଇକ୍ଲିଂ ଓ ସ୍କ୍ୱାଶ ଖେଳାଯିବ । ସେହିପରି ଆଇଚି ପରଫେକ୍‌ଚରରେ ସଫ୍ଟବଲ, ସେଲିଂ, ମଡର୍ଣ୍ଣ ପେଣ୍ଟାଥଲନ, ଟ୍ରାଏଥଲନ, ବିଚ୍ ଭଲିବଲ, ବ୍ୟାଡ୍‌ମିଣ୍ଟନ, ହ୍ୟାଣ୍ଡବଲ୍, ଭଲିବଲ, ଗଲ୍ଫ, ବକ୍ସିଂ, କ୍ରିକେଟ, ଆର୍ଚରୀ, ବେସ୍‌ବଲ, କବାଡି, କରାଟେ, ସୁଟିଂ ଓ କାନୋଇଂ ଆଦି ପ୍ରମୁଖ ଇଭେଣ୍ଟ ଆୟୋଜିତ ହେବ ।






### ମୋଟୋ, ମାସ୍କଟ ଓ ଏମ୍ବ୍ଲେମ୍

ଏସିଆନ ଗେମ୍ସ ଆରମ୍ଭ ହେବାର ୬ ବର୍ଷ ପୂର୍ବରୁ ଏହାର ମୋଟୋ ସ୍ଥିର କରାଯାଇଥିଲା । 'ଗୋଟିଏ ଏସିଆର କଳ୍ପନା' ହେଉଛି ଆଇଚି-ନାଗୋୟା ଏସିଆନ ଗେମ୍ସର ମୋଟୋ । ୨୦୨୪ ଜୁଲାଇ ୧୪ରେ ମାସ୍କଟ ଉନ୍ମୋଚିତ ହୋଇଥିଲା । ହୋନୋହୋନ୍ ବା ଲେଲିହାନ ଅଗ୍ନିଶିଖା । ଏହାର ଅର୍ଥ ହେଉଛି ଉତ୍ସାହ, ଶକ୍ତ ଓ ଆତ୍ମୀୟତା ।

ଏହି କ୍ରୀଡ଼ାର ଏମ୍ବ୍ଲେମ ବା ପ୍ରତୀକ ଭାବେ କିଛି ରଙ୍ଗକୁ ଗ୍ରହଣ କରାଯାଇଛି । ବାଇଗଣି, ସୁନା ଓ ସବୁଜ ରଙ୍ଗକୁ ନେଇ ଏହି ଏମ୍ବ୍ଲେମ୍ ପ୍ରସ୍ତୁତ ହୋଇଛି । ବାଇଗଣି ରଙ୍ଗ ଆଇରିସ୍ ଲାଭିଗାଟା (ଜାପାନର ଏକପ୍ରକାର ଫୁଲ)କୁ ଦର୍ଶାଉଛି । ସୁନା ରଙ୍ଗ 'ଶାଚିହୋକୋ' ନାଗୋୟା ଦୁର୍ଗରେ ଥିବା ସୁନେଲି ବାଘ-ମାଛର ସ୍ଥାପତ୍ୟକୁ ବୁଝାଉଛି । ସବୁଜ ରଙ୍ଗ ପରିବେଶ ସଚେତନତାକୁ ପ୍ରତିନିଧିତ୍ୱ କରୁଛି ।

## ଅବ୍ୟବସ୍ଥାର ଆଉ ଏକ ନମୁନା: ପ୍ରଣତି-ଅଶୋକଙ୍କୁ ମିଳିଲା ଗୋଟିଏ ରୁମ୍

ନାଗୋୟା, ୧୮ ।୯ (ଏଜେନ୍ସି): ରାତି ପାହିଲେ ଏସିଆନ ଗେମ୍ସର ୨୦ତମ ସଂସ୍କରଣ ଉଦ୍‌ଘାଟିତ ହେବ । ତେବେ ଏଥିପୂର୍ବରୁ ଖରାପ ବ୍ୟବସ୍ଥାର ଆଉ ଏକ ଘଟଣା ସାମ୍ନାକୁ ଆସିଛି । ଯାହା ଜାପାନର ସମ୍ମାନକୁ ବଦନାମ କରିଛି । ସଦ୍ୟତମ ଘଟଣାଟି ହେଉଛି ଭାରତୀୟ ଜିମ୍ନାଷ୍ଟ ପ୍ରଣତି ନାୟକ ଓ ତାଙ୍କ ପ୍ରଶିକ୍ଷକ ଓଡ଼ିଶାର ଅଶୋକ ମିଶ୍ରଙ୍କୁ ରହିବା ଲାଗି ସମାନ ଗୋଟିଏ କୋଠରୀ ଆବଣ୍ଟିତ କରାଯାଇଥିଲା । ଏହାକୁ ନେଇ ଆୟୋଜକଙ୍କ ନିକଟରେ ଆପତ୍ତି ଉଠାଇଥିଲେ ମଧ୍ୟ କୌଣସି ସମାଧାନ କରାଯାଇ ନ ଥିଲା । ଶେଷରେ ପ୍ରଣତି ଏବଂ ତାଙ୍କ ପ୍ରଶିକ୍ଷକ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ (ଆଇଓଏ) ଅଧିକାରୀଙ୍କଠାରୁ ସହାୟତା ଲୋଡ଼ିଥିଲେ । ଆଇଓଏ ଅଧିକାରୀମାନେ ଫୋନ୍ କରି ପ୍ରଣତିଙ୍କୁ ଏକ ଅଲଗା କୋଠରୀ ଦେବା ଲାଗି ଆଶ୍ୱାସନା ଦିଆଯାଇଥିଲା । କିନ୍ତୁ ଅଶୋକ ଯେତେବେଳେ ବଦଳ କୋଠରୀର ଚାବି ଆଣିବାକୁ ଗଲେ, ତାଙ୍କୁ ଚାବି ମନା କରାଗଲା । ତାଙ୍କ ନାମ ରେକର୍ଡରେ ନାହିଁ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଥିଲା । ତେବେ ତଦନ୍ତ ପରେ ଏହି ସମସ୍ୟାର ସମାଧାନ ହୋଇଥିଲା । ଶେଷରେ ଗତକାଲି ଅପରାହ୍ନ ପ୍ରାୟ ୨ଟା ସମୟରେ ଅଶୋକ ତାଙ୍କ କୋଠରୀକୁ ପ୍ରବେଶ କରିପାରିଲେ ।

## ଅଗରକରଙ୍କ ଉପରେ ନିଷ୍ପତ୍ତି ନେବ ବୋର୍ଡ

ମୁମ୍ବଇ, ୧୮ ।୯ (ଏଜେନ୍ସି); ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ୯୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ମୁମ୍ବଇସ୍ଥିତ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଭବିଷ୍ୟତ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ । ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି କିମ୍ବା ନୂତନ ମୁଖ୍ୟ ଚୟନକର୍ତ୍ତାଙ୍କୁ ନିଯୁକ୍ତି ଦେବା ନିଷ୍ପତ୍ତି ବୋର୍ଡ ଅଧିକାରୀଙ୍କ ଉପରେ ଛାଡ଼ି ଦିଆଯାଇଛି । ଅଗରକରଙ୍କ କାର୍ଯ୍ୟକାଳ ୬ ଅକ୍ଟୋବରରେ ଶେଷ ହେବାକୁ ଯାଉଛି । ଫଳରେ ବିସିସିଆଇ ତାଙ୍କ ସ୍ଥାନରେ ଚୟନକମିଟିର ନୂତନ ଅଧ୍ୟକ୍ଷ ପଦ ଲାଗି ଆବେଦନ କରିପାରେ ।







## ଭାରତକୁ ଜିତାଇଲେ ଜୁନିଅର ସେହ୍ୱାଗ-ଦ୍ରାବିଡ୍

ରାଜକୋଟ, ୧୮ ।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ପ୍ରଥମ ୟୁଥ୍ (୧୯ ବର୍ଷରୁ କମ୍) ଦିନିକିଆରେ ଭାରତ ୭ ରନରେ ବିଜୟୀ ହୋଇଛି । ଦୁଇ ପୂର୍ବତନ କିଂବଦନ୍ତୀ କ୍ରିକେଟର୍ ବୀରେନ୍ଦ୍ର ସେହ୍ୱାଗ ଓ ରାହୁଲ ଦ୍ରାବିଡଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗ ଓ ଅନଭୟ ଦ୍ରାବିଡ ଭାରତକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବର୍ଷା ବାଧାପ୍ରାପ୍ତ ଯୋଗୁଁ ମ୍ୟାଚକୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୮ ୱିକେଟରେ ୧୮୨ ରନ କରିଥିଲା । ୟୁଥ୍ ଦଳରେ ପଦାର୍ପଣ କରିଥିବା ଆର୍ଯ୍ୟବୀର ପିତାଙ୍କ ପରି ଓପନିଂ ଆସି ୨୬ ବଲରେ ୨୮ ରନ କରିଥିଲେ । ଯେଉଁଥିରେ ସେ ୫ଟି ଚୌକା ମାରିଥିଲେ । ସେହିଭଳି ଦ୍ରାବିଡଙ୍କ ସାନ ପୁଅ ଅନଭୟ ୩ ଛକା ଓ ୨ ଚୌକା ବଳରେ ୧୮ ବଲରେ ୩୮ ରନର ଦ୍ରୁତ ପାଳି ଖେଳିଥିଲେ । ଜବାବରେ ଅଷ୍ଟ୍ରେଲିଆ ୭ ୱିକେଟରେ ୧୭୫ ରନ କରିବାକୁ ସମର୍ଥ ହୋଇଥିଲା ।

**ଦିନକ ପରେ ଓଡ଼ିଶା ଟି-୨୦ ଲିଗ୍**

## 'ରାଉରକେଲାର ସମସ୍ତେ ବିଜେତା'




ଭୁବନେଶ୍ୱର, ୧୮ ।୯ (ସମିସ): ରାଉରକେଲା ସୁପରଷ୍ଟାର୍ ଦଳରେ ସ୍ଥାନ ପାଇଥିବା ୧୬ଜଣ ଯାକ ଖେଳାଳି ଜଣେ ଜଣେ ମ୍ୟାଚ୍ ବିଜେତା । ବ୍ୟାଟିଂରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର ହୁଅନ୍ତୁ କି ସନ୍ଦୀପ ପଟ୍ଟନାୟକ କିମ୍ବା ଅଭିଷେକ ଯାଦବ । ବୋଲିଂରେ ମଧ୍ୟ ସମ୍ବିତ ବରାଳ, ପପୁ ରାୟଙ୍କ ଭଳି ଦକ୍ଷ ଖେଳାଳି ଦଳରେ ରହିଛନ୍ତି । ତେଣୁ ଆଗାମୀ ଓଡ଼ିଶା ଟି-୨୦ ଲିଗ୍‌ରେ ରାଉରକେଲା ଦଳ ବେଶ୍ ଭଲ ପ୍ରଦର୍ଶନ କରିବ ବୋଲି ମୁଖ୍ୟ କୋଚ୍ ବସନ୍ତ ମହାନ୍ତି କହିଛନ୍ତି । ବସନ୍ତଙ୍କ କହିବା ଅନୁଯାୟୀ ଆମେ ସପ୍ତାହେ ହେବ ସମସ୍ତ ଖେଳାଳି ଏକାଠି ହୋଇ ଅଭ୍ୟାସ ଆରମ୍ଭ କରିଛୁ । ବାରବାଟୀ ଗ୍ରାଉଣ୍ଡ ଉପଲବ୍ଧ ହୋଇ ନ ପାରିବାରୁ ଆମେ ଆଠଗଡ଼ସ୍ଥିତ ଏମଜିଏମ ଗ୍ରାଉଣ୍ଡରେ ଜୋରଦାର ଅଭ୍ୟାସ କରିଛୁ । ୨୦୧୦ରେ ଜଣେ ଖେଳାଳି ଭାବେ ରାଉରକେଲାକୁ ଓଡ଼ିଶା ପ୍ରିମିୟର ଲିଗ୍‌ରେ ଚାମ୍ପିଅନ କରାଇଥିଲି । ଏବେ କୋଚ୍ ଭାବରେ ଏହି ସଫଳତାକୁ ଦୋହରାଇବାକୁ ଲକ୍ଷ୍ୟ ରଖିଛି ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS